

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-18 ◆SUNDAY ◆12 JULY 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୮ ◆ରବିବାର ◆୧୨ ଜୁଲାଇ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଭିଏତ୍‌ନାମ୍‌ରେ ଡଙ୍ଗାବୁଡ଼ି

# ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦକ୍ଷିଣ ଭିଏତନାମର ଫୁ କ୍ୱକ ଦ୍ୱୀପ ନିକଟରେ ଏକ ଦ୍ରୁତଗାମୀ ଡଙ୍ଗା (ସ୍ପିଡ୍‌ବୋଟ୍) ବୁଡ଼ି ଯିବା ଫଳରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ଏହି ବୋଟ୍‌ରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ କ୍ରୁ ସଦସ୍ୟ ଥିଲେ। ଏହି ସ୍ପିଡ୍ ବୋଟ୍‌ଟି ହନ୍ ମେ ରୁତ୍ ଦ୍ୱୀପରୁ ଆନ୍ ଥୋଇ ବନ୍ଦର ଆଡ଼କୁ ଯାଉଥିବା ସମୟରେ କୂଳଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା। ସେହି ସମୟରେ ସମୁଦ୍ର ଅଶାନ୍ତ ଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ଦୂତାବାସ ଏହି ଦୁଃଖଦ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଭାବିତ ପରିବାର ଗୁଡ଼ିକୁ ସହାୟତା ଓ ସୂଚନା ପ୍ରଦାନ କରିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ହୋ ଚି ମିନ୍ ସିଟି ଏବଂ ହାନୋଇଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଫୁ-କ୍ୱକ୍ ହେଉଛି ଭିଏତନାମର ସବୁଠାରୁ ବଡ଼ ଦ୍ୱୀପ ଏବଂ ଏଠାକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଦୁର୍ଘଟଣା ପରେ ନିକଟରେ ଥିବା ଅନ୍ୟ ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଜଣେ ଡଙ୍ଗା ଚାଳକଙ୍କ କହିବା ଅନୁସାରେ, ସମୁଦ୍ର ଅଶାନ୍ତ ଥିବା ବେଳେ ଡଙ୍ଗାଟି ଓଲଟି ପଡ଼ିବାରୁ ଅନେକ ପର୍ଯ୍ୟଟକ ଭିତରେ ଫସି ରହିଥିଲେ, ଯେଉଁଥିପାଇଁ ଉଦ୍ଧାର କାର୍ଯ୍ୟ ବେଶ୍ କଷ୍ଟକର ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଜୁଲାଇ ମାସରେ ମଧ୍ୟ ଭିଏତନାମର ହା ଲଙ୍ଗ ବେ'ରେ ଏକ ଡଙ୍ଗା ବୁଡ଼ି ଯିବା ଫଳରେ ୩୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।



## ଖାମନେଇଙ୍କ ହତ୍ୟାର ପ୍ରତିଶୋଧ ନେବୁ: ଇରାନ

# ହତ୍ୟା ଉଦ୍ୟମ ହେଲେ କ୍ଷେପଣାସ୍ତ୍ର ବର୍ଷା: ଟ୍ରମ୍ପ

■ ୱାସିଂଟନ/ତେହରାନ, ୧୧।୭ (ଏଜେନ୍ସି): ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କ ମୃତ୍ୟୁ ହୋଇଥିଲା। ଏହି ହତ୍ୟାର ନିଶ୍ଚିତ ରୂପେ ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛନ୍ତି ଖାମନେଇଙ୍କ ଉତ୍ତରାଧିକାରୀ ପୁତ୍ର ମୁଜତବା ଖାମନେଇ। ଏକ ଲିଖିତ ବାର୍ତ୍ତାରେ ସେ କହିଛନ୍ତି ଯେ ବିନା ଦଣ୍ଡରେ ଶତ୍ରୁଙ୍କୁ ଛଡ଼ାଯିବ ନାହିଁ। ମୁଁ ବଞ୍ଚିଥାଏ କିମ୍ବା ନଥାଏ, କିନ୍ତୁ ଖାମନେଇଙ୍କ ସମେତ ଯେତେ ସହିଦ ହୋଇଛନ୍ତି ସମସ୍ତଙ୍କ ପାଇଁ ପ୍ରତିଶୋଧ ନିଶ୍ଚିତ ନିଆଯିବ। ଏହା ହେଉଛି ଦେଶବାସୀଙ୍କ ସଂକଳ୍ପ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପରମାଣୁ ପ୍ରକଳ୍ପ ପ୍ରସ୍ତୁତ କରୁଥିବା ନେଇ ଉପଗ୍ରହ ଚିତ୍ରରୁ ଜଣାପଡ଼ିବା ପରେ ମୁଜତବାଙ୍କ ଏହି ଚେତାବନୀ ଅଧିକ ଦୃଢ଼ୀଭୂତ ହୋଇଛି।

ଅନ୍ୟପକ୍ଷରେ ମୁଜତବା ଖାମନେଇଙ୍କ ଚେତାବନୀ ଉପରେ ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି, ଯଦି ଇରାନ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରେ, ତେବେ ଆମେରିକା ପକ୍ଷରୁ ଏହାର ଭୟଙ୍କର ଜବାବ ଦିଆଯିବ। ଏଥିପାଇଁ ୧,୦୦୦ କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଏହାର ଲକ୍ଷ୍ୟ ଇରାନ ଆଡ଼କୁ ରହିଛି। ଅସ୍ତ୍ରବିରତି ବୁଝାମଣା ଭଙ୍ଗ ଏବଂ ପରସ୍ପର ଉପରେ ଆକ୍ରମଣ ମଧ୍ୟରେ ଟ୍ରମ୍ପଙ୍କ ଏଭଳି ଧମକ ଉତ୍ତେଜନା ସୃଷ୍ଟି କରିଛି।

ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଜଣାଇଛନ୍ତି ଯେ, ଯଦି ଇରାନ ଆମେରିକାର ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ କୌଣସି ପ୍ରୟାସ କରେ, ତେବେ ଆମେରିକା ସେନାକୁ ପୂର୍ବରୁ ହିଁ ଆକ୍ରମଣ ପାଇଁ ସମସ୍ତ ଅନୁମତି ଦିଆସରିଛି। ଏହି ପ୍ରାଥମିକ ପ୍ରତିକ୍ରିୟା ପରେ ଆହୁରି ହଜାର ହଜାର ମିସାଇଲ୍ ଇରାନ ଉପରେ ନିକ୍ଷେପ କରାଯିବ। ଆମେରିକା ସେନାକୁ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନେ ଇରାନକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ପ୍ରସ୍ତୁତ ଅଛନ୍ତି, ଯାହା ଆବଶ୍ୟକ ସ୍ଥଳେ ଆଗକୁ ମଧ୍ୟ ବଢ଼ାଯାଇପାରିବ। ଟ୍ରମ୍ପ କହିଛନ୍ତି, ସେ ଦୀର୍ଘ ସମୟ ଧରି ଇରାନର ଟାର୍ଗେଟରେ ଅଛନ୍ତି। ତେବେ ବର୍ତ୍ତମାନ କୌଣସି ନୂତନ ଆକ୍ରମଣର ଆଶଙ୍କା ନାହିଁ କିମ୍ବା ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଏପରି କୌଣସି ଗୁପ୍ତ ସୂଚନା ମିଳିନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯିବ ନାହିଁ।

ସୂଚନାଯୋଗ୍ୟ ଯେ, ବର୍ଷ ୨୦୨୦ରେ ଆମେରିକାର ଏକ ଡ୍ରୋନ୍ ଆକ୍ରମଣରେ ଇରାନର ପ୍ରମୁଖ ସାମରିକ କମାଣ୍ଡର କାସେମ୍ ସୋଲେମାନିଙ୍କ ମୃତ୍ୟୁ ହୋଇଥିଲା, ଯାହାର ପ୍ରତିଶୋଧ ନେବାକୁ ଇରାନ ବାରମ୍ବାର ଧମକ ଦେଇଆସୁଛି। ଏହି ସମୟରେ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପୁଣି ଥରେ ଆମେରିକା ସହ ଆଲୋଚନା କରିବାକୁ ଚାହୁଁଛି। ଆମେରିକା ଏଥିପାଇଁ ରାଜି ହୋଇଥିଲେ ମଧ୍ୟ ପୂର୍ବରୁ ଚାଲିଥିବା ଯୁଦ୍ଧବିରତି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି ବୋଲି ଇରାନକୁ ସ୍ପଷ୍ଟ କରିଦେଇଛି।

**ଆକ୍ରମଣ ଲାଗି ଏକ ହଜାର ମିସାଇଲ୍ ପ୍ରସ୍ତୁତ**



## ଧାର୍ଯ୍ୟ ହେଲା ୩୯ଟି ନୂତନ ଔଷଧର ଖୁଚୁରା ମୂଲ୍ୟ

# ହୃଦ୍‌ରୋଗ ଇଞ୍ଜେକ୍‌ସନ୍ ମୂଲ୍ୟ ୭୦ ହଜାର ଟଙ୍କା

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ୩୯ଟି ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ସ୍ଥିର କରିଛି। ଏଥିରେ ଉଚ୍ଚ ରକ୍ତଚାପ, ମଧୁମେହ, ଏଚ୍‌ଆଇଭି, ହୃଦରୋଗ ଏବଂ ଚକ୍ଷୁ ସଂକ୍ରମଣ ଭଳି ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଅନ୍ତର୍ଭୁକ୍ତ। ଏହାଛଡା ହୃଦ୍‌ଘାତ ଘଟଣାରେ ଜମାଟ ବାନ୍ଧି ଥିବା ରକ୍ତକୁ ମିଳାଇ ଦେଉଥିବା ଦାବୀ ଟେନକ୍‌ଟେପ୍ଲାଜ୍ (ଟିଏନ୍‌କେ-ଟିପିଏ) ଇଞ୍ଜେକ୍‌ସନ୍ ମୂଲ୍ୟ ପ୍ରତି ଭାଏଲ୍ ୭୦,୨୩୮.୨୭ ଟଙ୍କା ଧାର୍ଯ୍ୟ କରାଯାଇଛି।

ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର, ୨୦୧୩ ଅନୁଯାୟୀ ଧାର୍ଯ୍ୟ ଏହି ମୂଲ୍ୟ ରୋଗୀମାନଙ୍କୁ ନିର୍ଦ୍ଧାରିତ, ସୁଲଭ ମୂଲ୍ୟରେ ଔଷଧ ପାଇବାକୁ ସକ୍ଷମ କରାଇବ। ତଥାପି, ଏନ୍‌ପିପିଏ ସ୍ପଷ୍ଟ କରିଛି ଯେ ଏହା ଔଷଧ ମୂଲ୍ୟ ହ୍ରାସ କରିବାର ନିଷ୍ପତ୍ତି ନୁହେଁ, ବରଂ ସେମାନଙ୍କର ସର୍ବାଧିକ ଖୁଚୁରା ମୂଲ୍ୟ ସ୍ଥିର କରିବାର ଏକ ପ୍ରକ୍ରିୟା।

ଏନ୍‌ପିପିଏ ଅନୁଯାୟୀ, ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ଆମ୍ଲୋଡିପିନ୍, ବିସୋପ୍ରୋଲୋଲ୍ ଏବଂ ଟେଲମିସାର୍ଟାନ୍ ଯୁକ୍ତ ଏକ ମିଶ୍ରଣ ଟାବଲେଟର ମୂଲ୍ୟ ପ୍ରତି ଟାବଲେଟ୍ ୧୪.୭୪ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସମୟରେ, ନେପାଫେନାକ୍ ଏବଂ ମୋକ୍ସିଫ୍ଲୋକ୍ସାସିନ୍ ଡ୍ରପ୍ (ଚକ୍ଷୁ ଅସ୍ତ୍ରୋପଚାର ପରେ ଜୀବାଣୁ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହୃତ)ର ମୂଲ୍ୟ ପ୍ରତି ମିଲିଲିଟର ୬୮.୬୪ ଟଙ୍କା ସ୍ଥିର କରାଯାଇଥିବାବେଳେ କ୍ଲୋପିଡୋଗ୍ରେଲ୍, ଆସ୍ପିରିନ୍ ଏବଂ ଆଟୋର୍ଭାଷ୍ଟାଟିନ୍ (ଯାହା ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ହ୍ରାସ କରେ) ଥିବା କ୍ୟାପସୁଲ୍ର ମୂଲ୍ୟ ପ୍ରତି କ୍ୟାପସୁଲ୍ ୬.୩୭ ଟଙ୍କା ଧାର୍ଯ୍ୟ ହୋଇଛି। ଏନ୍‌ପିପିଏ ସମସ୍ତ ଔଷଧର ଖୁଚୁରା ବ୍ୟବସାୟୀ ଏବଂ ଡିଲରମାନଙ୍କୁ କମ୍ପାନୀଙ୍କଠାରୁ ପ୍ରାପ୍ତ ମୂଲ୍ୟ ତାଲିକା ସ୍ପଷ୍ଟ ଭାବରେ ପ୍ରଦର୍ଶନ ▶ପୃଷ୍ଠା-୭

# ଚାକିରି ଛାଡୁଛନ୍ତି ଆଇପିଏସ୍

## ଭୁବନେଶ୍ୱର ଡିସିପି ମୀନାଙ୍କ ପରେ ପ୍ରୋବେସନର ରାମଦାସଙ୍କ ଇସ୍ତଫା

■ ଭୁବନେଶ୍ୱର, ୧୧।୭ (ସମିସ): ରାଜ୍ୟରେ ଆଇପିଏସ୍‌ଙ୍କ ମରୁଡି ପଡ଼ିଥିଲା ବେଳେ ଜଣଙ୍କ ପରେ ଜଣେ ଆଇପିଏସ୍ ଚାକିରି ଛାଡୁଛନ୍ତି। ପ୍ରଥମେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାକୁ ନେଇ ନାନା ଚର୍ଚ୍ଚା ହେଉଥିବା ବେଳେ ଏବେ ଓଡ଼ିଶା କ୍ୟାଡର୍‌ର ଆଉ ଜଣେ ଆଇପିଏସ୍ ଅଫିସର୍ ଇସ୍ତଫା ଦେଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶା କ୍ୟାଡର୍‌ର ଏହି ଆଇପିଏସ୍ ଜଣଙ୍କ ଓଡ଼ିଶାରେ ଅବସ୍ଥାପିତ ହେବା ପୂର୍ବରୁ ହିଁ ଚାକିରି କରିବେନି ବୋଲି ମନା କରିଦେଇଛନ୍ତି। ଟ୍ରେନିଂ ବେଳଠାରୁ ହିଁ ସେ ପୁଲିସ ଚାକିରିରୁ ଅବ୍ୟାହତି ନେବାକୁ ବସିଛନ୍ତି। ପ୍ରୋବେସନରେ ଥିବା ଏହି ଆଇପିଏସ୍ ଅଧିକାରୀ ଜଣଙ୍କ ହେଲେ ସି.ଏ ରାମଦାସ। ୨୦୨୫ ବ୍ୟାଚ୍‌ର ଏହି ଆଇପିଏସ୍‌ଙ୍କ ବୟସ ୩୩ ହୋଇଥିଲା ବେଳେ ସେ ହାଇଦରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସନାଲ ପୁଲିସ ଏକାଡେମୀରେ ପ୍ରୋବେସନର ଭାବେ ଟ୍ରେନିଂ ନେଉଛନ୍ତି। ମହାରାଷ୍ଟ୍ରର ଏହି ଆଇପିଏସ୍‌ଙ୍କୁ ମାତ୍ର କିଛିଦିନ ତଳେ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଥିଲା। ସେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିଥିଲା ବେଳେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୁଲିସ ଡିଜି ୱାଇ. ବି ଖୁରାନିଆ କହିଛନ୍ତି ଆମେ ତାଙ୍କର ଇସ୍ତଫା ପତ୍ର ପାଇଛୁ। ପ୍ରଶିକ୍ଷଣରେ ଥିବାରୁ ଏପର୍ଯ୍ୟନ୍ତ ସେ ଓଡ଼ିଶାରେ କାର୍ଯ୍ୟ କରି ନାହାନ୍ତି। ତେବେ କ'ଣ ପାଇଁ ସେ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣା ନାହିଁ। ▶ପୃଷ୍ଠା-୭



**ଓଡ଼ିଶା ନ ଆସି ହାଇଦ୍ରାବଦରେ ପ୍ରଶିକ୍ଷଣ ବେଳେ ଦେଲେ ଇସ୍ତଫା**

## ପଢ଼ାବହିରେ ମାଳମାଳ ତ୍ରୁଟି

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ


■ ଭୁବନେଶ୍ୱର, ୧୧।୭ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାର ଅପରାଧିକ ତଦନ୍ତ (କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍) ହେବ। ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଘଟଣା ସମ୍ପର୍କରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏଫ୍‌ଆଇଆର୍ ଦେବାକୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାକୁ ଷଡ଼ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଏହାର ମୂଳକୁ ପହଞ୍ଚିବ ବୋଲି ଆଶା କରାଯାଉଛି।

ପଢ଼ା ବହିରେ ତ୍ରୁଟି ଘଟଣା ଓଡ଼ିଶା ସମେତ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିବା ସହ ଓଡ଼ିଶା ନିନ୍ଦିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷାବିତ୍ ଓ ବିଭିନ୍ନ ରାଜନୈତିକ ଦଳ ଏହାକୁ କଡ଼ା ସମାଲୋଚନା କରିଥିଲେ। ଏହି ଘଟଣା କ୍ଷୀପ୍ର ବେଗରେ ଅସନ୍ତୋଷ ସୃଷ୍ଟି କରୁଥିବାବେଳେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଏକ ତଦନ୍ତ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଆଧାରରେ ସରକାର ପୂର୍ବତନ ଏସ୍‌ସିଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

**ଅଗଷ୍ଟରେ ବିରତି ନେବ ମୌସୁମୀ**

# ଶୁଖିଲା ପଡ଼ିବ ଅଧା ଭାରତ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପରେ ବର୍ତ୍ତମାନ ମୌସୁମୀର ଗତିପଥରେ ପରିବର୍ତ୍ତନ ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ବର୍ତ୍ତମାନ ବର୍ଷାର ପରିମାଣ କମିଯିବ ଏବଂ ପୁଣି ଥରେ ଖରା ସହ ପ୍ରବଳ ଗୁଳୁଗୁଳି ପାଗ ଫେରିବ। ବିଗତ ୯ ଦିନ ଧରି ଲଗାତାର ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ପରେ ଏହି ବିରତି ଆସିବାକୁ ଯାଉଛି। ମୌସୁମୀର ମୁଖ୍ୟ ପ୍ରବାହ ବଳୟ ବର୍ତ୍ତମାନ ହିମାଳୟର ପାଦଦେଶ ଆଡ଼କୁ ଗତି କରୁଛି। ଏହାଫଳରେ ପଶ୍ଚିମ ଦିଗରୁ ଶୁଖିଲା ପବନ ଦେଶ ମଧ୍ୟକୁ ପ୍ରବେଶ କରିବ ଏବଂ ଆଗାମୀ ୫ ରୁ ୭ ଦିନ ପର୍ଯ୍ୟନ୍ତ ବର୍ଷାର ପରିମାଣ ହ୍ରାସ ପାଇବ। ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ପ୍ରମୁଖ ରାଜ୍ୟଗୁଡ଼ିକ ହେଲା- ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନା। ଏହି ସବୁ ଅଞ୍ଚଳରେ ଶୁଖିଲା ପାଗ ସହିତ ବାୟୁମଣ୍ଡଳରେ ଆଦ୍ରତା ଅଧିକ ରହିବା ହେତୁ ତାପମାତ୍ରା ୪୫ ରୁ ୫୦ ଡିଗ୍ରୀ ସେଲସିୟସ ଭଳି ଅନୁଭୂତ ହୋଇପାରେ, ଯାହା ଅତ୍ୟନ୍ତ କଷ୍ଟଦାୟକ ହେବ। ମୌସୁମୀର ଗତିପଥ ବଦଳିବା ଯୋଗୁଁ ପାହାଡ଼ିଆ ଏବଂ ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ସିକିମ୍ ଏବଂ ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ଆକଳନ କରିଥିଲା। ଜୁଲାଇ ମଧ୍ୟଭାଗରେ ଏଭଳି ଶୁଖିଲା ପାଗ ଯୋଗୁଁ ବିଶେଷ କରି ଧାନ ଭଳି ଖରିଫ ଫସଲ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ। ଯେଉଁ ଚାଷୀମାନଙ୍କ ପାଖରେ ଜଳସେଚନର ସୁବିଧା ନାହିଁ, ସେମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ଜୁଲାଇ ଶେଷ ଆଡ଼କୁ ପୁଣି ଥରେ ବର୍ଷାର ପରବର୍ତ୍ତୀ ପର୍ଯ୍ୟାୟ ସକ୍ରିୟ ହେବାର ସମ୍ଭାବନା ରହିଛି।



**ଅନେକ ରାଜ୍ୟକୁ ଫେରିବ ଶୁଖିଲା, ଗୁଳୁଗୁଳି ପାଗ**

# ବିଶିଷ୍ଟ କଣ୍ଠଶିଳ୍ପୀ ଏସ୍ ଜାନକୀଙ୍କ ପରଲୋକ



■ ମହୀଶୂରୁ, ୧୧।୭ (ଏଜେନ୍ସି): ଭାରତୀୟ ସିନେମା ଜଗତର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଏସ୍ ଜାନକୀ ଆଉ ନାହାନ୍ତି। ୮୮ ବର୍ଷ ବୟସରେ ଆଜି ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦକ୍ଷିଣ ଭାରତର ନାଇଟଙ୍ଗଲ ରୂପେ ପରିଚିତ ଜାନକୀ ଗତକିଛି ଦିନ ଧରି ଅସୁସ୍ଥ ଥିଲେ ଏବଂ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଆନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ଜାନକୀ ୬ ଦଶନ୍ଧି ଧରି ଭାରତୀୟ ସଙ୍ଗୀତ ଦୁନିଆରେ ସକ୍ରିୟ ଥିଲେ। ସେ ଓଡ଼ିଆ ସମେତ ୨୦ଟି ଭାରତୀୟ ଭାଷାରେ ୪୦ ହଜାରରୁ ଅଧିକ ଗୀତ ଗାଇଥିଲେ। ଏଥିରେ ଓଡ଼ିଆ ବ୍ୟତୀତ ହିନ୍ଦୀ, ତାମିଲ, ତେଲୁଗୁ, ମଲାୟଲମ, କନ୍ନଡ, ବଙ୍ଗଳା, ତୁଲୁ, ଉର୍ଦ୍ଦୁ ଏବଂ ପଞ୍ଜାବୀ ଭାଷା ମଧ୍ୟ ସାମିଲ ରହିଛି। ୨୦୧୬ରେ ସଙ୍ଗୀତ ଦୁନିଆକୁ ଅଲବିଦା କହିଥିବା ଜାନକୀ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟନ ପାଇଁ ୪ ଥର ନେସନାଲ ଫିଲ୍ମ ଫେୟାର ଆୱାର୍ଡ ପାଇଥିଲେ। ଏହାସହିତ ଏହି ମହାନ କଳାକାରଙ୍କୁ ୩୩ଟି ରାଜ୍ୟ ଫିଲ୍ମ ପୁରସ୍କାର ସମେତ ଅନେକ ସରକାରୀ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା।

## ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଲା

# କୋର୍ଟରେ ଆରମ୍ଭ ହୋଇନି ଶୁଣାଣି

■ ଭୁବନେଶ୍ୱର/ବାଲେଶ୍ୱର, ୧୧।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଛି। ଅଧ୍ୟାପକ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ ନ କରିବାର କରୁଣ ପରିଣତି ସାରା ଦେଶ ଦେଖିଛି। ଏହାପରେ ଶିକ୍ଷାନୁଷ୍ଠାରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ସେତେବେଳେ ହଟଚମଟ ସୃଷ୍ଟି ହୋଇଥିବାବେଳେ ସରକାର ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାତ୍ର ଏବେ ମଧ୍ୟ ସୌମ୍ୟାଶ୍ରୀଙ୍କ ପରି ବହୁ ନିର୍ଯାତିତ ଛାତ୍ରୀ ନ୍ୟାୟ ଅପେକ୍ଷାରେ ରହିବା ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।



ସଦ୍ୟତମ ସୂଚନା ଅନୁଯାୟୀ, ସୌମ୍ୟାଶ୍ରୀଙ୍କୁ ନିର୍ଯ୍ୟାତନା ଦେଇଥିବା ଅଧ୍ୟାପକ ସମୀର ନାୟକ ଏବେ ଜେଲ୍‌ରେ ଥିବାବେଳେ ଆତ୍ମଦାହ ପାଇଁ ଉସୁକାଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇ ସଦସ୍ୟ ଓ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇ ନଥିବା କଲେଜ ଅଧ୍ୟକ୍ଷଙ୍କୁ ବେଲ୍ ମିଳି ସାରିଛି। ଏହି ଘଟଣାର ତଦନ୍ତ ଭାର ସରକାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରିଥିବାବେଳେ ଇତି ମଧ୍ୟରେ ତଦନ୍ତ ମଧ୍ୟ ସରିଛି। ଘଟଣାର ତଦନ୍ତ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ହୋଇଛି। କୋର୍ଟରେ ଏହାର ଶୁଣାଣୀ ଆରମ୍ଭ ହେବ।

ବାଲେଶ୍ୱରରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ୧୪ଟି ଛାତ୍ରୀ ନିର୍ଯ୍ୟାତନା ମାମଲାରେ ସରକାର ତ୍ୱରିତ ପଦକ୍ଷେପ ନେଇଥିଲେ। ମାତ୍ର ଲୋକଙ୍କ ମନରୁ ଏହି ମାମଲା ଅପସରି ଗଲା ପରେ ସ୍ଥିତି ପୂର୍ବପରି ରହିଛି। ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରେ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀମାନେ ▶ପୃଷ୍ଠା-୭

**ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ସରିଛି: କ୍ରାଇମ୍‌ବ୍ରାଞ୍ଚ ଡିଜି**

**ଏବେବି ନ୍ୟାୟ ଅପେକ୍ଷାରେ ଅନେକ ନିର୍ଯାତିତ ଛାତ୍ରୀ**

# ଶସ୍ତା ହେବ ବିନା ଡାଟାବାଲା ରିଚାର୍ଜ ପ୍ଲାନ୍

## ୩୦୦ରୁ ଏକାଥରେ ୧୦୦ ଟଙ୍କା ହେବ!

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଖୁବ୍ ଶୀଘ୍ର ଦେଶରେ ଡାଟା ବିନାରେ ମିଳୁଥିବା ମୋବାଇଲ୍ ରିଚାର୍ଜ ପ୍ଲାନ୍ ଶସ୍ତା ହୋଇପାରେ। ବର୍ତ୍ତମାନ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଏହି ପଦକ୍ଷେପ ଉପରେ କାମ କରୁଛି। ଟ୍ରାଇ›ଟେଲିକମ୍ ଉପଭୋକ୍ତା ସୁରକ୍ଷା ନିୟମାବଳୀ ୨୦୨୬ରେ ଏକ ନୂତନ ଚିଠା ପ୍ରସ୍ତାବ ପ୍ରକାଶ କରିଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ଯଦି ଆପଣଙ୍କୁ ଡାଟା ଆବଶ୍ୟକ ନାହିଁ, ତେବେ ଏଥିପାଇଁ କାହିଁକି ଦେୟ ଦେବାକୁ ପଡିବ। ଟ୍ରାଇ ଏହି ପ୍ରସ୍ତାବକୁ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ଅଂଶୀଦାରଙ୍କଠାରୁ ପରାମର୍ଶ ଆମନ୍ତ୍ରଣ କରିଛି। ମୋବାଇଲ୍ ପ୍ଲାନ୍‌ର ମୂଲ୍ୟରେ ୫୦-୭୦% କେବଳ ଡାଟା ପାଇଁ ନିଆଯାଉଛି। ଏଭଳି କ୍ଷେତ୍ରରେ ନୂତନ ନିୟମ ଲାଗୁ ହେବା ପରେ କେବଳ 'କଲ୍ ଏବଂ ଏସ୍‌ଏମ୍‌ଏସ୍ ପ୍ଲାନ୍‌ର ମୂଲ୍ୟ ଅଧାରୁ କମ୍ ହୋଇଯିବ। ▶ପୃଷ୍ଠା-୭

# ମା'ଙ୍କ ପୂର୍ବରୁ ବାପାଙ୍କୁ ବି ହତ୍ୟା କରିଥିଲା ଝିଅ!

ଜୟପୁର, ୧୧।୭(ଏଜେନ୍ସି): ଜୟପୁରର ଚାଞ୍ଚଲ୍ୟକର ମାଆ ହତ୍ୟା ମାମଲାରେ ବର୍ତ୍ତମାନ ଏକ ନୂଆ ମୋଡ଼ ଆସିଛି। ଗିରଫ ହୋଇଥିବା ଆଇନ ଛାତ୍ରୀ ଆୟୁଷୀ କେବଳ ନିଜ ମାଆ ନୁହେଁ, ବରଂ ଗତବର୍ଷ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରିଥିବା ନେଇ ତାଙ୍କ ମାମୁଁ ରାକେଶ ଶର୍ମା ଅଭିଯୋଗ କରିଛନ୍ତି। ସମ୍ପତ୍ତି ଏବଂ ମାଆଙ୍କ ସରକାରୀ ଚାକିରି ପାଇବା ଆଶାରେ ଆୟୁଷୀ ଏହି ସବୁ କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି। ଗତ ଜୁଲାଇ ୩ ତାରିଖରେ ଆୟୁଷୀଙ୍କ ମାଆ ନୀରଜ ଶର୍ମାଙ୍କୁ ଏକ ଏସୟୁଭି ଗାଡ଼ି ମାଡ଼ କରି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ଆୟୁଷୀ ନିଜ ପିଉସୀ ପୁଅ ଭାଇ ବଳରାମ ସହ ମିଶି ୭ ଲକ୍ଷ ଟଙ୍କାରେ ସୁପାରି କିଲର ନିଯୁକ୍ତ କରିଥିଲେ। ପୁଲିସ ଏହି ମାମଲାରେ ୫ ଜଣ ସୁପାରି କିଲର ଓ ଆୟୁଷୀଙ୍କୁ ଗିରଫ କରି ସାରିଛି। ବର୍ତ୍ତମାନ ଆୟୁଷୀଙ୍କ ମାମୁଁ ଅଭିଯୋଗ ଆଣିଛନ୍ତି ଯେ, ଗତବର୍ଷ ବାପା ବିଜୟ ଶର୍ମା ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେବା ପରେ ଆୟୁଷୀ ଓ ବଳରାମ ପରିବାରକୁ ଅନ୍ଧାରରେ ରଖି ତାଙ୍କୁ ଏକ ଅଜ୍ଞାତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ପରେ ତାଙ୍କର ଖାଦ୍ୟ ନଳୀ (ଫିଡିଂ ଟ୍ୟୁବ୍) କାଢ଼ି ଦେଇ ତାଙ୍କୁ ହତ୍ୟା କରିଥିଲେ। ପୁଲିସ ସୂଚନା ଅନୁସାରେ, ଆୟୁଷୀଙ୍କ ସହ ତାଙ୍କ ପିଉସା ମୋହନ ଓ ଭାଇ ବଳରାମ ମଧ୍ୟ ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଏହି ତିନିଜଣ ପରିବାରର




ସମସ୍ତ ସମ୍ପତ୍ତିକୁ ନିଜ ମଧ୍ୟରେ ବାଣ୍ଟିବାକୁ ଯୋଜନା କରିଥିଲେ। ଆୟୁଷୀ ଏବଂ ବଳରାମଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ମଧ୍ୟ ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ଫେରାର୍ ଥିବା ବଳରାମକୁ ଖୋଜୁଥିବା ବେଳେ ବାପାଙ୍କ ହତ୍ୟା ଅଭିଯୋଗକୁ ନେଇ ଆୟୁଷୀଙ୍କୁ ଅଧିକ ପଚରାଉଚରା ଜାରି ରଖିଛି।

# ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇ ହାଇଦରାବାଦର ଦମ୍ପତି ନିଖୋଜ

ହାଇଦରାବାଦ୍, ୧୧।୭(ଏଜେନ୍ସି): ସ୍ୱିଜରଲ୍ୟାଣ୍ଡକୁ ଛୁଟି କାଟିବାକୁ ଯାଇଥିବା ହାଇଦରାବାଦର ଜଣେ ଦମ୍ପତି ନିଖୋଜ ହୋଇଯାଇଛନ୍ତି। ଗତ ୨୦ ଦିନରୁ ଅଧିକ ସମୟ ହେବ ସେମାନଙ୍କର ପରିବାର ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ଦମ୍ପତିଙ୍କର ଦୁଇଟି ଯାକ ମୋବାଇଲ୍ ଫୋନ୍ ବନ୍ଦ ରହିଥିବାରୁ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ନିଖୋଜ ଦମ୍ପତି ହାଇଦରାବାଦ ଚେର୍ଲାପଲ୍ଲୀ ଅଞ୍ଚଳର ପଦ୍ମା ଚନ୍ଦ୍ରଶେଖର ଓ ତାଙ୍କ ପତ୍ନୀ ପଦ୍ମା ସ୍ୱପ୍ନା ବୋଲି ଚିହ୍ନଟ ହୋଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଏହି ଦମ୍ପତି ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇଥିଲେ ଏବଂ ଯାତ୍ରାର ପ୍ରାରମ୍ଭିକ ଦିନଗୁଡ଼ିକରେ ସେମାନେ ପରିବାର ସହ



**୫୦ କୋଟି ଠକିଥିବା ଅଭିଯୋଗ**

ନିୟମିତ ଯୋଗାଯୋଗରେ ଥିଲେ। କିନ୍ତୁ ଏହାପରେ ହଠାତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ୩ ସପ୍ତାହରୁ ଅଧିକ ସମୟ ଚେଷ୍ଟା କରିବା ପରେ ମଧ୍ୟ ବାପାମାଆଙ୍କ ସହ କୌଣସି ସମ୍ପର୍କ ହୋଇନପାରିବାରୁ ଶେଷରେ ସେମାନଙ୍କ ଝିଅ ପଦ୍ମା ଶ୍ରେୟା ଜୁଲାଇ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କ ଅଭିଯୋଗ ଆଧାରରେ ଚେର୍ଲାପଲ୍ଲୀ ପୋଲିସ ମାମଲା ରୁଜୁ କରି ଦମ୍ପତିଙ୍କ ସନ୍ଧାନ ଆରମ୍ଭ କରିଛି। ବର୍ତ୍ତମାନ ସେମାନେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି କି ନାହିଁ, ତାହା ଜାଣିବା ପାଇଁ ପୋଲିସ ସେମାନଙ୍କ ଯାତ୍ରା ବିବରଣୀ, ବିମାନ ଟିକେଟ ଓ ଇମିଗ୍ରେସନ ରେକର୍ଡ ଯାଞ୍ଚ କରୁଛି।

ଅନ୍ୟପକ୍ଷରେ ସେମାନଙ୍କ ବିରୋଧରେ ୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ମଧ୍ୟ ହୋଇଛି। ଅଧିକ ଲାଭର ଆଶା ।।ଦେଖାଇ ସେମାନେ ୬୦ ଜଣଙ୍କ ଠାରୁ ୫୦ କୋଟି ଟଙ୍କା ନେଇଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ବ୍ୟବସାୟୀ ଦଂପତି ଚିଟ୍‌ଫଣ୍ଡ ବ୍ୟବସାୟ ଚଳାଇଥିଲେ। ସେମାନେ ଜାଣିଶୁଣି ନିଖୋଜ ହୋଇଯାଇ ନାହାନ୍ତି ତ? ଏହି ଦିଗକୁ ନେଇ ମଧ୍ୟ ପୁଲିସ ଯାଞ୍ଚ ଚଳାଇଛି।

### ରାମ ମନ୍ଦିର ଚାନ୍ଦା ଚୋରି

# ମହିଳା ସିଇଓ ନିଯୁକ୍ତ ହୋଇପାରନ୍ତି

ଅଯୋଧ୍ୟା, ୧୧।୭(ଏଜେନ୍ସି): ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଟ୍ରଷ୍ଟ କେତେକ ନିର୍ଦ୍ଦିଷ୍ଟ ଯୋଗ୍ୟତା ଓ ସର୍ତ୍ତାବଳୀ ସ୍ଥିର କରିଛି। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ୧୮, ୨୦୨୬ ସୁଦ୍ଧା ଆବେଦନ କରିପାରିବେ। ଆବେଦନକାରୀ ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଆଇଏଏସ୍) କିମ୍ବା ସମକକ୍ଷ ସରକାରୀ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ। ପ୍ରାର୍ଥୀ ସନାତନ ଧର୍ମ ପ୍ରତି ଗଭୀର ବିଶ୍ୱାସ ଓ ନିଷ୍ଠା ରଖିଥିବା ଜରୁରୀ। ପ୍ରାର୍ଥୀଙ୍କ ବୟସ ୬୦ରୁ ୬୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ମନ୍ଦିର ପ୍ରଶାସନ, ଭକ୍ତଙ୍କ ସୁବିଧା ସୁଯୋଗର



ପରିଚାଳନା ଏବଂ ଟ୍ରଷ୍ଟର ଆଗାମୀ ବୃହତ ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଏହି ନିଯୁକ୍ତି କରାଯାଉଛି। ପ୍ରାପ୍ତ ଆବେଦନଗୁଡ଼ିକର ଯାଞ୍ଚ ପରେ ଟ୍ରଷ୍ଟର ବରିଷ୍ଠ କମିଟି ଦ୍ୱାରା ଚୂଡ଼ାନ୍ତ ପ୍ରାର୍ଥୀ ଚୟନ କରାଯିବ। ରାମ ମନ୍ଦିରକୁ ମିଳୁଥିବା ଦାନ ଏବଂ ଚାନ୍ଦା ଆଦାୟରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ଶନିବାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛି। କଂଗ୍ରେସ ମୁଖପାତ୍ର ଅଜୟ ଉପାଧ୍ୟାୟ ଏହାକୁ 'ଆସ୍ଥା ନାମରେ ଲୁଟ୍' ବୋଲି ଅଭିହିତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା କହିଛନ୍ତି ଯେ ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ, ବରଂ କୋଟି କୋଟି ଭକ୍ତଙ୍କ ବିଶ୍ୱାସ ସହ ବିଶ୍ୱାସଘାତକତା। ନକଲି ରସିଦ ଏବଂ ନଗଦ ଦାନ ହେରଫେରର ଅଭିଯୋଗ ଆସିବା ପରେ ମଧ୍ୟ କେବଳ ତଳସ୍ତରର କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କିନ୍ତୁ ଶୀର୍ଷ ଅଧିକାରୀଙ୍କୁ ଛଡ଼ାଯାଇଛି ବୋଲି ସେ କହିଛନ୍ତି।

# ବିଧାୟକଙ୍କୁ ୨୦ କୋଟି ଯଚାଯାଇଛି: ଓମାର

ଶ୍ରୀନଗର, ୧୧।୭(ଏଜେନ୍ସି): ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଜେପି ବିରୋଧରେ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଜାମ୍ମୁର ଜଣେ ନ୍ୟାସନାଲ କନଫରେନ୍ସ ବିଧାୟକଙ୍କୁ ଦଳ ବଦଳ କରି ବିଜେପିରେ ସାମିଲ ହେବା ପାଇଁ ୨୦ ରୁ ୩୦ କୋଟି ଟଙ୍କା, ମନ୍ତ୍ରୀ ପଦ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରସ୍ତ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସେ ଦାବି କରିଛନ୍ତି। ବିଜେପି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି। ଶ୍ରୀନଗରରେ ଏକ ଜନସଭାକୁ ସମ୍ବୋଧିତ କରି ଓମାର



ଅବଦୁଲ୍ଲା କହିଛନ୍ତି ଯେ ବିଜେପି ସହ ଜଡ଼ିତ ସୁପ୍ରିମକୋର୍ଟର ଜଣେ ଓକିଲ ଏହି ବିଧାୟକଙ୍କ ସହ ଏକ ବନ୍ଦ କୋଠରୀରେ ବୈଠକ କରି ଏହି ଅଫର ଦେଇଥିଲେ, ଯାହା ବିଷୟରେ ବିଧାୟକ ଜଣକ ତାଙ୍କୁ ବ୍ୟକ୍ତିଗତ ଭାବେ ଜଣାଇଛନ୍ତି। ନିର୍ବାଚିତ ସରକାରକୁ ଦୁର୍ବଳ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି, କିନ୍ତୁ ଦଳର କୌଣସି ବିଧାୟକ ବିକ୍ରି ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ଓମାର ଅବଦୁଲ୍ଲା ଜାମ୍ମୁ ଓ କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରାଇବାରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚିତ ସରକାର କାର୍ଯ୍ୟଭାର ଗ୍ରହଣ କରିବାର ପ୍ରାୟ ୧୮ ମାସ ପରେ ମଧ୍ୟ କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ପାହ୍ୟା ଫେରସ୍ତ ପାଇବା ଜାମ୍ମୁ କାଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ଅଧିକାର ଏବଂ କେନ୍ଦ୍ର ସରକାର ବିନା କୌଣସି ବିଳମ୍ବରେ ଏହି ପ୍ରତିଶ୍ରୁତି ପୂରଣ କରିବା ଉଚିତ।

# ଟିକଟ କଟିବାରୁ ବିଜେପି ନେତା ସମର୍ଥକଙ୍କ ଉଗ୍ର ବିକ୍ଷୋଭ

ଭୋପାଳ, ୧୧।୭(ଏଜେନ୍ସି): ମଧ୍ୟପ୍ରଦେଶ ଦାତିଆ ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ନିଜର ବରିଷ୍ଠ ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ନରୋତ୍ତମ ମିଶ୍ରଙ୍କ ଟିକେଟ୍ କାଟି ସମସ୍ତଙ୍କୁ ଚକିତ କରିଦେଇଛି। ଦଳ ଶେଷ ମୁହୂର୍ତ୍ତରେ ସଂଗଠନର ପୁରୁଣା ଚେହେରା ଆଶୁତୋଷ ତିୱାରୀଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିଛି। ଏହି ନିଷ୍ପତ୍ତି ପରେ ଦାତିଆ ବିଜେପି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ରାଜପଥକୁ ଓହ୍ଲାଇ ଜୋରଦାର ବିରୋଧ ପ୍ରଦର୍ଶନ କରିଛନ୍ତି। ଅନେକ ମହିଳା ସମର୍ଥକ ରାସ୍ତାରେ ଶୋଇ ରହି ପ୍ରତିବାଦ କରିଥିବା ବେଳେ ଗ୍ୱାଲିୟର-



ଝାନ୍ସୀ ଜାତୀୟ ରାଜପଥକୁ ୧୨ ଘଣ୍ଟା ଧରି ଅବରୋଧ କରାଯାଇଛି। କେତେକ ସ୍ଥାନରେ ପଥରମାଡ଼ ଓ ଗଣ୍ଡଗୋଳ ହେବା ଯୋଗୁଁ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଛି। ଅନେକ ଦଳୀୟ ପଦାଧିକାରୀ ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଅନୁସାରେ, ନରୋତ୍ତମ ମିଶ୍ର ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ହଜାର ହଜାର ନେତାଙ୍କୁ ବିଜେପିରେ ସାମିଲ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଆସନଟି କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କ ସଦସ୍ୟତା ରଦ୍ଦ ହେବା ପରେ ଖାଲି ପଡ଼ିଥିଲା। ଆସନ୍ତା ଜୁଲାଇ ୩୦ ତାରିଖରେ ଏଠାରେ ଭୋଟ୍ ଗ୍ରହଣ ହେବ ଏବଂ ଅଗଷ୍ଟ ୩ ତାରିଖରେ ଭୋଟ୍ ଗଣତି କରାଯିବ।



# ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଲା ଇରାନ

## ଇରାନ ପୁଣି ନିର୍ମାଣ କରୁଛି ପରମାଣୁ ପ୍ରକଳ୍ପ

ତେହରାନ, ୧୧।୭(ଏଜେନ୍ସି): ଆମେରିକା ବିମାନ ଆକ୍ରମଣରେ ଧ୍ୱଂସ ହୋଇଯାଇଥିବା ନିଜର ଏକ ପ୍ରମୁଖ ଭୂତଳ ପରମାଣୁ ପ୍ରକଳ୍ପକୁ ଇରାନ ପୁଣି ଥରେ ନିର୍ମାଣ କରୁଥିବା ନୂତନ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ଗଣମାଧ୍ୟମ ଓ ପ୍ରତିରକ୍ଷା ସଂସ୍ଥାଗୁଡ଼ିକ ଦ୍ୱାରା ଜାରି ଏହି ଚିତ୍ରଗୁଡ଼ିକ ପାର୍‌ଚିନ ସାମରିକ କମ୍ପ୍ଲେକ୍ସ ଭିତରେ ଥିବା 'ତାଲେଘାନ-୨' ଗୁପ୍ତ ଭୂତଳ କେନ୍ଦ୍ରର ବୋଲି ଜଣାପଡ଼ିଛି। ଜୁନ୍ ଏବଂ ଜୁଲାଇ ୨୦୨୬ ମଧ୍ୟରେ ନିଆଯାଇଥିବା ଚିତ୍ରରୁ ସ୍ପଷ୍ଟ ହେଉଛି ଯେ, ଇରାନ ଆକ୍ରମଣରେ ହୋଇଥିବା କ୍ଷୟକ୍ଷତିର ଆକଳନ ସାରି ଏବେ ସେଠାରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଛି। ବୋମା ମାଡ଼ ହୋଇଥିବା ଗାତଗୁଡ଼ିକୁ କଂକ୍ରିଟ୍ ଓ ଲୁହା ରଡ୍ ସାହାଯ୍ୟରେ ବନ୍ଦ କରାଯାଉଛି। ଜୁନ୍ ଶେଷ ଆଡ଼କୁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଇରାନ ସାମରିକ ପରମାଣୁ ଗବେଷଣା ନକରିବାକୁ ସହମତି ପ୍ରକାଶ କରିଥିଲା। ମାତ୍ର ଏହି ନୂତନ ନିର୍ମାଣ କାର୍ଯ୍ୟ ଚୁକ୍ତିର ଉଲ୍ଲଂଘନ କରୁଛି।



ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ୍ ମାସରେ ଆମେରିକା ଏହି ପରମାଣୁ କେନ୍ଦ୍ର ଉପରେ ଦୁଇ ଦୁଇ ଥର ବୋମା ମାଡ଼ କରି ଏହାକୁ ଛାରଖାର କରିଦେଇଥିଲା। ଏହାପୂର୍ବରୁ ଅକ୍ଟୋବର ୨୦୨୪ରେ ଇସ୍ରାଏଲ୍ ମଧ୍ୟ ଏହି ସ୍ଥାନକୁ ଧ୍ୱଂସ କରିଥିଲା। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଚାଲିଥିବା ଅସ୍ତ୍ରବିରତି ଶେଷ ହୋଇଥିବା ଘୋଷଣା କରିବା ପରେ ଏହି ସାଟେଲାଇଟ୍ ଚିତ୍ର ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି। ଏହାକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଚିନ୍ତା ବଢ଼ିଯାଇଛି। ସେ କହିଛନ୍ତି ଯେ କୌଣସି ବି ସ୍ଥିତିରେ ସେ ଇରାନକୁ ପରମାଣୁ କେନ୍ଦ୍ର ନିର୍ମାଣ କରିବାକୁ ଦେବେନାହିଁ।

# ମୌସୁମୀ ତାଣ୍ଡବ: ୟୁପିରେ ୩ ଦିନରେ ୧୫ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ବର୍ଷା କରାଉଥିବା ବାଦଲ ବର୍ତ୍ତମାନ ପୂର୍ବ ଏବଂ ଉତ୍ତର-ପୂର୍ବ



ଭାରତ ଆଡ଼କୁ ଗତି କରିଛି। ଏହାଫଳରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ମେଘାଳୟ, ମିଜୋରାମ ଓ ତ୍ରିପୁରାରେ ପ୍ରବଳ

**■ ଉତ୍ତରାଖଣ୍ଡ, ହିମାଚଳରେ ୪୩୮ ରାସ୍ତା ବନ୍ଦ**
**■ ମିଜୋରାମରେ ପର୍ଯ୍ୟଟକ ଫସିଲେ**

ବର୍ଷା ଜାରି ରହିଛି। ଅପରପକ୍ଷରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ସମେତ ୧୦ଟି ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ମୌସୁମୀ ଦୁର୍ବଳ ରହିବ। ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୩ ଦିନ ମଧ୍ୟରେ ଏଠାରେ ବିଭିନ୍ନ ବର୍ଷା ଜନିତ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ହାପୁଡ଼ ଅଞ୍ଚଳରେ ରାସ୍ତା ଓ ଅଣ୍ଡରପାସ ଗୁଡ଼ିକରେ ପାଣି ଜମି ରହିବା ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଜନୌରରେ ଗଙ୍ଗା ଓ ମାଲନ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମାଲନ ନଦୀର ପ୍ରବଳ ସ୍ରୋତରେ ୪ ଜଣ ବାଳକ ଭାସି ଯାଇଛନ୍ତି। ଏହାସହ ଏକ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ମିରଟ-ବିଜନୌର ଜାତୀୟ ରାଜପଥ ଏବଂ ହରିଦ୍ୱାର ରୋଡ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ରାଜ୍ୟର ୧୧୮ଟି ରାସ୍ତା ବନ୍ଦ ରହିଛି। ଯମୁନୋତ୍ରୀ ଜାତୀୟ ରାଜପଥର ପ୍ରାୟ ୧୦୦ ମିଟର ରାସ୍ତା ଧୋଇଯାଇଛି, ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କ୍ରମାଗତ ବର୍ଷା ଯୋଗୁଁ ଏଠାରେ ୩୨୦ରୁ ଅଧିକ ରାସ୍ତା ବନ୍ଦ ହୋଇଯାଇଛି। ଚଣ୍ଡୀଗଡ଼-ଶିମଳା ଚାରିଲେନ୍ ବିଶିଷ୍ଟ ରାସ୍ତାରେ ଏକ ବିରାଟ ପଥର ଖସିପଡ଼ିବା ଯୋଗୁଁ ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ମିଜୋରାମର ଲୁଙ୍ଗଲେଇ ଜିଲ୍ଲାରେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ପ୍ରଶାସନ ପକ୍ଷରୁ ୮୦ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟର ପ୍ରାୟ ୨୯ଟି ସ୍ଥାନରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। ବୁଆଲଟେ ଗ୍ରାମ ନିକଟରେ ଜାତୀୟ ରାଜପଥ-୫୪ ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଛି, ଯାହାଫଳରେ ଗତ ୪ ଦିନ ହେବ ଅନେକ ପର୍ଯ୍ୟଟକ ସେଠାରେ ଫସି ରହିଛନ୍ତି। ବର୍ତ୍ତମାନ ରାସ୍ତା ସଫା କରିବା କାର୍ଯ୍ୟ ଜାରି ରହିଛି। ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆଇଆଇଟି ରୁର୍କୀ କ୍ୟାମ୍ପସରୁ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି, ଯେଉଁଠାରେ ଛାତ୍ରଛାତ୍ରୀମାନେ ବର୍ଷାକୁ ଉପଭୋଗ କରି ଡଙ୍ଗା ଶୈଳୀରେ ନୃତ୍ୟ କରୁଥିବାର ଦେଖାଯାଇଛି।

# ଜାମିନରେ ଆସି ୬ ଜଣଙ୍କୁ ହତ୍ୟା

ହାଇଦରାବାଦ୍, ୧୧।୭(ଏଜେନ୍ସି): ନିଜ ସ୍ତ୍ରୀ ଓ ପିଲାମାନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅନ୍ୟ ପରିବାରର ତିନି ଜଣଙ୍କୁ ହତ୍ୟା କରିବା ଭଳି ଏକ ଅତ୍ୟନ୍ତ ବୀଭତ୍ସ ଖବର ସାମନାକୁ ଆସିଛି। ପସକୋ ମାମଲାରେ ଗିରଫ ପରେ ଜାମିନରେ ଆସି ସେ ଏଭଳି ନାରକରୀୟ କାଣ୍ଡ ଘଟାଇଛି। ଅଭିଯୁକ୍ତ ହେଉଛି ରାଜକୁମାର (୩୫)। ହତ୍ୟାକାଣ୍ଡ ଘଟାଇବା ପରେ ନିଜ ବାପାଙ୍କୁ ଫୋନ୍ କରି କହିଥିଲା, 'ମୁଁ ଏମାନଙ୍କୁ ମାରିଦେଇଛି।' ଏହାପରେ ସେ ନିଜ ମୋବାଇଲ୍ ଫୋନ୍ ବନ୍ଦ କରିଦେଇଥିଲା।



ସେ ଆତ୍ମହତ୍ୟା କରିବାକୁ ଯାଉଥିବା ନେଇ ବାପାଙ୍କୁ କହିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ବର୍ତ୍ତମାନ ସ୍ପେଶାଲ୍ ଟିମ୍ ଗଠନ କରି ଅଭିଯୁକ୍ତକୁ ଖୋଜୁଛି। ୨୦୧୮ ମସିହାରେ ରାଜକୁମାର ଓ ପାର୍ବତୀ ପ୍ରେମ ବିବାହ କରିଥିଲେ ଏବଂ ସେମାନଙ୍କର ତିନୋଟି ସନ୍ତାନ ଥିଲେ। ଗତ ମେ ମାସରେ ଜଣେ ନାବାଳିକାକୁ ପିଛା କରିବା ଓ ନିର୍ଯାତନା ଦେବା ଅଭିଯୋଗରେ ରାଜକୁମାର ଗିରଫ ହୋଇଥିଲା। କିନ୍ତୁ ଏହି ହତ୍ୟାକାଣ୍ଡର ଘଟାଇବାର ମାତ୍ର ଏକ ସପ୍ତାହ ପୂର୍ବରୁ କୋର୍ଟରୁ ସେ ଅଗ୍ରୀମ ଜାମିନ ପାଇଥିଲା। ଜାମିନରେ ଆସିବା ପରେ ପ୍ରଥମ ନିଜ ପିତ୍ନ, ଦୁଇ ଶିଶୁପୁତ୍ରଙ୍କ ହତ୍ୟା କରିଥିଲା। ଏହାପରେ ସେ ଅଭିଯୋଗକାରିଣୀ ନାବାଳିକା, ତାର ମାଆ ଓ ଆଇମାଙ୍କୁ ହତ୍ୟା କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ୬ ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟଶ କରିବା ପରେ ସେ ଫେରାର ହୋଇଯାଇଛି।

# 'ସତଲୁଜ୍' ଚଳଚ୍ଚିତ୍ରକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲଜିତ୍ ଦୋସାଞ୍ଜଙ୍କ ଅଭିନୀତ ଚଳଚ୍ଚିତ୍ର 'ସତଲୁଜ୍'କୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଏହି ଫିଲ୍ମ ଉପରେ କଟକଣା ଲଗାଇଥିବା ବେଳେ ଏହାକୁ ବିରୋଧ କରୁଛନ୍ତି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସଜିପିସି) ଏବଂ ଅକାଳୀ ଦଳ। କଟକଣା ତୁରନ୍ତ ହଟାଇବା ଲାଗି ସେମାନେ ଦାବି କରିଛନ୍ତି। କିନ୍ତୁ ଏହି ଫିଲ୍ମ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବାରୁ କଟକଣା ହଟିବ ନାହିଁ ବୋଲି କେନ୍ଦ୍ର ସରକାର ଆଜି ପୁଣି ଥରେ ସ୍ପଷ୍ଟ କରିଦେଇଛନ୍ତି।

ସୂଚନା ଥାଉକି ହନି ତ୍ରେହାନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ମାନବାଧିକାର କର୍ମୀ ଜସୱନ୍ତ ସିଂହ ଖାଲରାଙ୍କ ଜୀବନୀ ଉପରେ ଆଧାରିତ। ୧୯୮୪ ରୁ ୧୯୯୪ ମଧ୍ୟରେ ପଞ୍ଜାବରେ ହଜାର ହଜାର ଅଜ୍ଞାତ ଶବର ଦାହ ସମ୍ପର୍କରେ ସେ ଅନୁସନ୍ଧାନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ୧୯୯୫ରେ ପୋଲିସ ଦ୍ୱାରା ଅପହରଣ ଓ ହତ୍ୟାର ଶିକାର ହୋଇଥିଲେ। ଏହି ସମୟରେ ଆତଙ୍କବାଦ ପଞ୍ଜାବରେ ଭୟଙ୍କର ରୂପ ନେଇଥିଲା। ଫିଲ୍ମରେ ଖାଲରାଙ୍କ ଉପରେ ଫୋକସ କରାଯାଇଥିବା ବେଳେ ଆତଙ୍କବାଦ ସଂପର୍କରେ କିଛି ଉଲ୍ଲେଖ କରାଯାଇ ନାହିଁ। ଅନ୍ୟପକ୍ଷରେ ସୁରକ୍ଷା ବାହିନୀର ଚରିତ୍ର ଉପରେ ପ୍ରଶ୍ନ ଉଠାଯାଇଛି।

ଗତ ଜୁଲାଇ ୩ ତାରିଖରେ ଏହି ଫିଲ୍ମ ଜି୫ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାର ମାତ୍ର ଦୁଇ ଦିନ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୁରକ୍ଷା କାରଣ ଦର୍ଶାଇ ଏହାକୁ ହଟାଇ ଦେଇଥିଲା। ଏହାପରେ ଆଇଟି ନିୟମ ୨୦୨୧ ଅନୁଯାୟୀ ଏକ ଆନ୍ତଃ-



ବିଭାଗୀୟ କମିଟି ଗଠନ କରାଯାଇଥିଲା। କମିଟି ଦର୍ଶାଇଛି ଯେ, ଫିଲ୍ମର କାହାଣୀ ସନ୍ତୁଳିତ ନୁହେଁ ଏବଂ ଏଥିରେ ଉଗ୍ରବାଦୀମାନଙ୍କ କାର୍ଯ୍ୟକଳାପକୁ ହାଲୁକା ଭାବେ ଦେଖାଯାଇଥିବା ବେଳେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ଅତିରଞ୍ଜିତ କରାଯାଇଛି।

# ଲାଲ୍‌କିଲ୍ଲାକୁ ବୋମା ଧମକ


ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାକୁ ବୋମାରେ ଉଡ଼ାଇ ଦେବା ପାଇଁ ଶୁକ୍ରବାର ଦିନ ଏକ ଧମକ୍ ମିଳିଥିଲା, ତେବେ ଏହା ପରବର୍ତ୍ତୀ ସମୟରେ ମିଥ୍ୟା ବୋଲି ଜଣାପଡ଼ିଛି। ମୁମ୍ବାଇ ପୋଲିସ ନିୟନ୍ତ୍ରଣ କକ୍ଷକୁ ଜଣେ ଅଜ୍ଞାତ ବ୍ୟକ୍ତି ଫୋନ୍ କରି ଏହି ସୂଚନା ଦେଇଥିଲେ। ଏହାପରେ ମୁମ୍ବଇ ପୋଲିସ ତୁରନ୍ତ ଦିଲ୍ଲୀ ପୋଲିସକୁ ସତର୍କ କରାଇ ଦେଇଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷା କର୍ମୀ ଏବଂ ଉତ୍ତର ଜିଲ୍ଲା ପୋଲିସ ପକ୍ଷରୁ ଲାଲ୍‌କିଲ୍ଲା ପରିସରରେ ବ୍ୟାପକ ସେର୍ଚ୍ଚ ଅପରେସନ ବା ଯାଞ୍ଚ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସେଠାରୁ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା ଏବଂ ପୋଲିସ ଏହି ଫୋନ୍ କଲ୍‌କୁ ଏକ ମିଥ୍ୟା ଚେତାବନୀ ବୋଲି ଘୋଷଣା କରିଛି। ବର୍ତ୍ତମାନ



ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଏଭଳି ଅନେକ ମିଥ୍ୟା ବୋମା ମାଡ଼ ଚେତାବନୀ ମିଳୁଛି।


# ନେପାଳ ହ୍ରଦରେ ଗାଧୋଇବା ବେଳେ ବୁଡ଼ିଗଲେ ଭାରତୀୟ ପର୍ଯ୍ୟଟକ

ପୋଖରା, ୧୧।୭(ଏଜେନ୍ସି): ନେପାଳର ପର୍ଯ୍ୟଟନ ସହର ପୋଖରାସ୍ଥିତ ଫେୱା ହ୍ରଦରେ ଗାଧୋଇବା ବେଳେ ବୁଡ଼ି ଯାଇ ବିହାରର ଜଣେ ୨୮ ବର୍ଷୀୟ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରୋହିତ କୁମାର ବୋଲି ପୁଲିସ ସୂଚନା ଦେଇଛି। ରୋହିତ ତାଙ୍କର ଚାରିଜଣ ସାଙ୍ଗଙ୍କ ସହ ପୋଖରା ବୁଲିବାକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ଫେୱା ହ୍ରଦ ମଝିରେ ଥିବା ତାଲ ବରାହୀ ମନ୍ଦିର ଦର୍ଶନ କରିଥିଲେ। ମନ୍ଦିର ନିକଟରେ ଡଙ୍ଗା ଲାଗିବା ପରେ ରୋହିତ ଓ ତାଙ୍କର ଜଣେ ସାଙ୍ଗ ହ୍ରଦରେ ଗାଧୋଇବାକୁ ଓହ୍ଲାଇଥିଲେ। ଏହି ସମୟରେ ରୋହିତ ହଠାତ୍ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ପ୍ରାୟ ସନ୍ଧ୍ୟା ୫ଟା ବେଳେ ଉଦ୍ଧାରକାରୀ ଦଳ ରୋହିତଙ୍କୁ ହ୍ରଦରୁ ବାହାର କରିଥିଲେ। ତାଙ୍କୁ ତୁରନ୍ତ ପୋଖରାର ପଶ୍ଚିମାଞ୍ଚଳ ଆଞ୍ଚଳିକ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ କହିଛି।



# ଭାରତ ସୀମା ନିକଟରେ ଚୀନ୍‌ର ନୂଆ ମେଗା ଡ୍ୟାମ୍

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଭାରତୀୟ ସୀମାଠାରୁ ମାତ୍ର ୫୦ କିଲୋମିଟର ଦୂର ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ (ବ୍ରହ୍ମପୁତ୍ର) ନଦୀର ନିମ୍ନ ଅବବାହିକାରେ ଚୀନ୍ ବିଶ୍ୱର ସବୁଠାରୁ ବଡ଼ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରୁଛି। ଏହି ମେଗା ଡ୍ୟାମ୍ ଯୋଗୁଁ ଭାରତ ଏବଂ ବାଂଲାଦେଶରେ ଜଳ ଯୋଗାଣ ଓ ପରିବେଶ ଉପରେ ପଡ଼ିବାକୁ ଥିବା ପ୍ରଭାବକୁ ନେଇ ପୂର୍ବରୁ ଚିନ୍ତା ପ୍ରକାଶ ପାଇଥିଲା। ଏବେ ଚୀନ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ଭୂତାତ୍ତ୍ୱିକ ସର୍ଭେ ରିପୋର୍ଟରୁ ଏହି ପ୍ରକଳ୍ପର ସୁରକ୍ଷାକୁ ନେଇ ଏକ ବଡ଼ ଚେତାବନୀ ସାମ୍ନାକୁ ଆସିଛି। 'ଚାଇନା ଜିଓଲୋଜିକାଲ୍ ସର୍ଭେ'ର ତତ୍ତ୍ୱାବଧାନରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଏହି ପ୍ରକଳ୍ପର ଜଳାଶୟ (ରିଜର୍ଭୟାର) ଅଞ୍ଚଳ ଦେଇ 'ପାଇଝେନ୍ ଫଲ୍ଟ' (ଏକ ସକ୍ରିୟ ଭୂକମ୍ପ ପ୍ରବଣ ରେଖା) ଗତି କରିଛି। ଏହି ଫଲ୍ଟ ଲାଇନ୍ ବରଫ ଯୁଗ (ପ୍ଲାଇଷ୍ଟୋସିନ୍) ଏବଂ ହୋଲୋସିନ୍ ସମୟରୁ (ପ୍ରାୟ ୯,୫୦୦ ବର୍ଷ ପୂର୍ବେ) ସକ୍ରିୟ ରହିଛି। ଏହା ଯୋଗୁଁ ସେହି ଅଞ୍ଚଳର ପଥରଗୁଡ଼ିକ ଦୁର୍ବଳ ହୋଇଯାଇଛି, ଯାହା ଡ୍ୟାମ୍, ପୋଲ, ଟନେଲ୍ ଏବଂ ରାସ୍ତା ଭଳି ଭିତ୍ତିଭୂମିର ସ୍ଥାୟୀତ୍ୱ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଶେଷଜ୍ଞଙ୍କ ମତରେ, ଏହି ଅଞ୍ଚଳର ଭୂଗଠନ ଅତ୍ୟନ୍ତ ଆଲଗା ଏବଂ ଦୁର୍ବଳ। ଏଭଳି ସ୍ଥିତିରେ ଭୂକମ୍ପ କିମ୍ବା ଜଳାଶୟରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଦ୍ୱାରା ନଦୀର ଦୁଇ ପାର୍ଶ୍ୱରେ ଥିବା ପାହାଡ଼ ଗୁଡ଼ିକ ଭୁଶୁଡ଼ିବା ସହ ବଡ଼ ଧରଣର ଭୂସ୍ଖଳନ ହୋଇପାରେ। ରିପୋର୍ଟରେ ୨୦୧୭ ମସିହାରେ ତିବ୍ବତରେ ଆସିଥିବା ୬.୯ ତୀବ୍ରତାର ଭୂକମ୍ପର ଉଦାହରଣ ଦିଆଯାଇ କୁହାଯାଇଛି ଯେ, ଭବିଷ୍ୟତରେ ଏଠାରେ ବଡ଼ ଭୂକମ୍ପ ଆସିଲେ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ସମଗ୍ର ପ୍ରକଳ୍ପ ବିପନ୍ନ ହୋଇପାରେ। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଜଳବିଦ୍ୟୁତ ପ୍ରକଳ୍ପରୁ ବାର୍ଷିକ ପ୍ରାୟ ୩୦୦ ବିଲିୟନ କିଲୋୱାଟ୍-ଆୱାର୍ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର କ୍ଷମତା ଚୀନ୍‌ର ପ୍ରସିଦ୍ଧ 'ଥ୍ରୀ ଗୋର୍ଜେସ୍ ଡ୍ୟାମ୍' ଠାରୁ ପ୍ରାୟ ତିନି ଗୁଣ ଅଧିକ। ୟାରଲୁଙ୍ଗ ସାଙ୍ଗପୋ ନଦୀ ଭାରତର ଅରୁଣାଚଳ ପ୍ରଦେଶ ଓ ଆସାମ ଦେଇ 'ବ୍ରହ୍ମପୁତ୍ର' ଏବଂ ବାଂଲାଦେଶରେ 'ଯମୁନା' ନାମରେ ପ୍ରବାହିତ ହେଉଛି। ତେଣୁ ଏହି ଡ୍ୟାମ୍‌ରେ କୌଣସି ପ୍ରକାରର ଅଘଟଣ ଘଟିଲେ ତଳମୁଣ୍ଡରେ ଥିବା ଭାରତ ଓ ବାଂଲାଦେଶର ବ୍ୟାପକ ଅଞ୍ଚଳରେ ଜଳପ୍ଲାବନ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ବିପଦକୁ ଏଡ଼ାଇବା ପାଇଁ ନିର୍ମାଣ ସମୟରେ ପାହାଡ଼ିଆ ଢାଲୁଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ କଂକ୍ରିଟ୍ ପ୍ରତିବନ୍ଧକ ନିର୍ମାଣ କରିବାକୁ ଏହି ସର୍ଭେ ରିପୋର୍ଟରେ ଚୀନ୍‌କୁ ସୁପାରିଶ କରାଯାଇଛି।





**ପଦାରେ ପଡ଼ିଲା ଝାରସୁଗୁଡ଼ା ବିଜେପିର ଗୋଷ୍ଠୀକନ୍ଦଳ**

# ଟଙ୍କ ସମର୍ଥକଙ୍କ ବିରୋଧ; ସୁରେଶ ହଟହଟା



ଝାରସୁଗୁଡ଼ା,୧୧।୭(ସମିସ): ଝାରସୁଗୁଡ଼ାରେ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବେଶ୍ ହଟହଟା ହୋଇଛନ୍ତି। ହିର୍ମା ପଞ୍ଚାୟତ କନ୍ଧାଘାଟରେ ମା' ସମେଶ୍ୱରୀଙ୍କ ପୀଠକୁ ଯାଉଥିବାବେଳେ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଭେଡ଼େନ ନଦୀ ନିକଟରେ ନିଜ ଦଳର କିଛି କର୍ମୀ ତଥା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକ ମନ୍ତ୍ରୀଙ୍କୁ ଜୋର୍‌ଦାର୍ ବିରୋଧ କରିଥିଲେ। କିଛି କର୍ମୀ ସ୍ଥାନୀୟ ସଂଗଠନ, ନେତୃତ୍ୱ ଓ ଦଳୀୟ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପୂର୍ବକ ସ୍ଲୋଗାନ ଦେଇଥିଲେ। ଗୋ ବ୍ୟାକ୍ ଗୋ ବ୍ୟାକ୍ ବୋଲି ନାରାବାଜି କରିଥିଲେ। ଏହାଫଳରେ ପରିସ୍ଥିତି ଅଣାୟତ ହୋଇ ପଡିଥିଲା। ମନ୍ତ୍ରୀଙ୍କ ସୁରକ୍ଷାରେ ଥିବା ଏସକର୍ଟ ଟିମ୍ (ପୁଲିସ) ମଧ୍ୟ କିଛି କରିପାରି ନ ଥିଲା। କେବଳ ଚାହିଁ ରହିବା ଛଡ଼ା ପୁଲିସ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା। ଅବଶ୍ୟ କିଛି ପୁଲିସ ଉତ୍ତ୍ୟକ୍ତ କର୍ମୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କର୍ମୀ କିନ୍ତୁ ବୁଝିବା ଉପରେ ନ ଥିଲେ। ଶେଷରେ ବାଧ୍ୟ ହୋଇ ମନ୍ତ୍ରୀ କାର୍‌ରୁ ଓହ୍ଲାଇ ଥିଲେ। କର୍ମୀଙ୍କ ରାଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ବିରକ୍ତ ହୋଇ ଚିତ୍କାର କରିବା ସହ ମନ୍ତ୍ରୀ ହାତ ଉଠାବାକୁ ବାଧ୍ୟ ହୋଇଥିଲେ। ବିରୋଧ ବେଳେ କିଛି ମହିଳା କର୍ମୀ ମନ୍ତ୍ରୀଙ୍କ ଗାଡ଼ି ଆଗରେ ଶୋଇପଡିବାରୁ ପୁଲିସକୁ ନୟାନ୍ତ ହୋବାକୁ ପଡିଥିଲା। ବହୁ କଷ୍ଟରେ ମନ୍ତ୍ରୀ ଦଳୀୟ କର୍ମୀଙ୍କ ବିରୋଧରୁ ବାହାରି ଗାଡ଼ିରେ ବସିବା ପରେ ଗନ୍ତବ୍ୟ ପଥରେ ଯାଇଥିଲେ। ମନ୍ତ୍ରୀଙ୍କ କାର୍‌କେଡ୍ ସେଠାରୁ ବାହାରିଯିବା ପରେ ମଧ୍ୟ ପଛରେ କର୍ମୀ ହୋ ହାଲ୍ଲା କରିଥିଲେ। ଏହି ଘଟଣାର ଭିଡିଓ ଆଜି ବେଶ୍ ଭାଇରାଲ୍ ହେଉଛି। ଘଟଣାକୁ ନେଇ ଆଜି ଝାସୁଗୁଡ଼ା ଏବଂ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାରୁ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡିଛି।

**ଶିଳ୍ପ କ୍ଷେତ୍ରରେ ବୃହତ୍ ପୁଞ୍ଜି ବିନିଯୋଗର ପ୍ରସ୍ତାବ ଦେଲେ କୁମାର ମଙ୍ଗଳମ୍ ବିର୍ଲା**

# କଂସାରୀଗୁଡ଼ା ଆଲୁମିନା ରିଫାଇନାରୀରେ ୧୨ ହଜାର କୋଟିର ନିବେଶ

ଭୁବନେଶ୍ୱର,୧୧।୭(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ହେବ। ଏହି ପ୍ରକଳ୍ପଟି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିକଶିତ କରାଯାଉଛି। ପ୍ରକଳ୍ପର ଦୀର୍ଘକାଳୀନ ସମ୍ଭାବନା ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ରିଫାଇନାରୀର କ୍ଷମତାକୁ ଆହୁରି ୨ ମିଲିୟନ ଟନ୍ ବୃଦ୍ଧି କରାଯିବ। ଏଥିପାଇଁ ୧୨,୦୦୦ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜିନିବେଶର ପ୍ରସ୍ତାବ ଦେଇଛି ଆଦିତ୍ୟ ବିର୍ଲା ଗ୍ରୁପ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲାଙ୍କ ସାକ୍ଷାତ ସମୟରେ ଶ୍ରୀ ବିର୍ଲା ଉପରୋକ୍ତ ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବିତ ସମ୍ପ୍ରସାରଣ ସହ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍‌କୁ ବୃଦ୍ଧି ପାଇବ ଏବଂ ଏଥିରେ ସମୁଦାୟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ବିର୍ଲାଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟରେ ବିର୍ଲା ପକ୍ଷରୁ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜ୍ୟରେ ବିର୍ଲା ଗ୍ରୁପ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକର ରୂପାୟନ ସମ୍ପର୍କରେ ଆଲୋଚନା ହେବା ସହ ଏଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟନ୍ୱୟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ଯେଉଁସବୁ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଶେଷ ଉପସ୍ଥିତି ନାହିଁ, ସେହିସବୁ କ୍ଷେତ୍ରରେ କମ୍ପାନୀର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ ତଥା ବିସ୍ତାର ଦିଗରେ ମଧ୍ୟ ଆଲୋଚନା କରାଯାଇଛି। ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ଦ୍ୱାରା ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ ଶିଳ୍ପଗୁଡ଼ିକ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦର ସାମର୍ଥ୍ୟ ରାଜ୍ୟ ମଧ୍ୟରେ ଅଧିକ ମୂଲ୍ୟ ସଂଯୋଜନା, ଉନ୍ନତ ବିନିର୍ମାଣ ଏବଂ ଗୁଣାତ୍ମକ ନିଯୁକ୍ତିରେ ରୂପାନ୍ତରିତ ହେବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଲୁମିନିୟମ ଏହି ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁ ଅଟେ। ଆମେ କେବଳ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନରେ ଦେଶର ନେତୃତ୍ୱ ନେବାକୁ ଚାହୁଁନାହୁଁ, ବରଂ ରିଫାଇନିଂ ଏବଂ ପ୍ରାଥମିକ ଧାତବ ଠାରୁ ଆରମ୍ଭ କରି ଡାଉନଷ୍ଟ୍ରିମ ଏବଂ ଉନ୍ନତ ଉତ୍ପାଦ ପର୍ଯ୍ୟନ୍ତ ସମଗ୍ର ଭାଲ୍ୟୁ ଚେନ୍ (ମୂଲ୍ୟ ଶୃଙ୍ଖଳ)ରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ। କଂସାରୀଗୁଡ଼ା ରିଫାଇନାରୀର ସମ୍ପ୍ରସାରଣ ଏହି ଗତିକୁ ଆହୁରି ମଜବୁତ କରିବ ଏବଂ ଭାରତର ଅଗ୍ରଣୀ ଧାତୁ ଓ ମେଟାଲର୍ଜି ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ରୂପାୟନ ଏବଂ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିର୍ଲା ଗ୍ରୁପକୁ ଆଶ୍ୱାସନା ଦେଇଛନ୍ତି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ କମ୍ପାନୀକୁ ଜମି, ଭିତ୍ତିଭୂମି, ସେବା, ଆନୁଷ୍ଠାନିକ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଆବଶ୍ୟକତା ଯୋଗାଇବାରେ ସରକାର କମ୍ପାନୀ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ବୈଠକରେ ବିର୍ଲା ଗ୍ରୁପ୍‌ର ବର୍ତ୍ତମାନ ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶ ଯଥା ଆଲୁମିନିୟମ, ଆଲୁମିନା, କେମିକାଲ୍ସ, ସିମେଣ୍ଟ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ୍ ଏବଂ ପୋଷାକ ଆଦି କ୍ଷେତ୍ରର ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ ତମ୍ବା ବିଶୋଧନ (କପର ରିଫାଇନିଂ), କପର-କ୍ଲାଡ୍ ଲାମିନେଟ୍ସ ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ, ଟେକ୍ନିକାଲ ଟେକ୍ସଟାଇଲ୍ସ, ପେଣ୍ଟସ୍, ଅଳଙ୍କାର ନିର୍ମାଣ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ କ୍ଷେତ୍ରରେ ସମ୍ଭାବ୍ୟ ପୁଞ୍ଜିନିବେଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।




**ଏହି ସମ୍ପ୍ରସାରଣ ଭାରତର ଅଗ୍ରଣୀ ଧାତୁ ଓ ଧାତୁ ବିଜ୍ଞାନ ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ: ମୁଖ୍ୟମନ୍ତ୍ରୀ**

**ରୋଗୀ ହୋଇ ଡାକିଲେ; କଳାକନା ବୁଲାଇ ଚାଲିଗଲେ**

# ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା ଓ ସୁନା

ଧର୍ମଗଡ଼,୧୧।୭(ସମିସ): ଧର୍ମଗଡ଼ ସହରର କେନ୍ଦ୍ରସ୍ଥଳ ତଥା ଉପ ଜିଲ୍ଲାପାଳଙ୍କ ବାସଭବନ କାନ୍ଥକୁ ଲାଗି ରହିଥିବା ଡାକ୍ତରଙ୍କ ସରକାରୀ ବାସଭବନରୁ ଶୁକ୍ରବାର ରାତିରେ ଡକାୟତି ହୋଇଯାଇଛି। ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଜିତ କୁମାର ଦାସଙ୍କ ଘରୁ ଲୁଟ୍ ହୋଇଛି। ଶୁକ୍ରବାର ରାତି ପ୍ରାୟ ୧ଟା୧୫ ମିନିଟ୍ ସମୟରେ ଡାକ୍ତର ଶ୍ରୀ ଦାସ ଡାକ୍ତରଖାନା ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଶୋଇଥିବାବେଳେ ଡକାୟତମାନେ କବାଟ ବାଡାଇ ଥିଲେ। ରୋଗୀ ହୋଇଥିବେ ଭାବି ଡାକ୍ତର କବାଟ ଖୋଲିବା ମାତ୍ରେ ୪ଜଣ ମୁଖାପିନ୍ଧା ଡକାୟତ ଘର ଭିତରକୁ ପଶି ଆସି ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଦେବାସହ ମୁହଁରେ ଟେପ୍ ଲଗାଇ ଦେଇଥିଲେ। ଏସବୁ ଭିତରେ କିନ୍ତୁ ଡାକ୍ତର ଦାସ ସାହସ କରି ଜଣେ ଡକାୟତଙ୍କ ପକେଟରୁ ବନ୍ଧୁକ ଛଡ଼ାଇ ନେଇ ଫାୟାର କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଗୁଳି ଫୁଟି ନଥିଲା। ତିନିଜଣ ଡାକ୍ତରଙ୍କୁ ପୂଜାଘର ଭିତରେ ଜଗି ବସିଥିଲାବେଳେ ଚତୁର୍ଥ ଡକାୟତ ଜଣକ ବେଡ୍‌ରୁମରେ ଥିବା ଆଲମିରା ଖୋଲି ଟଙ୍କା ଲୁଟ୍ କରିଥିଲା। ଆଲ୍‌ମିରାରେ ଥିବା ପ୍ରାୟ ୮୦ ହଜାର ଓ ଡାକ୍ତରଙ୍କ ପର୍ସରେ ଥିବା ୨ହଜାର ଟଙ୍କା ସହ ଡା. ଦାସ ପିନ୍ଧିଥିବା ୫୪ ଗ୍ରାମର ସୁନା ଚେନ୍ ଓ ଦୁଇଟି ମୁଦି ନେଇ ଫେରାର ମାରିଥିଲେ। ଖବର ପାଇ ଧର୍ମଗଡ଼ ପୁଲିସ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ଗତ କିଛଦିନଧରି ଧର୍ମଗଡ଼ ସହରର କ୍ରମାଗତ ଭାବେ ଚୋରି, ରାହାଜାନୀ, ଡକାୟତି ଓ ବୃଦ୍ଧି ପାଇଥିଲାବେଳେ ସ୍ଥାନୀୟ ପୁଲିସ୍ ଏହାର ଟେର୍ ପାଉନାହିଁ। ଧର୍ମଗଡ଼ ଉପଖଣ୍ଡରେ ଜଣେ ଆଇପିଏସ ଅଧିକାରୀ ଉପଖଣ୍ଡ ପୁଲିସ ଅଧିକାରିଣୀ ଥିବାବେଳେ ଚୋରମାନେ କ୍ରମାଗତ ଭାବେ ଚୋରି କରି ତାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି।



## ହୀରାକୁଦର ବନ୍ଦହେଲା ଆଉ ୫ ଗେଟ୍

ସମ୍ବଲପୁର, ୧୧।୭ (ସମିସ) : ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ଗତ ୯ ତାରିଖ ପୂର୍ବାହ୍ନ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲାଯାଇ ଅପରାହ୍ନରେ ଆଉ ୬ଟି ଗେଟ୍ ଏହିପରି ମୋଟ ୧୦ଟି ଖୋଲା ଯାଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାପରେ ଗତକାଲି ସନ୍ଧ୍ୟା ସାଢ଼େ ୬ଟା ସମୟରେ ଆଉ ୨ଟି ଗେଟ୍ ବନ୍ଦ କରାଯାଇଥିଲା। ଏହାପରେ ପୁଣି ଆଜି ଅପରାହ୍ଣ ୩ଟା ସମୟରେ ଆଉ ସନ୍ଧ୍ୟାରେ ୨ଟି ଗେଟ୍ ବନ୍ଦ କରାଯାଇଛି। ହୀରାକୁଦ ନଦୀବନ୍ଧରୁ ମୋଟ ୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶନିବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୫୪ ଫୁଟ ରହିଛି। ନଦୀବନ୍ଧର ବାମପଟର ୨ଟି ଓ ଡାହାଣ ପଟର ଗୋଟିଏ ଏହିପରି ୩ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୦,୪୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୨,୫୪୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୭୩୩ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୫,୦୩୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୫୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୧୭୪୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଳଠାରେ ୧,୮୨,୦୦୦ କ୍ୟୁସେକ, ବାରମୁଲଠାରେ ୧,୭୭,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮୭,୭୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୪୦ ମିମି ଏବଂ ତଳମୁଣ୍ଡରେ ୨.୦୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

**କେନ୍ଦୁପତ୍ର ବନ୍ଧାଳିଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ**

# ଦିଆଯାଉନି ବୋନସ୍; ଶ୍ରମିକ ନିରାଶ

ନୂଆପଡ଼ା/ସିନାପାଲି,୧୧।୭(ସମିସ): ବିଜେଡି ସରକାର କେନ୍ଦୁପତ୍ର ବନ୍ଧାଳୀ ଶ୍ରମିକମାନଙ୍କୁ ବୋନସ୍ ଦେବାସହ ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଯଥୋଚିତ ସମ୍ମାନ ଜଣାଇ ସେମାନଙ୍କ ଅଧିକାର ସାବ୍ୟସ୍ତ କରିଥିଲେ। ହେଲେ ରାଜ୍ୟରେ ବିଜେପି ସରକାର ଆସିବା ପରଠୁ ଦୁଇବର୍ଷ ହେଲା ଶ୍ରମିକମାନଙ୍କୁ ବୋନସ୍ ଟଙ୍କା ପ୍ରଦାନ କରାଯାଇ ନ ଥିବାବେଳେ ଶ୍ରମିକମାନେ ନିରାଶ ହେବାସହ ପରିବାର ପ୍ରତିପୋଷଣ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି। ଖଡ଼ିଆଳ କେନ୍ଦୁପତ୍ର ଡିଭିଜନ ଅଧୀନରେ ସଦର ନୂଆପଡ଼ା, ବୋଡେନ, ସିନାପାଲି, କୋମନା ଓ ଖଡ଼ିଆଳ ବ୍ଲକ୍ ସମେତ ୬ଟି ରେଞ୍ଜ ର ବର୍ତ୍ତମାନ କେନ୍ଦୁପତ୍ର ବନ୍ଧା କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ଏହି ଡିଭିଜନ୍‌ରେ ୩୧୮ ଫଡ଼ି ଥିବାବେଳେ ୩୦ଟି ବନ୍ଧାଳି ଦଳର ୫୬୦ ଜଣ ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ଶତାଧିକ ବନ୍ଧାଳୀ ନିଜ ପରିବାର ସହ ଫଡ଼ିରେ ରହି କେନ୍ଦୁପତ୍ର ବଛାବଛି ଓ ବନ୍ଧା କାମରେ ନିୟୋଜିତ ଅଛନ୍ତି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ କଠିନ ପରିଶ୍ରମକରି ସେମାନେ କେନ୍ଦୁପତ୍ରକୁ ନିୟମ ଅନୁଯାୟୀ କେରିରେ ବାନ୍ଧୁଛନ୍ତି। ସରକାରୀ ନିୟମ ଅନୁସାରେ ୫ କେରି ପିଛା ୯୫ ଟଙ୍କା ମଜୁରି ସହ ୫ ଟଙ୍କା ବୋନସ ମିଳିବାର ବ୍ୟବସ୍ଥା ରହିଛି। କିନ୍ତୁ ବନ୍ଧାଳିମାନଙ୍କୁ କେବଳ ୯୫ ଟଙ୍କା ଦିଆଯାଉଛି। ୨୦୨୪ରେ ତତ୍କାଳୀନ ବିଜେଡି ସରକାର ଅମଳରେ ବୋନସ୍ ମିଳିଥିଲା, ହେଲେ ନୂତନ ସରକାର ଗଠନ ପରେ ବୋନସ ଟଙ୍କା ପ୍ରଦାନ କରାଯିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ, ଫଡ଼ିରେ କାମ କରୁଥିବା ବନ୍ଧାଳୀ ଓ ସେମାନଙ୍କ ପରିବାରର ଜୀବନଯାପନ ମଧ୍ୟ ବେଶ୍ କଷ୍ଟଦାୟକ। ସେମାନେ ଫଡ଼ି ବାରଣ୍ଡାରେ ପଲିଥିନ ତଳେ ରାତି ବିତାଉଛନ୍ତି। ଅନେକ ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ଦୂରରୁ ପାଣି ଆଣିବାକୁ ପଡୁଛି। ରାତିରେ ବିଦ୍ୟୁତ୍ ଆଲୋକ ନଥିବାରୁ ଅନ୍ଧାର ମଧ୍ୟରେ ରହିବାକୁ ପଡୁଛି। ଶୌଚାଳୟ, ସ୍ନାନଘର ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ମଧ୍ୟ ସେମାନଙ୍କ ଦୈନନ୍ଦିନ ଜୀବନକୁ ଅଧିକ କଷ୍ଟକର କରିଦେଇଛି। ପ୍ରତିବର୍ଷ ଏଭଳି ପରିସ୍ଥିତିରେ କାମ କରିବାକୁ ପଡୁଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଏପରି ସ୍ଥିତିରେ ପ୍ରାପ୍ୟ ବୋନସ ତୁରନ୍ତ ପ୍ରଦାନ କରିବା ସହ ଫଡ଼ିଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଶୌଚାଳୟ ଓ ରହିବା ପାଇଁ ଉନ୍ନତ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ଖଡ଼ିଆଳ କେନ୍ଦୁପତ୍ର ଡିଭିଜନ ଅଧିକାରିଣୀ ଏ.ମାଧବୀ ଲତାଙ୍କୁ ପଚାରିବାରୁ ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।







# ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର 'ଲାଶ'କୁ ଆନ୍ତର୍ଜାତିକ ସଫଳତା

**ସମ୍ବଲପୁର, ୧୧।୭ (ସମିସ)**

ସମ୍ବଲପୁରର ଚଳଚ୍ଚିତ୍ର ନିର୍ମାତା ମନୋଜ କୁମାର ବାଗଙ୍କୁ ତାଙ୍କ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର 'ଲାଶ' ପାଇଁ ଆନ୍ତର୍ଜାତିକ ସଫଳତା ମିଳିଛି। ଏହି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମିଫ୍ ୱେଭ୍ସ୍ ଡକ୍ସ୍ ବଜାର ୨୦୨୬ରେ ଚୟନ ଏବଂ ପାନୋରାମା ଷ୍ଟୁଡିଓ ଇଣ୍ଟରନେସନାଲ୍ ଲିମିଟେଡ୍ ସହ ଦୁଇଟି ବିଶ୍ୱବ୍ୟାପୀ ଲାଇସେନ୍ସ ଚୁକ୍ତି ହେବା ଗୌରବର ବିଷୟ। ସମ୍ବଲପୁରର ଚଳଚ୍ଚିତ୍ର ନିର୍ମାତା ମନୋଜ କୁମାର ବାଗଙ୍କ ନିର୍ଦ୍ଦେଶିତ ଓ ପ୍ରଯୋଜିତ ୩୫ ମିନିଟ୍ର ହିନ୍ଦୀ ଭାଷାର ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର 'ଲାଶ' ମୁମ୍ବାଇ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ (ଏମ୍ଆଇଏଫ୍ଏଫ୍) ୨୦୨୬ ଅଧୀନରେ ଆୟୋଜିତ 'ୱେଭ୍ସ ଡକ୍ସ ବଜାର ୨୦୨୬ ଭିୱିଙ୍ଗ ରୁମ୍' ପାଇଁ ଚୟନିତ ହୋଇଛି। ଏହି ଆନ୍ତର୍ଜାତୀୟ ଡକ୍ୟୁମେଣ୍ଟାରୀ ବଜାର ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ନେସନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ (ଏନ୍ଏଫ୍ଡିସି) ଦ୍ୱାରା ଆୟୋଜିତ ହୋଇଥିଲା। ଏହି ସଫଳତା ପରେ ଜୁଲାଇ ୨ ତାରିଖରେ 'ପିକ୍ ଏଣ୍ଟରଟେନମେଣ୍ଟ ଫିଲ୍ମସ୍ ଆଣ୍ଡ ଟେଲିଭିଜନ ନେଟୱର୍କ' ଏବଂ 'ପାନୋରାମା ଷ୍ଟୁଡିଓ ଇଣ୍ଟରନେସନାଲ୍ ଲିମିଟେଡ' ମଧ୍ୟରେ 'ଲାଶ' ପାଇଁ ଦୁଇଟି ପୃଥକ୍ ବିଶ୍ୱବ୍ୟାପୀ ଲାଇସେନ୍ସ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶ୍ୱବ୍ୟାପୀ ୨୬ଟି ଭାଷାରେ ଏହା ଡବିଂ ହେବ। ଏହି ଚୁକ୍ତି ଅନୁଯାୟୀ 'ୱାର୍ଲଡ୍ୱାଇଡ୍ ଏୟାର୍ବର୍ନ (ଇନ୍ ଫ୍ଲାଇଟ୍) ରାଇଟ୍ସ୍ (ଭାରତ ସମେତ)' ଏବଂ 'ୱାର୍ଲଡ୍ୱାଇଡ୍ ଡିଜିଟାଲ ନନ୍ ଥିଏଟରିକାଲ୍ ରାଇଟ୍ସ (ଭାରତ ସମେତ)' ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। 'ଲାଶ' - ଓଡ଼ିଶାର ବହୁଚର୍ଚ୍ଚିତ ଦାନ ମାଝୀଙ୍କ ସତ୍ୟ ଘଟଣା ଉପରେ ଆଧାରିତ ୩୫ ମିନିଟ୍ର ଏକ ହିନ୍ଦୀ ଭାଷାର ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର। ଚଳଚ୍ଚିତ୍ରଟିର ସୁଟିଂ ସମ୍ବଲପୁରରେ କରାଯାଇଥିଲା। ସ୍ଥାନୀୟ କଳାକାର ବିଭୁତିଭୂଷଣ ବିଶ୍ୱାଳ ଏବଂ ଶିବାନୀପାତ୍ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଓ ପ୍ରଯୋଜକ ମନୋଜ କୁମାର ବାଗଏଫ୍ଟିଟିଆଇ, ପୁନେରୁ ପ୍ରଶିକ୍ଷିତ ଜଣେ ଚଳଚ୍ଚିତ୍ର ନିର୍ମାତା। ଏହି ସଫଳତା ସମ୍ବଲପୁର ତଥା ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଡକ୍ୟୁମେଣ୍ଟାରୀ ଆଜି ଆନ୍ତର୍ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିଛି।







# ଚାଉଁରପୁର ମହାନଦୀ ବ୍ରିଜ୍ରୁ ଡେଇଁ ନାବାଳିକା ନିଖୋଜ

**ସମ୍ବଲପୁର, ୧୧।୭ (ସମିସ):** ହୀରାକୁଦ ନଦୀବନ୍ଧ ବନ୍ୟା ଜଳ ଛାଡ଼ିଥିବାବେଳେ ପୁଣି ଏକ ଅଘଟଣ ଘଟିଛି। ଜଣେ ନାବାଳିକା ସମ୍ବଲପୁର ଚାଉଁରପୁର ବ୍ରିଜରୁ ମହାନଦୀ ଗର୍ଭକୁ ଡେଇଁ ପଡିଛନ୍ତି। ଅଗ୍ନିଶମ ବିଭାଗ ଖୋଜାଖୋଜି ଜାରି ରଖିଛି। ତେବେ, ଖବର ଲେଖାଯିବା ପର୍ଯ୍ୟନ୍ତ ନାବାଳିକାଙ୍କ ପତ୍ତା ମିଳିନାହିଁ।

ଗତ ୯ ତାରିଖ ହୀରାକୁଦ ଡ୍ୟାମର ୧୦ଟି ଗେଟ ଖୋଲି ଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଶୁଖିଲା ପଡ଼ିଥିବା ମହାନଦୀ ପୂର୍ଣ୍ଣଗର୍ଭା ହୋଇଥିଲା। ଗତକାଲି ଓ ଆଜି ପର୍ଯ୍ୟାୟ କ୍ରମେ ୭ଟି ଗେଟ ବନ୍ଦ କରାଯାଇଥିବା ବେଳେ ଆଜି ରାତି ୯ଟା ସମୟରେ ୩ଟି ଗେଟ ଦେଇ ୯୨୫୪୨ କ୍ୟୁସେକ ଜଳ ନିଷ୍କାସିତ ହେଉଥିଲା। ଆଜି ଶନିବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ଜଣେ ନାବାଳିକା ମହାନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ନାବାଳିକା ଜଣକ ମାୟାବଗିଚା ଅଞ୍ଚଳର ବୋଲି କୁହାଯାଉଛି। ତେବେ, ସେ କାହିଁକି ଡେଇଁଲେ କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ତୁରନ୍ତ ଟାଉନ ଥାନା ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଖୋଜାଖୋଜି କରୁଛନ୍ତି। ବିଳମ୍ବିତ ରାତି ସତ୍ତ୍ୱେ ଆଗ୍ନିକ ମାନେ ବୋଟ ନେଇ ଖୋଜୁଛନ୍ତି। ଜଳ ସ୍ରୋତ ପ୍ରଖର ଥିବାରୁ ନାବାଳିକା ଜଣକ ଦୁରକୁ ଭାସି ଯାଇ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ମହାନଦୀ ପଠାରେ ହସ୍ପିଟାଲ ବର୍ଜ୍ୟବସ୍ତୁ ଫିଙ୍ଗାଯିବା ଘଟଣା

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିୟମ ଅନୁପାଳନ ନିର୍ଦ୍ଦେଶ

**ସମ୍ବଲପୁର, ୧୧।୭ (ସମିସ) :** ବୁଧବାର କଚେରି ଛକ ନିକଟସ୍ଥ ମହାନଦୀ କୂଳରେ ବର୍ଜ୍ୟବସ୍ତୁ ଫିଙ୍ଗାଯାଇଥିବା ଦେଖି ଅଞ୍ଚଳବାସୀ ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମହାନଗର ନିଗମ କର୍ତ୍ତୃପକ୍ଷ ଆସି ଯାଞ୍ଚ କରିବାପରେ ଏହା ସମ୍ବଲପୁରର ଏକ ଘରୋଇ ହସ୍ପିଟାଲର ବୋଲି ଜଣାପଡ଼ିଥିଲା। ଏନେଇ ମହାନଗର ନିଗମ ପକ୍ଷରୁ ସମ୍ପୃକ୍ତ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ, ସମ୍ବଲପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ରିପୋର୍ଟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପଠାଯାଇଛି। ଏହାସହ ପ୍ରଦୂଷଣ ବୋର୍ଡ ପକ୍ଷରୁ ନଦୀପଠାରୁ ତୁରନ୍ତ ବର୍ଜ୍ୟବସ୍ତୁ ଉଠାଇ ଅଧୀକୃତ ପରିଶୋଧନ କେନ୍ଦ୍ର (ସିବିଏମ୍ଡବ୍ଲ୍ୟୁଟିଏଫ୍)କୁ ପଠାଇବା ଏବଂ କେତେକ ନିୟମର ଅନୁପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତନ୍ମଧ୍ୟରେ, ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଅନୁଯାୟୀ ହସପିଟାଲରୁ ବାହାରୁଥିବା ଜୈବ ଚିକିତ୍ସା ବର୍ଜ୍ୟବସ୍ତୁର ସଂଗ୍ରହ, ସଂରକ୍ଷଣ, ପରିବହନ ଏବଂ ସଂଶୋଧିତ ପରି ନିର୍ଦ୍ଧାରିତ ସମସ୍ତ ରେକର୍ଡ ରଖିବା, ଅଧିକୃତ ସିବିଏମ୍ଡବ୍ଲିଉଟିଏଫ୍ ଅପରେଟରଙ୍କ ଦ୍ୱାରା ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ନିୟମିତ ଉଠାଣ ଏବଂ ନିଷ୍କାସନର ପ୍ରମାଣ ଦାଖଲ, ଡ୍ରେନ୍ରେ ଅପରିଶୋଧିତ ଲଣ୍ଡ୍ରି ବର୍ଜ୍ୟବସ୍ତୁ ନିଷ୍କାସନ ବନ୍ଦ କରିବା ଏବଂ ନିଷ୍କାସନ ପୂର୍ବରୁ ସମସ୍ତ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ବିଶୋଧନ କରାଯାଇଛି ତାହା ନିଶ୍ଚିତ କରିବା ଆଦି ରହିଛି। ଯଦି ସମ୍ପୃକ୍ତ ହସ୍ପିଟାଲ ସମସ୍ତ ନିର୍ଦ୍ଦେଶ ଅନୁପାଳନ ନ କରେ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚେତାବନୀ ଦିଆଯାଇଛି।



# ଟ୍ରକ୍-ଟ୍ରେଲର ଧକ୍କା; ଟ୍ରଲର ଡ୍ରାଇଭରଙ୍କ ମୃତ୍ୟୁ



**ରେଢ଼ାଖୋଲ, ୧୧।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅଧୀନ ୫୫ ନଂ ଜାତୀୟ ରାଜପଥରର ବର୍ଷକିଆ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ର ପଛପଟେ ଲୁହା ବୋଝେଇ ଟ୍ରେଲର ପିଟି ହେବାଫଳରେ ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ଡ୍ରାଇଭର ଜଣଙ୍କ ହେଲେ ବିହାର ରାଜ୍ୟ ମୋତିହାରୀ ଜିଲ୍ଲାର ଅଜିତ୍ ସିଂ। ଉକ୍ତ ଦୁର୍ଘଟଣା ପରେ ଉକ୍ତ ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ରେଢ଼ାଖୋଲ ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୁହା କଟରରେ ଗାଡିକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଜମନକିରା, ୧୧।୭ (ସମିସ):** ଜମନକିରା ଥାନା ଅଧୀନ ବଡ଼ମାଲ ପଞ୍ଚାୟତର ସୁଦ୍ ବଲଣ୍ଡା କଲୋନୀପଡ଼ା ଗାଁର ସୋମବାରୀ ମୁଣ୍ଡା (୬୭) ଗାଁ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଖବରପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ସୋମବାରିଙ୍କ ଶବକୁ ପୋଖରୀରୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠେଇଛି। ଏହି ଘଟଣାରେ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରାଯାଇଛି।

# ଛୁରୀ ଦେଖାଇ ଲୁଟ୍

**ସମ୍ବଲପୁର, ୧୧।୭ (ସମିସ):** ବୁର୍ଲା ଥାନା ଚାଉଁରପୁର ବ୍ରିଜ୍ ନିକଟରେ ଆଜି ଭୋର ସକାଳୁ ଏକ ଲୁଟ୍ ହୋଇଥିବା ସୂଚନା ମିଳିଛି। ଜଣେ ସିକ୍ୟୁରିଟି ଗାର୍ଡ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ଛୁରୀ ଦେଖାଇ ଟଙ୍କା ମାଗିଥିଲେ। ସେ ଦେବାକୁ ମନା କରିବାରୁ ବୋତଲରେ ମାଡ ମାରି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ହେଲେ ଖବର ଲେଖିବା ଯାଏଁ ଏ ନେଇ ଥାନାରେ କେହି ଅଭିଯୋଗ କରିନଥିବା ପୁଲିସ କହିଛି।

# ଚଳନ୍ତା ଟ୍ରେନ୍ରେ ଚଢ଼ିବା ବେଳେ ଖସିପଡ଼ି ଯୁବକ ଆହତ

**କୁଚିଣ୍ଡା, ୧୧।୭ (ସମିସ):** ବାମରା ରେଳଷ୍ଟେସନରେ ଚଳନ୍ତା ଟ୍ରେନରେ ଚଢ଼ିବାକୁ ଯାଇ ଜଣେ ଯୁବକ ଖସିପଡ଼ି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସମ୍ବଲପୁର ପେନ୍ସନ୍ପଡ଼ାର ଏମ୍ଡି. ମୂର୍ତ୍ତଜାଙ୍କ ପୁଅ ଏମ୍ଡି. ଅବ୍ବାସ (୨୫) ତପସ୍ୱିନୀ ଏକ୍ସପ୍ରେସ୍ରେ ହାଟିଆରୁ ସମ୍ବଲପୁର ଫେରୁଥିଲେ। ବାମରା ରେଳ ଷ୍ଟେସନରେ ସେ କୌଣସି କାରଣରୁ ଟ୍ରେନ୍ରୁ ଓହ୍ଲାଇଥିଲେ। ଟ୍ରେନ୍ ଛାଡ଼ି ଦେବା ପରେ ସେ ଟ୍ରେନରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ତେବେ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିବାରୁ ତାଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ଘଟଣା ପରେ କାର୍ଯ୍ୟରତ ଆରପିଏଫ୍ ଯବାନ କଲାଚାନ୍ଦ ପର୍ମାନିକ, ଅର୍ଷଦ ଆଲମ୍ ଏବଂ ଜିଆରପି କର୍ମଚାରୀ ସୁବ୍ରତ ଦାସ ତୁରନ୍ତ ଉଦ୍ଧାର କରି ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ପରେ ଧାନବାଦଆଲାପୁଝା ଏକ୍ସପ୍ରେସ ଯୋଗେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ବୈଦିକର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଉଡ଼ାନ'

**ସମ୍ବଲପୁର, ୧୧।୭ (ସମିସ):** ଶାସନ ପାବପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ' ଆୟୋଜିତ ହୋଇଛି। ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିବା ବେଳେ, ଗତ ଶିକ୍ଷାବର୍ଷରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ଠାରେ ଆୟୋଜିତ 'ଉଡ଼ାଣ୨୦୨୬' କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ କୃତୀ ଛାତ୍ରଛାତ୍ରୀ ରିୟା ଅଗ୍ରୱାଲ, ଶ୍ୱେତା ପାଢ଼ୀ, ସଂକଳ୍ପ ସାରାଂଶ ମାଝୀ ଓ ଗୌରବ ପଟେଲ ଅତିଥି ଭାବେ ଯୋଗଦେଇ ନିଜ ଅନୁଭୂତି ବାଣ୍ଟିଥିଲେ। ଗତ ଶିକ୍ଷାବର୍ଷର ଯୁକ୍ତ ଦୁଇ ପରୀକ୍ଷାର ପ୍ରଥମ (୯୯ ପ୍ରତିଶତ) ସ୍ୱୟଂ ସମ୍ଭବ ରାଜଗୁରୁଙ୍କ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ଏକ ସ୍କୁଟି ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଏହି ଉତ୍ସବରେ ସମ୍ମାନିତ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ଯୋଗଦେଇ ନିଜ ସନ୍ତାନଙ୍କ ସଫଳତାରେ ଗର୍ବ ଓ ଆନନ୍ଦ ବ୍ୟକ୍ତ କରିଥିଲେ। ଅଭିନବ ପଦକ୍ଷେପ ପାଇଁ ସ୍ୱୟଂ ସମ୍ଭବଙ୍କ ଅଭିଭାବକ ବିଦ୍ୟାଳୟର ଚେୟାରମ୍ୟାନ୍ ଆନନ୍ଦ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇବା ସହ ବିଦ୍ୟାଳୟର ଛାତ୍ର ପ୍ରୋତ୍ସାହନମୂଳକ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବୈଦିକ ଏଡୁକେସନାଲ ଟ୍ରଷ୍ଟର ଚେୟାରମ୍ୟାନ୍ ଆନନ୍ଦ ଅଗ୍ରୱାଲ, ପ୍ରିନ୍ସିପାଲ୍ ଗୀତା ଡି. ରାଜନ, ଉପାଧ୍ୟକ୍ଷ ମୋନେନ୍ ଈଶ୍ୱରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।




# ସମ୍ବଲପୁରରେ ଅସିଚାଳନା ଏବଂ ଲନ୍ ବଲ୍ ଖେଳପଡ଼ିଆ ଦାବି

**ସମ୍ବଲପୁର, ୧୧।୭ (ସମିସ) :** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମ୍ବଲପୁର ଗସ୍ତ ଅବସରରେ ସମ୍ବଲପୁରରେ ଏକ ଅସିଚାଳନା ଏବଂ ଲନ୍ବଲ୍ ଖେଳପଡ଼ିଆ ଦାବିକରି ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ଅନୁଯାୟୀ, ସମ୍ବଲପୁରର ଖେଳାଳି ମାନେ ରାଜ୍ୟ ତଥା ଜାତୀୟସ୍ତରରେ ଅସିଚାଳନା ଏବଂ ଲନ୍ ବଲ୍ ପ୍ରତିଯୋଗିତାରେ ଉତ୍କର୍ଷତା ପ୍ରଦର୍ଶନ କରୁଛନ୍ତି। ଏଥିପାଇଁ ନିର୍ଦ୍ଧାରିତ ଖେଳପଡ଼ିଆ ନାହିଁ। ଏଥିପାଇଁ ସମ୍ବଲପୁରରେ ଆନ୍ତର୍ଜାତୀୟସ୍ତରର ଅସିଚାଳନା ଏବଂ ଲନ୍ ବଲ୍ ଖେଳପଡ଼ିଆ ନିର୍ମାଣ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପଡ଼ିଆ ହେଲେ ଅଧିକସଂଖ୍ୟକ ଦକ୍ଷ ଖେଳାଳୀ ବାହାରିବେ ଏବଂ ସମ୍ବଲପୁର ଜିଲ୍ଲାର ପିଲାମାନେ ବିଭିନ୍ନ ସ୍ଥାନରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ଏହି ପରିପ୍ରେକ୍ଷୀରେ ଅସିଚାଳନା ଏବଂ ଲନ୍ ବଲ୍ ସଂଘର ସମ୍ପାଦିକା ରଶ୍ମିତା ପୁରୋହିତ ଏବଂ ଅଞ୍ଜଳି ରାଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସାକ୍ଷାତକରି ସମ୍ବଲପୁରରେ ଉଭୟ ଖେଳପଡ଼ିଆ ନିର୍ମାଣ କରିବା ପାଇଁ ଦାବି ଜଣାଇଥିଲେ।

# ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ

**ସମ୍ବଲପୁର, ୧୧।୭ (ସମିସ) :** ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଧମା ସରପଞ୍ଚ ଲଳିତା ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଧମା ବନମଣ୍ଡଳ ଅଧିକାରୀ (ଟେରିଟୋରିଆଲ) ପ୍ରଶାନ୍ତ କୁମାର ସାହୁ, ଧମା ବନମଣ୍ଡଳ କେନ୍ଦୁପତ୍ର ବିଭାଗର ରେଞ୍ଜର ତ୍ରିଲୋଚନ ମୁଣ୍ଡା, ଫରେଷ୍ଟର ବିଶ୍ୱଜିତ ରାଉତ, ପ୍ରକଳ୍ପ ସଂଯୋଜକ ଦିନେଶ ଖମାରୀ, ଦଳମୁଖ୍ୟ ସୁରେନ୍ଦ୍ର ସାହୁ, ଡ୍ୟୁଟି ଅଫିସର ବିନୟ ଚକ୍ରବର୍ତ୍ତୀ, ନିବେଦିତା ପ୍ରଧାନ ଏବଂ ଧମା ଥାନା ଭାରପ୍ରାପ୍ତ ଅଧିକାରୀ ମମତା ମିଶ୍ର ତଥା ଏଏସ୍ଆଇ ସଞ୍ଜୟ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାପରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ଓ ଛାତ୍ରୀନିବାସ ପରିସରରେ ଚାରାରୋପଣ କରାଯାଇଥିଲା। ବନବିଭାଗର ଭର୍ତ୍ତୃହରି ପ୍ରଧାନ, ଜାହ୍ନବୀ ବାରିକ, ଅଞ୍ଜଳି ଜଗଦଳା, ପଦ୍ମିନୀ ଭୋସାଗର ଏବଂ ବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର, ସୁଶ୍ରୀତ ଷଡ଼ଙ୍ଗୀ, ଜୀବର୍ଦ୍ଧନ ସେଠ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଇ-୨୦ ଇନ୍ଧନ ପଲିସି ନେଇ ସ୍ୱଚ୍ଛତା ଦାବିକଲେ ସୁପ୍ରିମକୋର୍ଟ ଆଇନଜୀବୀ

**ସମ୍ବଲପୁର, ୧୧।୭ (ସମିସ) :** ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ଇଥାନଲ୍ ମିଶ୍ରିତ ପେଟ୍ରୋଲ (ଇ୨୦) ନୀତିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଚିନ୍ତାପ୍ରକାଶ କରି ଜନସାଧାରଣଙ୍କ ନିମନ୍ତେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ସମ୍ପର୍କରେ ଅଧିକ ସ୍ୱଚ୍ଛତା, ଗ୍ରାହକ ସୁରକ୍ଷା ଏବଂ ବୈଜ୍ଞାନିକ ତଥ୍ୟ ପାଇଁ ଦାବି ଜଣାଇଛନ୍ତି। ସେ ଏନେଇ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ଏକ ବିସ୍ତୃତ ପତ୍ର ପ୍ରଦାନ କରିବାସହ ଏହାର ନକଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଏବଂ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହାସହ ସୂଚନା ଅଧିକାର ଆଇନ, ୨୦୦୫ ଅନୁଯାୟୀ ଏକ ଆବେଦନ ମଧ୍ୟ ଦାଖଲ କରାଯାଇଛି ଯେଉଁଥିରେ ବୈଜ୍ଞାନିକ ଅଧ୍ୟୟନ, ବୈଷୟିକ ମୂଲ୍ୟାଙ୍କନ, କ୍ଷେତ୍ର ପରୀକ୍ଷଣ ରିପୋର୍ଟ, ବିଶେଷଜ୍ଞ କମିଟି ସୁପାରିଶ, ଗୁଣବତ୍ତା ମାନଦଣ୍ଡ, ବିପଦ ମୂଲ୍ୟାଙ୍କନ, ଅନୁମୋଦନ ଏବଂ ଇ୨୦ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସମୟରେ ସରକାରଙ୍କ ଦ୍ୱାରା ନିର୍ଭର କରାଯାଇଥିବା ଅନ୍ୟାନ୍ୟ ରେକର୍ଡର ପ୍ରମାଣିତ କପି ସକାଶେ ଶ୍ରୀ ମିଶ୍ର ଆବେଦନ କରିଛନ୍ତି। ଏହି ପତ୍ରରେ ଅନେକ ଦେଶରେ ଉପଲବ୍ଧ ଇନ୍ଧନ ପସନ୍ଦ ପରି ବିକଳ୍ପ ଭାବରେ ଇଥାନଲ୍ ମୁକ୍ତ ପେଟ୍ରୋଲ କିମ୍ବା କମ୍ ଇଥାନଲ୍ ମିଶ୍ରଣ ପ୍ରଚଳନ କରାଯିବାକୁ ପ୍ରସ୍ତାବ ରହିଛି। ଏହା ବିକ୍ରୟ ସମୟରେ ଏବଂ ଇନ୍ଧନ ଖୁଚୁରା ଦୋକାନରେ ଇନ୍ଧନ ସୁସଙ୍ଗତତା, ଯାନ ପେଲୋଡ୍ କ୍ଷମତା, ମାଇଲେଜ୍ ପ୍ରଭାବ ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତାର ବାଧ୍ୟତାମୂଳକ ପ୍ରକାଶନକୁ ମଧ୍ୟ ଅନୁରୋଧ କରାଯାଇଛି। ଇ-୨୦ ସମ୍ପର୍କିତ ସମସ୍ତ ବୈଜ୍ଞାନିକ ଅଧ୍ୟୟନର ପ୍ରକାଶନ, ଇନ୍ଧନ ଗୁଣବତ୍ତାର ସ୍ୱାଧୀନ ତଦାରଖ ଏବଂ ଏକ ପ୍ରଭାବଶାଳୀ ଗ୍ରାହକ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି। ଏହି ପତ୍ରରେ କୁହାଯାଇଛି ଯେ, ଲକ୍ଷ ଲକ୍ଷ ନାଗରିକଙ୍କୁ ପ୍ରଭାବିତ କରୁଥିବା ନୀତିଗୁଡ଼ିକ ସ୍ୱଚ୍ଛତା, ବୈଜ୍ଞାନିକ ପ୍ରମାଣ, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ଉପରେ ଆଧାରିତ ହେବା ଉଚିତ। ସରକାରଙ୍କ ଦ୍ୱାରା ସମସ୍ତ ପ୍ରାସଙ୍ଗିକ ତଥ୍ୟକୁ ସାର୍ବଜନୀନ କ୍ଷେତ୍ରରେ ସ୍ଥାନିତ କରାଗଲେ ଗ୍ରାହକମାନେ ବ୍ୟବହାର କରୁଥିବା ଇନ୍ଧନ ସମ୍ପର୍କରେ ସୂଚନାପ୍ରଦ ନିଷ୍ପତ୍ତି ନେଇପାରିବେ ବୋଲି ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଖିଳ ମୋହନ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର

**ସମ୍ବଲପୁର, ୧୧।୭ (ସମିସ):** ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମିନି ଅଡିଟୋରିୟମ୍ରେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଏକାଡେମୀ ପରିଷଦର ଉପଦେଷ୍ଟା ଆବାହକ ତଥା ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଜୀବନ ଜିଇଁବାର ସ୍ୱପ୍ନ ରହିଛି ଅଖିଳ ମୋହନଙ୍କ ଗଳ୍ପରେ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଅଖିଳ ମୋହନ ପଟ୍ଟନାୟକଙ୍କ ସୁପୁତ୍ର ତିମିର ଚରଣ ପଟ୍ଟନାୟକ ଯୋଗଦେଇ ନିଜ ବାପାଙ୍କ ଉପରେ ହେଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଏକାଡେମୀର ସହାୟକ ସଂଯୋଜକ କ୍ଷେତ୍ରବାସୀ ନାଏକ ପ୍ରଦାନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାସ ଉଦ୍ଘାଟନୀ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସମାଲୋଚକ ଡ. ଅସିତ ମହାନ୍ତି ମୂଳଭାଷଣ ତଥା ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ଜାଗ୍ରତ ଓ କଳ୍ପନା ହେଉଛି ଅଖିଳ ମୋହନଙ୍କ ସାହିତ୍ୟ ବୋଲି ମତ ରଖିଥିଲେ। ଉଦ୍ଯାପନୀ ସଭାରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଗୋପୀନାଥ ବାଗ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶୁକମୁନି ମେହେରଙ୍କ ସମ୍ପାଦିତ ଗଙ୍ଗାଧର ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରଥମ ବୈଷୟିକ ଅଧିବେଶନରେ ବିଶିଷ୍ଟ ଗାଳ୍ପିକ ପରେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଡ. ମହାଶ୍ୱେତା ସାହୁ ଓ ଡ. ସଂଘମିତ୍ରା ମିଶ୍ର ପ୍ରବନ୍ଧ ପାଠ କରିଥିଲେ। କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ବୈଷୟିକ ଅଧିବେଶନରେ ଡ. ମନୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଡ. ଶୁକମୁନି ମେହେର ଓ ଡକ୍ଟର ପ୍ରିୟରଞ୍ଜନ ପଟ୍ଟନାୟକ ପ୍ରବନ୍ଧ ପାଠ କରିଥିଲେ। ପ୍ରଫେସର ନାଁକୁ ହାଁସଦାଃ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକାଡେମୀ ତରଫରୁ ଅପରାହ୍ନରେ କଥାକାର ଗୌରହରି ଦାସଙ୍କ ସଭାପତିତ୍ୱରେ କବି ସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ବିଶିଷ୍ଟ କବି ଭାଗିରଥି ମିଶ୍ର ଯୋଗଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅଧ୍ୟାପକ-ଅଧ୍ୟାପିକା, ଗବେଷକ-ଗବେଷିକା ଯୋଗଦେଇଥିଲେ। ସ୍ନାତକୋତ୍ତର ବିଭାଗରେ ଛାତ୍ର ରମାକାନ୍ତ ନାଏକ, ଅକ୍ଷୟ ସୁନାନୀ, ବିନୋଦିନୀ ସାହୁ, ସ୍ୱାତୀ ପଧାନ, ଅନୁପମା ପ୍ରଧାନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଡକ୍ଟର ସୁନିତି ଦେବତା, ଡକ୍ଟର ସବିତାବାଳା ନାୟକ, ଡକ୍ଟର ବନ୍ଦିତା ନାୟକ, ଗବେଷକ ଡୋଳାମଣି ମାଝୀ, ବଳରାମ କଟା, ଆକାଶ ଗଡ଼ତିଆ, ଆନନ୍ଦ ସାଗରିଆ, ସୁଦର୍ଶନ ଭରାସାଗର, କୁନା ବେହେରା, ଆରତି ବରର୍ଡ଼ି, କୁନିକା ସାହୁ, ଟିକି ବାରିକ୍, ମାନସା ମୋହନ ହେମ୍ବ୍ରମ, ବିକ୍ରମ ବେସରା, ଯୋଗେଶ୍ୱର ସାହୁ, ସମିର ମୁଣ୍ଡାରୀ, କିରଟି ବାରିକ୍, ମନୋଜ ନାୟକ, ସରୋଜ ଶତପଥୀ ଓ ଓମ୍ ପ୍ରାକାଶ ଅହୀର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମାଜର ବିଭିନ୍ନ ସମସ୍ୟା ଉପରେ ଗବେଷଣା ଆବଶ୍ୟକ

**ସମ୍ବଲପୁର, ୧୧।୭ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଓ ଅର୍ଥନୀତି ବିଭାଗ ଅଧୀନସ୍ଥ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଆଣ୍ଡ ଗଭର୍ନାନ୍ସ ପକ୍ଷରୁ ଆଜି 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦୃଷ୍ଟିରେ ଲୋକନୀତି ଓ ଜନକଲ୍ୟାଣ : ସୁଶାସନର ବ୍ୟାଖ୍ୟା' ଶୀର୍ଷକ ଦିନିକିଆ ବିଶେଷ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଦ୍ୱାରା ଉଦ୍ଘାଟିତ ବିଶେଷ ବ୍ୟାଖ୍ୟାନରେ ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ପୂର୍ବତନ ପ୍ରଫେସର ଡଃ ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି କହିଲେ ଯେ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ କେବଳ ପାଠପଢ଼ାରେ ସୀମିତ ନରହି ସମାଜର ବିଭିନ୍ନ ସମସ୍ୟା ଉପରେ ଗବେଷଣା ଓ ନୀତିଗତ ଚିନ୍ତନର କେନ୍ଦ୍ର ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏଭଳି ସାର୍ବଜନୀନ ବକ୍ତୃତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମସାମୟିକ ବିଷୟ ପ୍ରତି ଆଗ୍ରହ ସୃଷ୍ଟି କରିବାସହ ସେମାନଙ୍କ ବିଶ୍ଳେଷଣାତ୍ମକ ଚିନ୍ତାଧାରାକୁ ବିକଶିତ କରିଥାଏ। ମୁଖ୍ୟବକ୍ତା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଉପରୋକ୍ତ ଶୀର୍ଷକ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଯେକୌଣସି ଜନନୀତିର ମୂଳ ଉଦ୍ଦେଶ୍ୟ କେବଳ ଆର୍ଥିକ ଅଭିବୃଦ୍ଧି ନୁହେଁ, ବରଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚାଇବା। ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥା ହିଁ ଏକ ସଶକ୍ତ ଓ କଲ୍ୟାଣମୂଳକ ରାଷ୍ଟ୍ର ଗଠନର ଆଧାର। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବବାଦ ଦର୍ଶନ ଆଜିର ପରିବର୍ତ୍ତିତ ସାମାଜିକ ଓ ପ୍ରଶାସନିକ ପରିପ୍ରେକ୍ଷୀରେ ମଧ୍ୟ ପ୍ରାସଙ୍ଗିକ। ଏହି ଦର୍ଶନ ମଣିଷର ସର୍ବାଙ୍ଗୀନ ବିକାଶ, ସାମାଜିକ ସମରସତା, ନୈତିକ ମୂଲ୍ୟବୋଧ ଏବଂ ଅନ୍ତ୍ୟୋଦୟର ଧାରଣାକୁ ପ୍ରାଧାନ୍ୟ ଦେଇଥାଏ। ଶାସନ ବ୍ୟବସ୍ଥାର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ଉନ୍ନତିକୁ କେନ୍ଦ୍ରକରି ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ପ୍ରଫେସର ଡଃ ତ୍ରିପାଠୀ ସୁଶାସନର ମୂଳ ଉପାଦାନ ଭାବେ ସ୍ୱଚ୍ଛତା, ଜବାବଦେହିତା, ଦକ୍ଷ ପ୍ରଶାସନ, ଜନଭାଗୀଦାରି ଓ ନୈତିକ ନେତୃତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

ବିଶେଷ ବ୍ୟାଖ୍ୟାନକୁ ରାଜନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଶୁଭଲକ୍ଷ୍ମୀ ବହିଦାର ସଂଯୋଜନା କରିବାସହ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଡଃ କେଶବ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଅନୁରଞ୍ଜନ ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ। ବିଶେଷ ବ୍ୟାଖ୍ୟାନର ପରିଚାଳନା ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଆଣ୍ଡ ଗଭର୍ନାନ୍ସ ନିର୍ଦ୍ଦେଶକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ଉଭୟ ବିଭାଗର ଅଧ୍ୟାପକ ଅଧ୍ୟାପିକା ଡଃ ବନିତା ମହାନନ୍ଦିଆ, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା, ଡଃ ସୁରଜ ବଡ଼ାଇକ, ଡଃ ଡି.ପି ପ୍ରିୟଦର୍ଶୀ ଯୋଶୀ, ତାପସ ପୟର, ଆନନ୍ଦ ମେହେର, ଅକ୍ଷୟ କୁମାର ଜେନା ତଥା ଗବେଷକ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।



## ଲୁହାବାଡ଼ରେ ଫସିଗଲା ଭାଲୁ

**କେସିଙ୍ଗା, ୧୧।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନାଞ୍ଚଳ ଅଧୀନ କିନେରକେଲା ଗ୍ରାମରେ ଏକ ଭାଲୁ ଚାଷଜମିରେ ଥିବା ଲୁହାତାର ବାଡ଼ରେ ଫସି ଯାଇଥିଲା। ଏନେଇ କେସିଙ୍ଗା ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ଓ ବିଭାଗର ରାପିଡ୍‌ଆକ୍ସନ ଟିମ୍ ଦ୍ୱାରା ଭାଲୁକୁ ଉଦ୍ଧାର କରାଯାଇଛି। ଶନିବାର ସକାଳୁ ଭାଲୁଟି ତାର ବାଡ଼ରେ ଫସି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବା ପାଇଁ ରାପିଡ଼ଏକ୍ସନ ଟିମ୍ 'ଟ୍ରାଙ୍କୁଲାଇଜ୍' (ଅଚେତ) ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଭାଲୁଟି ସାମାନ୍ୟ ଆହତ ହୋଇଥିବାରୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯିବାସହ ଭାଲୁ ଟିକେ ସୁସ୍ଥ ହେବାପରେ ତାକୁ ନିକଟସ୍ଥ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି।



## ତୁର୍କୀ ମାଟିରେ ଇତିହାସ ରଚିଥିବା ଆକାଶଙ୍କୁ ସମ୍ବର୍ଦ୍ଧନା

**ଧର୍ମଗଡ଼, ୧୧।୭(ସମିସ):** ତୁର୍କୀର ମରସିନ ସହରରେ ଅନୁଷ୍ଠିତ ଅନ୍ତର୍ଜାତୀୟ 'ୱାର୍ଲ୍ଡ ଆବିଲିଟିସ୍ପୋର୍ଟ୍ସ ୟୁଥ୍ ଗେମ୍ସ-୨୦୨୬' ପାରା-ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତ ପାଇଁ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ଜିତି ଦେଶ ତଥା ଓଡ଼ିଶାର ନାଁ ଟେକ ରଖିଥିବା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅ ଅଧୀନ ବ୍ରାହ୍ମଣ ଛେଣ୍ଡିଆ ଗ୍ରାମର ଆକାଶ ରଞ୍ଜନ ମୁଣ୍ଡଙ୍କୁ ନିଜ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରାହ୍ମଣ ଛେଣ୍ଡିଆ ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ପଞ୍ଚାନନ ନାଏକ, ସମସ୍ତ ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଆକାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ବ୍ରାହ୍ମଣ ଛେଣ୍ଡିଆର ମଣ୍ଡିଠାରେ ଗ୍ରାମବାସୀଙ୍କ ତରଫରୁ ଏକ ଭବ୍ୟ ସାଧାରଣ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆକାଶଙ୍କ ବଡ଼ବାପା ଗୋପବନ୍ଧୁ ମୁଣ୍ଡ, ଲୋକନାଥ ମୁଣ୍ଡ, ପ୍ରହଲ୍ଲାଦ ମୁଣ୍ଡ, ଶାନ୍ତନୁ କୁମାର ମୁଣ୍ଡ, ଗାୟତ୍ରୀ ପ୍ରସାଦ ମୁଣ୍ଡ, ହିମାଦ୍ରୀ ପଣ୍ଡା ଏବଂ ବିଶ୍ୱରଞ୍ଜନ ମୁଣ୍ଡଙ୍କ ସମେତ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇ ଥିଲେ।



## ବାମ୍ନିଗୁଡ଼ା ଶନିମନ୍ଦିରରେ ୧୦୦୦ ଚାରା ରୋପଣ

**ଜୁନାଗଡ଼/ମାଟିଗାଁ, ୧୧।୭ (ସମିସ):** ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ଜୁନାଗଡ଼ ବ୍ଲକ ଅଧୀନ ବାମନିଗୁଡା ଗ୍ରାମର ଶନିମନ୍ଦିର ପ୍ରାଙ୍ଗଣରେ ଆଜି ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଚାରା ରୋପଣ କରାଯାଇଛି। ସ୍ଥାନୀୟ ଯୁବକ ଓ ସମାଜସେବୀଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶିଷ ଗୋଏଲ୍, ସୋମନାଥ ପାତ୍ର, ବିଷ୍ଣୁଶର୍ମା, ଅଜିତ ଅଗ୍ରୱାଲ, ଉପେନ୍ଦ୍ର ଚାଲନ୍ ପ୍ରମୁଖ ସହଯୋଗ କରିଥିଲେ। ବହୁ ଗ୍ରାମବାସୀ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଆୟୋଜକ ଆଶିଷ ଗୋୟଲ ଏବଂ ସୋମନାଥ ପାତ୍ର କହିଛନ୍ତି ଯେ ମନ୍ଦିର ପରିସରକୁ ସବୁଜ ଓ ସୁନ୍ଦର କରିବା ସହିତ ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଖଡ଼ିଆଲ, ୧୧।୭(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକରେ ଦୁଇ ଦିନିଆ ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ବୋଡେନ ବ୍ଲକର ୧୫ଟି ପଞ୍ଚାୟତର ସରପଞ୍ଚ କାର୍ଯ୍ୟନିର୍ବାହୀ ଅଧିକାରୀ, ୱାର୍ଡସଦସ୍ୟ ଓ ସିଆରପି ମାନେ ଯୋଗ ଦେଇଥିଲେ। ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି, ମହିଳା ସଭା, ବାଲ୍ ସଭା ଓ ଗ୍ରାମ ସଭାର ଭୂମିକା, ସମୁଦାୟର ସକ୍ରିୟ ଅଂଶଗ୍ରହଣ, ଦୀର୍ଘସ୍ଥାୟୀ ବିକାଶ ଯୋଜନାର ସ୍ଥାନୀୟ କରଣ, ସ୍ଥାନୀୟ ଆବଶ୍ୟକତାର ଚିହ୍ନଟ, ବିଭିନ୍ନ ବିଭାଗର ସମନ୍ୱୟ ଏବଂ ଚିରସ୍ଥାୟୀ ଗ୍ରାମୀଣ ବିକାଶ ପାଇଁ ଯୋଜନା ପ୍ରସ୍ତୁତି ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ଜିପିଡିଓ ଭୀଷ୍ମ କୁମାର, କମ୍ପ୍ୟୁଟର ପ୍ରୋଗ୍ରାମର ସରୋଜ ପ୍ରଧାନ, ସ୍ୱଚ୍ଛଭାରତ ମିଶନ ବିଆରସି ହେରମ୍ବ ବିଶ୍ୱାଳ ଏବଂ ଆକାଂକ୍ଷିତ ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ ଯୋଗଦେଇ ଥିଲେ।



**ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳବନ୍ଦୀ ୧୭ ଗାଁ**

## ୫ କେଜି ଚାଉଳ ପାଇଁ ୧୦୦ ଟଙ୍କା ଡ଼ଙ୍ଗା ଭଡ଼ା

**ଥୁଆମୂଳରାମପୁର, ୧୧।୭(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ହୋଇଥିବା ଗାଁଗୁଡ଼ିକରେ ବସବାସ କରୁଥିବା ହଜାରହଜାର ଲୋକଙ୍କ ଜୀବନ ଆଜି ବି ଚରମ ଦୁର୍ଦ୍ଦଶାରେ ରହିଛି। ଏହି ଅଞ୍ଚଳର ଲୋକଙ୍କ ପାଇଁ ଜୀବନରେଖା ପାଲଟିଛି କେବଳ ଡଙ୍ଗା। ମାତ୍ର ୫ କିଲୋଗ୍ରାମ ପିଡିଏସ୍ ଚାଉଳ ଆଣିବା ପାଇଁ ଜଣେ ହିତାଧିକାରୀଙ୍କୁ ପ୍ରାୟ ୧୦୦ ଟଙ୍କା ଡଙ୍ଗା ଭଡ଼ା ଦେବାକୁ ପଡୁଥିବାରୁ ଗରିବ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି।

ହେଲେ ସେହି ଡଙ୍ଗା ମଧ୍ୟ ବର୍ତ୍ତମାନ ସୁରକ୍ଷିତ ନ ଥିବାରୁ ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରିବାକୁ ଲୋକେ ବାଧ୍ୟ ହେଉଛନ୍ତି। ତଳନାଗୀର ଲୁଦୁକୁଡ଼ି ଘାଟରୁ ଘୁଟୁଖାଲ, ଭିତରଡୁଙ୍ଗା, ତେନ୍ତୁଳିପଦର, ଲିଟିମସ୍କା, ପୋଡାପଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଏବଂ ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳକୁ ସଂଯୋଗ କରୁଥିବା ମୋଟରଚାଳିତ ଡଙ୍ଗାରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଯାତ୍ରା ସମୟରେ ଡଙ୍ଗା ଭିତରକୁ ପାଣି ପଶି ଆସୁଥିବା ଦେଖି ଯାତ୍ରୀମାନେ ଭୟଭୀତ ହେଉଥିଲେ ମଧ୍ୟ ଅନ୍ୟକୌଣସି ବିକଳ୍ପ ନଥିବାରୁ ସେହି ଡଙ୍ଗାରେ ଯାତାୟାତ କରୁଛନ୍ତି। ଥୁଆମୂଳ ରାମପୁର ବ୍ଲକର ପୋଡାପଦର ପଞ୍ଚାୟତର ୧୬ଟି ଗାଁ ଏବଂ ମାଳିଗାଁ ପଞ୍ଚାୟତର ଗୋଟିଏ ଗାଁ ସମେତ ମୋଟ ୧୭ଟି ଗାଁ ସମ୍ପୂର୍ଣ୍ଣ ଭାବେ ଜଳଭଣ୍ଡାର ଉପରେ ନିର୍ଭରଶୀଳ। ଏହି ଅଞ୍ଚଳର ଲୋକଙ୍କ ପାଇଁ ଡଙ୍ଗା ହିଁ ଯାତାୟାତ, ଚିକିତ୍ସା, ଶିକ୍ଷା, ବଜାର ଏବଂ ସରକାରୀ ସେବା ପହଞ୍ଚିବାର ଏକମାତ୍ର ମାଧ୍ୟମ। ପୋଡାପଦର ପଞ୍ଚାୟତ ଅଧୀନରେ ଲିଟିମସ୍କା, ଭୁରଭୁରି ଟେମରା, ଘୁଟୁଖାଲ, ସରାପାସ, ତେନ୍ତୁଳିପଦର, କାରୁବାଡ଼ି, ତଳପୁଙ୍ଗା, କଲାଟି, ଉପରପୁଙ୍ଗା, ତଳଝିରି, ଉପରଝିରି, କୁଟୁପାଟ, ଗୁଞ୍ଜମାଳି, ଉପର ଗୁଞ୍ଜମାଳି, ଢେପଟେମରା ଓ ମାଳିଗାଁ ପଞ୍ଚାୟତର କେ. ଚେପଟାଘାଟ ଭଳି ଗାଁଗୁଡ଼ିକ ବର୍ଷ ବର୍ଷ ଧରି ବାହ୍ୟ ଜଗତଠାରୁ ପ୍ରାୟ ବିଚ୍ଛିନ୍ନ ହୋଇ ରହିଛନ୍ତି। ଆଜି ମଧ୍ୟ ଏହି ଗ୍ରାମଗୁଡ଼ିକରେ ମୌଳିକ ସୁବିଧା ପହଞ୍ଚାଇବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହି ଅଞ୍ଚଳର ଦୟନୀୟ ଚିତ୍ର ସେତେବେଳେ ସାମ୍ନାକୁ ଆସେ, ଯେତେବେଳେ ସାଧାରଣ ରାସନ ଚାଉଳ ଆଣିବା ପାଇଁ ମଧ୍ୟ ଗ୍ରାମବାସୀଙ୍କୁ ଜଳଭଣ୍ଡାର ପାର ହୋଇ ତଳନାଗୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡ଼େ। ମାତ୍ର ୫ କିଲୋଗ୍ରାମ ପିଡିଏସ୍ ଚାଉଳ ଆଣିବା ପାଇଁ ଜଣେ ହିତାଧିକାରୀଙ୍କୁ ପ୍ରାୟ ୧୦୦ ଟଙ୍କା ଡଙ୍ଗା ଭଡ଼ା ଦେବାକୁ ପଡୁଥିବାରୁ ଗରିବ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି। କେବଳ ସାଧାରଣ ଲୋକ ନୁହେଁ, ସରକାରୀ ବିଭାଗ ମଧ୍ୟ ଏହି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ନିର୍ମାଣ ସାମଗ୍ରୀ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ଉପକରଣ ପହଞ୍ଚାଇବା ପାଇଁ ମଧ୍ୟ ଡଙ୍ଗା ହିଁ ଏକମାତ୍ର ମାଧ୍ୟମ ହୋଇଥିବାରୁ ଅନେକ ବିକାଶମୂଳକ କାର୍ଯ୍ୟ ଅଧାରେ ଅଟକି ରହିଛି। ଫଳରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ଏହି ଜଳବନ୍ଦୀ ଅଞ୍ଚଳର ଲୋକେ ବଞ୍ଚିତ ହେଉଛନ୍ତି। ବର୍ଷାଋତୁ ଆରମ୍ଭ ହୋଇଥିବାରୁ ପରିସ୍ଥିତି ଆହୁରି ଚିନ୍ତାଜନକ ହୋଇପଡ଼ିଛି। ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଲେ ଦୁର୍ଘଟଣାର ଆଶଙ୍କା ବହୁଗୁଣ ବଢ଼ିଯାଉଛି। ଫାଟିଥିବା ଡଙ୍ଗାରେ ପାଣି ପଶିବା ଘଟଣା ସ୍ଥାନୀୟଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି କରିଛି। ଯେକୌଣସି ସମୟରେ ଅଘଟଣ ଘଟିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ସ୍ଥାନୀୟଲୋକଙ୍କ ଦାବି ହେଉଛି, ତୁରନ୍ତ କ୍ଷତିଗ୍ରସ୍ତ ମୋଟର ଚାଳିତ ଡଙ୍ଗାଗୁଡ଼ିକର ମରାମତି କରାଯାଉ, ଆବଶ୍ୟକ ସଂଖ୍ୟକ ନୂତନ ଓ ଉନ୍ନତମାନର ସୁରକ୍ଷିତ ଡଙ୍ଗା ଯୋଗାଇ ଦିଆଯାଉ ଏବଂ ଏହି ଜଳବନ୍ଦୀ ୧୭ଟି ଗାଁର ଲୋକଙ୍କ ସୁରକ୍ଷିତ ଯାତାୟାତ ସହ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାର ସ୍ଥାୟୀ ସମାଧାନର ପଦକ୍ଷେପ ନିଅନ୍ତୁ। ନଚେତ୍ ବର୍ଷା ଋତୁରେ ଏହି ଜଳବନ୍ଦୀ ଅଞ୍ଚଳର ଲୋକଙ୍କ ଜୀବନ ଆହୁରି ଦୁର୍ବିସହ ହେବା ସହିତ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।



**ରେତ ପ୍ରକଳ୍ପରୁ ଜଳସେଚନ ଦାବି**

## ଦୁଇ ରାଜ୍ୟସଭା ସାଂସଦଙ୍କୁ ଭେଟିଲା କୃଷକ ବିକାଶ ମଞ୍ଚ

**ଲାଞ୍ଜିଗଡ଼, ୧୧।୭(ସମିସ):** ରେତ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ବାଦ ପଡ଼ିଥିବା ଲାଞ୍ଜିଗଡ଼ ବ୍ଲକର ଗୋବର୍ଦ୍ଧନପୁର ଓ ନର୍ଲା ବ୍ଲକର ବଡ଼ ଧାରପୁର ଏବଂ ଘଣ୍ଟମାଳ ପଞ୍ଚାୟତର ୧୮ ଖଣ୍ଡ ଗାଁକୁ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ଚାଷୀଙ୍କୁ ନେଇ ଗଠିତ କଳାହାଣ୍ଡି କୃଷକ ବିକାଶ ମଞ୍ଚ। ସରକାର ଓ ପ୍ରଶାସନ ତଥା ଜନ ପ୍ରତିନିଧିଙ୍କ ଜରିଆରେ ଦାବି ପୂରଣ ପାଇଁ ସଂଗଠନ ପ୍ରୟାସ ଜାରି ରଖିଛି। ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିବା ସହିତ ରେତ ପ୍ରକଳ୍ପର ଜଳସେଚନରୁ ବଞ୍ଚିତ ଏହି ତନୋଟି ପଞ୍ଚାୟତର ଚିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳକୁ ରେତ ପ୍ରକଳ୍ପର ଡାହାଣ କେନାଲ ସମ୍ପ୍ରସାରଣ କିମ୍ବା ମେଗା ଲିଫ୍ଟ ସ୍ଥାପନ କରିଚାଷ ପାଇଁ ପାଣି ଯୋଗାଇଦେବାକୁ ସଂଗଠନ ଦାବି ଉପସ୍ଥାପନ କରିଛି। ସେହିପରି ଚାଷୀଙ୍କ ଦାବି ସମ୍ପର୍କରେ ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟଯୋଶୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସଂଗଠନର କର୍ମକର୍ତ୍ତା। କଳାହାଣ୍ଡି କୃଷକ ବିକାଶ ମଞ୍ଚର ସଭାପତି ସୁରେନ୍ଦ୍ର ମାଝୀ ଓ ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ମଞ୍ଚର କାର୍ଯ୍ୟକାରିଣୀ ସଦସ୍ୟ ବୀରେନ କୁମାର ପାଢ଼ୀ ଓ ଦେବ ପଟେଲ ପ୍ରମୁଖ ଆଜି ଦୁଇ ରାଜ୍ୟସଭା ସାଂସଦ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅପରପକ୍ଷରେ, ଭବାନୀପାଟଣାସ୍ଥିତ ପ୍ରଦକ୍ଷିଣ ଗୃହରେ ଅନୁଷ୍ଠିତ ବିଜେପି ସଂସଦୀୟ କୋର କମିଟି ବୈଠକରେ ରେତ ପ୍ରକଳ୍ପରୁ ବଞ୍ଚିତ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇଦେବାକୁ ଦଳ ପଦକ୍ଷେପ ନେବା ତଥା ସରକାର ଏ ଦିଗରେ କ୍ରିୟାଶୀଳ ହେବାକୁ ଦାବି କରିଥିଲେ ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପ ସଭାପତି ତଥା ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ମାଝୀ। ସେହିପରି କେନାଲ ସମ୍ପ୍ରସାରଣ ନଚେତ ମେଗା ଲିଫ୍ଟ ସ୍ଥାପନ ଜରିଆରେ ଜଳସେଚନର ଦାବିନେଇ ଖୁବଶୀଘ୍ର ଚାଷୀଙ୍କ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ସଂଗଠନର ସଭାପତି ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

**ବହୁ ଚର୍ଚ୍ଚିତ ରିୟା ମୃତ୍ୟୁ ପ୍ରସଙ୍ଗ**

## ପରିବାରକୁ ଭେଟିଲେ ନର୍ଲା ବ୍ଲକ ଯାଦବ ସମିତି

**ଭବାନୀପାଟଣା, ୧୧।୭(ସମିସ):** ଆମ୍ବୁଲାନ୍ସ ସେବାର ଦାୟିତ୍ୱହୀନତା ଯୋଗୁଁ ନର୍ଲା ବ୍ଲକ ତୁଲାପଡ଼ାର ୧୧ ବର୍ଷିୟ ଶିଶୁକନ୍ୟା ରିୟା ନାଏକଙ୍କ ମୃତ୍ୟୁ ଘଟିଛି। ଗତ ଗୁରୁବାର ଘଟିଥିବା ଏହି ଅଭାବନୀୟ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଶନିବାର ନର୍ଲା ବ୍ଲକ ଯାଦବ ସମିତିର ଏକ ପ୍ରତିନିଧି ମଣ୍ଡଳୀ ତୁଲାପଡ଼ା ଯାଇ ମୃତକଙ୍କ ପିତା ଡିଙ୍ଗର ନାଏକଙ୍କୁ ଭେଟିବା ସହ ସ୍ୱାନ୍ତନା ପ୍ରଦାନ କରିଛନ୍ତି। ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ଉପସଭାପତି ମାର୍କଣ୍ଡ ଜାଲ, ଯୁଗ୍ମ ସମ୍ପାଦକ ଅଜିତ କରୁଆଁ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଯୁଧିଷ୍ଠିର ଗଉଡ଼, ତୁଲାପଡ଼ା ଆଞ୍ଚଳିକ ଯାଦବ ସମିତି ସଭାପତି ଶଶିଦେବ ବଗର୍ତ୍ତି ଓ ସାଧାରଣ ସମ୍ପାଦକ ଗୋକୁଳ ଭୋଇ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ। ମୃତ ଶିଶୁକନ୍ୟାକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଯାଦବ ସମାଜ ପକ୍ଷରୁ ଦାବି ହୋଇଛି।



**ଗ୍ରାମ୍ୟଉନ୍ନୟନ ଯୋଜନାର ସମୀକ୍ଷା**

## ଗୁଣାତ୍ମକ କାର୍ଯ୍ୟାନ୍ୱୟନ ଉପରେ ସିଡିଓଙ୍କ ଗୁରୁତ୍ୱ

**କୋମନା, ୧୧।୭(ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ଭିବିଜି ରାମ-ଜି, ଷ୍ଟେଟ୍ ଫାଇନାନ୍ସ କମିଶନ୍ ସମେତ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ଯୋଜନାର ଅଗ୍ରଗତି ସମୀକ୍ଷା ବୈଠକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ କୋମନା ବ୍ଲକ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋମନା ବିଡିଓ ପବିତ୍ର କୁମାର ସାମଲ, ଏବିଡିଓ ଭକ୍ତବନ୍ଧୁ ବୁଡେକଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବ୍ଲକ ପ୍ରକଳ୍ପ ସଂଯୋଜକ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ ବିକାଶ ସମ୍ପ୍ରସାରଣ ଅଧିକାରୀ ଓ ଗ୍ରାମରୋଜଗାର ସେବକ ଉପସ୍ଥିତ ଥିଲେ। ବୈଠକରେ କୋମନା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଉନ୍ନୟନ ଯୋଜନାର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ଯୋଜନାର ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି ଅବଶିଷ୍ଟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଗୁଣାତ୍ମମାନ ବଜାୟ ରଖିବା ଏବଂ ନିୟମିତ ଭାବେ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଗ୍ରାମ୍ୟ ଉନ୍ନୟନ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ମଧ୍ୟ ସେ ଆହ୍ୱାନ ଜଣାଇଥିଲେ।

## ଭୈରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ଜୁନାଗଡ଼, ୧୧।୭(ସମିସ):** ଜୁନାଗଡ଼ ବ୍ଲକ ଅଧୀନ ଭୈରିଗୁଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ରାତିରେ ଚୋରମାନେ କବାଟ ଭାଙ୍ଗି ଚୋରି କରିଥିବା ଘଟଣା ସାମ୍ନାକୁ ଆସିଛି। ଶନିବାର ସକାଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଥମେ ଆସି କବାଟ ଭାଙ୍ଗିଥିବା ଦେଖିଥିଲେ। ଭିତରକୁ ଯାଇ ଦେଖିବା ପରେ ୪ଟି କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ପ୍ରଧାନଶିକ୍ଷକ ଜୁନାଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଜୁନାଗଡ଼ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି।

## ଦିଲ୍ଲୀପ କୁମାର ପଣ୍ଡାଙ୍କ ବିୟୋଗ



**କୋକସରା, ୧୧।୭(ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମର ଦିଲ୍ଲୀପ କୁମାର ପଣ୍ଡାଙ୍କ (୭୪)ବୟସରେ ତାଙ୍କ ବାସ ଭବନରେ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ପରଲୋକରେ ଡୁଡୁକାଠେଙ୍ଗା ତଥା ଛିଲିପାମାଲ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ, ପୁଅ, ବହୂ, ଝିଅ, ଜୁଆଇଁ, ଭାଇ, ପୁତୁରା ଜ୍ଞାତ କୁଟୁମ୍ବ ଉପସ୍ଥିତ ଥିଲେ। ବଡ଼ପୁଅ ଧୀରଜ କୁମାର ପଣ୍ଡା ଓ ଶାନ ପୁଅ ନିଜର କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ।

## କୋମନାରେ ବନମହୋତ୍ସବ ପାଳିତ

**କୋମନା, ୧୧।୭(ସମିସ):** ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦୀପକ କୁମାର ଦାସ, ରେଡ୍‌କ୍ରସ୍ କାଉନସିଲର ଅଶ୍ୱିନୀ ଓତାଙ୍କ ସମେତ ଅଧ୍ୟାପକ ବଚନ ଭୋଇ, ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ତୁମେଶ୍ୱର କର୍ମୀ, ପ୍ରୀତିବନ୍ନିଆ ପାଢ଼ୀ, ସୁଜାତା ବଙ୍ଗୋଲା, ଜୟନ୍ତୀ ମାଝୀ, ଅର୍ଚ୍ଚନା ନାୟକ, ଶ୍ରେୟା ଭୋଇ, ଦିବ୍ୟା ସିଂ, ଇନ୍ଦୁ ପଟେଲ, ଶଙ୍କର ବୈଠାରୁ, କୁନୁ ମାହାରଣା, ଲାଲୁ ନାଗ, ନରେଶ ନାୟକ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## କଢେଲ ରଥଯାତ୍ରାରେ ସୁରକ୍ଷା ଓ ସୁବ୍ୟବସ୍ଥା ପ୍ରସ୍ତୁତି

**ମ.ରାମପୁର, ୧୧।୭(ସମିସ):** ମ.ରାମପୁର ବ୍ଲକ ସ୍ଥିତ ବମକ ପଞ୍ଚାୟତର କଢେଲ ରଥଯାତ୍ରା -୨୦୨୬କୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ବ୍ଲକ ପ୍ରଶାସନ ଓ ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଗଜପତି ଶକ୍ରୀ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜୟଦେବ ସାହୁ, ଲକ୍ଷଣ ପ୍ରଧାନ, ଭାରପ୍ରାପ୍ତ ଅଧିକାରୀ ସଂଯୁକ୍ତା ପ୍ରଧାନ, ଶୁଶାନ୍ତ ମୁଣ୍ଡ ଅଭିରାମ ରାଓ, ବୈବସୁତ ବାଗ, ଅନନ୍ତ ମାଝୀ, ପୂର୍ବତନ ସମ୍ପାଦକ ତୁମେଶ୍ୱର ସାହୁ, ରୋମାଞ୍ଚ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଜଗନ୍ନାଥ ମନ୍ଦିର କମିଟିର ସମ୍ପାଦକ ପୟଧର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଭାପତି ମାଧବ ମାଝୀ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

**ମାଗୁରପାଣିରେ 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଗ୍ରାମ' କାର୍ଯ୍ୟକ୍ରମ**


## ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ନୂଆପଡ଼ା/ସିନାପାଲି, ୧୧।୭(ସମିସ)**

'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନ 'ଗାଁ ପରିମଳ ଗାଁ ମୁଣ୍ଡରୁ' କାର୍ଯ୍ୟକ୍ରମ ଅଧୀନରେ ନୂଆପଡ଼ା ବ୍ଲକର ମାଗୁରପାଣି ଗ୍ରାମରେ 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଗ୍ରାମ' ଅଭିଯାନ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ ଏବଂ ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଗ୍ରାମ ପ୍ରବେଶ ପଥରେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ପରେ ଗ୍ରାମବାସୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଯୁବବର୍ଗଙ୍କ ସହଯୋଗରେ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଗ୍ରାମର ବୟସ୍କ ବ୍ୟକ୍ତିମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଦୀପ୍ତ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମିତ୍ରଭାନୁ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିବାବେଳେ ଟ୍ୱିଙ୍କଲ ସାହୁ ଗ୍ରୁପ୍ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ଉପରେ ସଚେତନତାମୂଳକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ତେଶ୍ୱରୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ କ୍ରୀଡ଼ା ଶିକ୍ଷକ ମହତାବ ଆଡଜୁଆଡ଼ ବିଦ୍ୟାଳୟର କ୍ରୀଡ଼ା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସଚେତନ କରାଇ ବିକଳ୍ପ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ପରିବେଶ ସୁରକ୍ଷାରେ ସାମୂହିକ ଦାୟିତ୍ୱ ପାଳନର ଆବଶ୍ୟକତା ଉଲ୍ଲେଖ କରିଥିଲେ। ଏହି ଅବସରରେ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ଡୋମେଶ୍ୱରୀ ସାହୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଯୋଗିତାରେ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତର ପାଇଁ ମନୋନୀତ ହୋଇଥିବା ପ୍ରିୟଙ୍କା ରଥଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ସେହିପରି 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନର ସଫଳ ନେତୃତ୍ୱ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ହେମସାଗର ସାହୁ ସମୂହ ସ୍ୱଚ୍ଛତା ଶପଥ ପାଠ କରାଇଥିବାବେଳେ ସରପଞ୍ଚ ପ୍ରତିନିଧି ରୋହିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସରପଞ୍ଚ ଲକ୍ଷ୍ମୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ମିତ୍ରଭାନୁ ରାଉତ, ସରପଞ୍ଚ ପ୍ରତିନିଧି ରୋହିତ କୁମାର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ତେଶ୍ୱରୀ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ ବିଇଓଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**ଲାଞ୍ଜିଗଡ଼, ୧୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଏବଂ ଗୁଣାତ୍ମକ କରିବା ପାଇଁ ପ୍ରୟାସ ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ବ୍ଲକର ବିଭିନ୍ନ ବିଦ୍ୟାଳୟର ହଠାତ୍ ପରିଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ, ଶ୍ରୀ ମେହେର ଶନିବାର ସକାଳୁ ଲାଞ୍ଜିଗଡ଼ ବ୍ଲକ ସ୍ଥିତ ହତୀମୁଣ୍ଡା, କାର୍କଟା, କିଡିଙ୍ଗ ଓ ବିଭିନ୍ନ ବିଦ୍ୟାଳୟକୁ ଅଚାନକ ଗସ୍ତ କରି ଶ୍ରେଣୀଗୃହରେ ବସି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀର ପ୍ରତ୍ୟକ୍ଷ ମୂଲ୍ୟାଙ୍କନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ପାଠପଢ଼ା ଓ ସମସ୍ୟା ବିଷୟରେ ପଚାରିଥିଲେ। ସରକାରଙ୍କ ଯୋଜନା ଅନୁଯାୟୀ ପରସା ଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ପରିମାଣ ଏବଂ ରୋଷେଇ ଘର ସ୍ୱଚ୍ଛତାର ବିଧିବଦ୍ଧ ତଦନ୍ତ କରିଥିଲେ। ପରିଦର୍ଶନ ସମୟରେ ସେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପାଠପଢ଼ାକୁ ଅଧିକ ସରସ, ସୁନ୍ଦର ଏବଂ ଶିଶୁ ଅନୁକୂଳ କରିବା ସହିତ ପିଲାମାନଙ୍କୁ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ରୁଷିଆ ମେହେର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲାଞ୍ଜିଗଡ଼ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି।



# ମମି



ମୋନାଲିସା ପରିଡ଼ା



ଆଜି ଶେଷ ରଜ। ସଜବାଜ ହେଇ ପସନ୍ଦର ଶାଢ଼ିଟେ ପିନ୍ଧିଲି। ଘରୁ ବାହାରି ଯାଉ ଯାଉ ହଠାତ୍ କାହିଁକି ଇଚ୍ଛା ହେଲା, ଆଉ ଥରେ ନିଜକୁ ଟିକେ ଆଇନାରେ ଦେଖି ନିଅନ୍ତିନି! ଫେରି ଆସିଲି ଆଇନା ସାମ୍ନାକୁ।

ଆରେ ବାଃ! ମୁଁ ତ ଆଜି ବଢ଼ିଆ ଦିଶୁଛି। ମୋବାଇଲ୍‌ଟା କାଢ଼ି କେତେଟା ସେଲ୍‌ଫି ନେଲି। ଧେତ୍! ଗୋଟାଏ ବି ମନକୁ ପାଇଲା ଭଳିଆ ପୋଜ୍ ନଥିଲା। ଭଲ ଫଟୋଟେ ପାଇଁ କସରତ ଚଲେଇଲି।

"ଆରେ ମତେ ଦେ। ମୋ ଗେହ୍ଲୀ ଝିଅର ବଢ଼ିଆ ଫଟୋଟେ ମୁଁ ଉଠାଇ ଦେବି।" ମମିଙ୍କ ସ୍ୱର ଶୁଣି ମୁଁ ଚମକି ପଡ଼ିଲି। ପଛକୁ ବୁଲି ଚାହିଁଲି। ମୁହଁରେ ଧାରେ ସ୍ନେହବୋଳା ହସ ନେଇ ସେ ମୋ ପାଖରେ ଛିଡ଼ା ହୋଇଥିଲେ।

"ମମି, ତମେ ଫଟୋ ଉଠେଇବ? ହଉ ଉଠାଅ।" ତାଙ୍କ ହାତକୁ ଫୋନ୍‌ଟା ବଢ଼ାଇ ଦେଲି। ସେ ଅତି ଆଗ୍ରହରେ ଫଟୋ କେତେଟା ଉଠାଇଲେ। ତା'ପରେ ମୋ ଆଡ଼କୁ ଚାହିଁ ଫିକ୍ କିନା ହସିଦେଲେ।

ପଚାରିଲେ, "ଦେଖିଲୁ, କେମିତି ଉଠିଛି?"

ଆଶ୍ଚର୍ଯ୍ୟ ହେଇଗଲି। ଫଟୋରେ ମୁଁ ଖୁବ୍ ସୁନ୍ଦର ଦିଶୁଥିଲି। "ଆରେ, ବଢ଼ିଆ ଉଠେଇଛ ତ! କିଏ ଶିଖେଇଲା? ବଡ଼ଦି?"

ମୋ ଗାଲକୁ ଚିପିଦେଇ ସେ କହିଲେ, "ଦେଖିଲୁ, ମୁଁ ବି ତମମାନଙ୍କଠୁ କମ୍ ନୁହେଁ।" ଦୁହେଁ ହସି ପକାଇଲୁ।

ତାଙ୍କୁ ଜାବୁଡ଼ି ଧରି କହିଲି, "ଦୁନିଆର ସବୁ କାମ ମୋ' ମମିଙ୍କୁ ଜଣା। ତୁମ ପରି ଆଉ କିଏ ହେବ?"

ରଜ ମଉଜ ଭିତରେ ଦିନଟା କେମିତି କଟିଗଲା ଜଣାପଡ଼ିଲାନି। ଟିକେ ଜଲଦି ଶୋଇପଡ଼ିଲି। ହଠାତ୍ ନିଦଟା ଭାଙ୍ଗିଗଲା। ଘଣ୍ଟା ଉପରେ ନଜର ପଡ଼ିଲା। ଭୋର୍ ୪ଟା। ଖଟ ପାଖରେ ମମିଙ୍କୁ ଦେଖି ଚମକି ପଡ଼ିଲି। ମୋ ମଥା ଆଉଁଷି ଦେଇ କହିଲେ, "ଝିଅ ତତେ ମଶା କାମୁଡୁଛନ୍ତି କି? ମଶାଧୂପ ଲଗାଇ ଦେବି?"

ମୁଁ କହିଲି, "ନାଁ। ତୁମେ ଯାଅ ଶୋଇପଡ଼ିବ।" ମମି ଚାଲିଗଲେ।

"ମା' ଟିକେ ଆସିଲୁ। ଜଲ୍‌ଦି ଆସ!" ବାପାଙ୍କ ଡାକରେ ଧଡ଼ପଡ଼ ହେଇ ଉଠିପଡ଼ିଲି। କ'ଣ ହେଲା? କିଛି ବୁଝି ପାରୁନଥିଲି। ପୁଣି ଥରେ ବାପାଙ୍କ ଡାକ ଶୁଣି ମୁଁ ମମିଙ୍କ ଶୋଇବା ଘରକୁ ଦୌଡ଼ିଗଲି। ଚଟାଣ ଯାକ ପାଣି, ଗିଲାସର କାଚଖଣ୍ଡଗୁଡ଼ା ବିଛାଡ଼ି ହେଇ ତଳେ ପଡ଼ିଥିଲା। ଆଉ ମମି ଖଟ ଉପରେ ନିସ୍ତେଜ ହେଇ ପଡ଼ିଥିଲେ। ବାପା କହିଲେ, "ଦେଖିଲୁ ଟିକେ ମମିକୁ। କ'ଣ ହୋଇଛି ତା'ର।"

"ମନା କରିଥିଲି ନା, ଖରା ହଉଛି ଆମ୍ବ ଖାଅନି। କିନ୍ତୁ ମୋ କଥା କିଏ ଶୁଣୁଛି? ଏବେ ଗ୍ୟାସ୍ ହୋଇଗଲା ନା...ଦେଖିଲ।" ତାଙ୍କ ଅବସ୍ଥା ଦେଖି ଏସବୁ ମୁଁ ବିରକ୍ତିରେ ବକିଗଲି। ହେଲେ ମମି ନିର୍ବିକାର। ଉଁ...ଚୁଁ...କିଛି କରୁ ନଥିଲେ। ଏମିତି କ'ଣ ମଣିଷ ଶୁଅନ୍ତି! ଖଟ ଉପରକୁ ଚଢ଼ିଯାଇ ମୁଁ ତାଙ୍କୁ ଡାକିଲି, ଟିକେ ହଲେଇ ଦେଲି। ହେଲେ ସେ କାଠଟେ ପରି ପଡ଼ିଥିଲେ। କିଛି ବି ପ୍ରତିକ୍ରିୟା ନଥିଲା। ଆଖି ବି ଖୋଲୁ ନଥିଲେ। ବାପା ଆଉ ମୁଁ ପରସ୍ପରକୁ ଚାହିଁଲୁ। ବାପାଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ମୁଁ ତାଙ୍କୁ ସାହସ ଦେଇ କହିଲି, "ମମିଙ୍କର ଗରମରେ ଚେତା ବୁଡ଼ି ଯାଇଥିବ। ଏଇ ଦଶପନ୍ଦର ମିନିଟ୍ ଆଗରୁ ପରା ମୋ ପାଖକୁ ଆସିଥିଲେ। ଚାଲ ଡାକ୍ତରଖାନା ନେଇଯିବା।" ମନଟା କାହିଁ କେଜାଣି ଅଶାନ୍ତ ହୋଇପଡୁଥିଲା। ବାଟ ଯାକ ଏଣୁତେଣୁ କଥା ମନକୁ ଘାଣ୍ଟି ଚାଲିଥିଲା। ନିଜକୁ ଅଟକେଇ ପାରୁ ନଥିଲି ମୁଁ।

ଡାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ମମିକୁ ସିଧା ଆଇସିୟୁକୁ ନେଇଗଲେ। ଡାକ୍ତର କହିଲେ, "ବ୍ରେନ୍ ଷ୍ଟ୍ରୋକ୍ ହୋଇଛି...ବଞ୍ଚିବା ଆଶା କମ୍...ଆମେ ସର୍ଜରି କରିଦେବୁ। କିନ୍ତୁ ସବୁ ଭଗବାନଙ୍କ ହାତରେ।" ଆପେ ଆପେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୁଇହାତ ଉପରକୁ ଟେକି ହୋଇଗଲା- "ହେ ପ୍ରଭୁ! ମମିଙ୍କୁ ଭଲ କରିଦିଅ।" ହସକୁରୀ ମଣିଷଟା ମୁହଁରୁ କାହିଁକି ଏମିତି ହସ ଛଡ଼ାଇ ନେଲ! ଅସ୍ତ୍ରୋପଚାର ହେଲା, ମମି ଷ୍ଟ୍ରେଚର୍‌ରେ ବୁହା ହୋଇ ଘରକୁ ଆସିଲେ। ପାଟିରେ ଖାଦ୍ୟନଳୀ, ନାକରେ ଅକ୍ସିଜେନ୍। ଡାକ୍ତର କହିଲେ, "ପରିବାର ସଙ୍ଗେ ରହନ୍ତୁ। ଧୀରେ ଧୀରେ ସେ ସୁସ୍ଥ ହେବେ।" ମମି ଖାଲି ମୋତେ ଚାହୁଁଥିଲେ। କେବେ କେବେ ହାତ ହଲାଉଥିଲେ, ଯେମିତି ଅନେକ କଥା କହିବାକୁ ଅଛି, ସେ କହିପାରୁନାହାନ୍ତି। ବେଳେବେଳେ ତାଙ୍କ ଓଠ ଥରୁଥିଲା, ମୁଁ ଆଶାରେ ପାଖକୁ ଦୌଡ଼ି ଆସୁଥିଲି-ମମି ବୋଧେ କଥା କହିବେ। ବାରମ୍ବାର ନିରାଶ ହେଉଥିଲି। ସେ ଆମ ଭିତରେ ଥିଲେ, କିନ୍ତୁ ନଥିଲେ! ଅସୀମ ଧୈର୍ଯ୍ୟର ସହ ମୁଁ ଅପେକ୍ଷା କରୁଥିଲି ତାଙ୍କ ସୁସ୍ଥତାକୁ। ହେଲେ ଭଗବାନ ତାଙ୍କୁ ଆମ ପାଖରେ ରଖିବାକୁ ଚାହିଁଲେନି।

ବାହାଘରର ପ୍ରାୟ ବର୍ଷକ ପରେ ରଜରେ ଘରକୁ ଆସିଲି। ଘରେ ପଶୁ ପଶୁ ପାଦଟାକୁ ଯେମିତି ତାଙ୍କ ଶୋଇବା ଘର ଆଡ଼କୁ କିଏ ଟାଣିନେଲା। କାନ୍ଥରେ ଲାଗିଥିବା ତାଙ୍କ ଫଟୋକୁ ଚାହିଁଲି।

"ଝିଅ! ଝିଅ!!" ମୋ କାନରେ ବାଜିଲା ମମିଙ୍କ ସ୍ନେହଭରା ସ୍ୱର। ଠିକ୍ ତୃତୀୟ ରଜରେ ଯେମିତି ଶେଷ ଥର ପାଇଁ ସେ ମୋତେ ଡାକିଥିଲେ। ମୁଁ କାନେଇଲି, ଯେଉଁଆଡୁ ତାଙ୍କ ସ୍ୱରଟା ଆସୁଥିଲା।

ଛୋଟ ବେଳେ ମୁଁ ନିଜକୁ ଦୁନିଆର ସବୁଠୁ ଶକ୍ତିଶାଳୀ ମଣିଷଟେ ବୋଲି ଭାବୁଥିଲି। କାରଣ ଟିକିଏ ଅସୁବିଧା ହେଲେ ମମି ମୋ ପଛରେ କାନ୍ଥ ଭଳି ଠିଆ ହେଉଥିଲେ। ଆଉ ମୁଁ ତାଙ୍କ ସ୍ନେହର ଫାଇଦା ଉଠେଇ ଛୋଟ ଛୋଟ କଥାରେ ରୁଷୁଥିଲି। ମୁଁ ବେଙ୍ଗ ପରି ମୁହଁ ଫୁଲାଇ ବସିପଡୁଥିଲି... ଆଉ ତାଙ୍କ ଆସିବା ବାଟକୁ ଅନେଇ ରହୁଥିଲି। ତାଙ୍କ ପାଉଁଜି ଶବ୍ଦ ଶୁଭିବା କ୍ଷଣି ତକିଆରେ ମୁହଁମାଡ଼ି ଶୋଇବାର ଅଭିନୟ କରୁଥିଲି। ସେ ସବୁ ଜାଣୁଥିଲେ, କିନ୍ତୁ ମୋତେ ଅତି ସ୍ନେହରେ ବୁଝାଇ ଦେଉଥିଲେ।

ରୁମ୍‌ଝୁମ୍...ରୁମ୍‌ଝୁମ୍!! ମମିଙ୍କ ପାଉଁଜି ତ ଏମିତି ଶୁଭେ! ପୁଣି କାନେଇଲି, କୋଉଠୁ ଏ ଶବ୍ଦ ଆସିଲା! ମୁଁ ପ୍ରଥମ ଦରମା ପାଇଲା ଦିନ ତାଙ୍କ ପାଇଁ ଏ ପାଉଁଜି ହଳକ କିଣି ଆଣିଥିଲି। ସେ ମୋତେ କହିଥିଲେ, "ମୋ ପାଇଁ କାହିଁକି କିଣି ଆଣିଲୁ? ମୁଁ କ'ଣ ନୂଆ ବୋହୂଟେ?" ହେଲେ ତାଙ୍କ ଆଖିର ଔଜ୍ଜ୍ୱଲ୍ୟରୁ ମୁଁ ପଢ଼ି ପାରୁଥିଲି ସେ କେତେ ଖୁସି!

ପୁରୁଣା ଦିନଗୁଡ଼ାକ ମନେ ପଡୁଥିଲା। ମମି ପାଖରେ ବସି ମଥା ଆଉଁଷି କହୁଥିଲେ, "ଆଜି କ'ଣ ଖାଇବୁ କିଲୋ, କହୁନୁ। ରାନ୍ଧି ଦେବି।" ପୁଣି ଯୁବତୀ ଝିଅଟାକୁ ପାଖରେ ବସେଇ ଖୁଆଇ ଦେଉଥିଲେ। ଅଫିସ୍ ବାହାରିଲା ବେଳେ ପଛେ ପଛେ ଦୌଡ଼ି ଆସୁଥିଲେ, "ଝିଅ ବ୍ୟାଗଟା ନବୁନି କି? ବର୍ଷାତିଟା ବି ନେଇ ଯା'। ମେଘ ଉଠେଇଛି।" ମୁଁ ଥିଲି ତାଙ୍କର କଥାକୁହା ଚଢ଼େଇ! ମୋର କଥା କୁଆଡ଼େ ଭାରି ମିଠା। ହେଲେ ଆଜି ତାଙ୍କ ଚଢ଼େଇ ଚୁପ୍ ପଡ଼ିଯାଇଛି।

ଚମକି ପଡ଼ିଲି। ମମି ପାଖକୁ ଆସିଲେ ତାଙ୍କ ଶାଢ଼ିଟା ତ ଏମିତି ବାସେ! ମୋ ପାଟିରୁ ସ୍ୱତଃ ବାହାରି ଆସିଲା, "ମମି! ମମି!!" ଆଖି ମଳି ଘର ଭିତରକୁ ଚାହିଁଲି। ସବୁ କିଛି ନୀରବ, ନିଶ୍ଚଳ। ମମି ଯେମିତି ଏକ ଲୟରେ ଫଟୋ ଭିତରୁ ମୋତେ ଚାହିଁଥିଲେ। ତାଙ୍କ ମୁହଁରେ ଲାଖିଥିବା ଧାରେ ହସ ମିଳେଇ ଯାଉଥିଲା। ମୁଁ ଥରୁଥିଲି। ମୋ ଦେହସାରା ଗମ୍‌ଗମ୍ ଝାଳ। ■

ଶିଶୁଆ, ବେଣ୍ଟକାର, କଟକ
ମୋ: ୭୦୦୮ ୭୧୯ ୭୧୨

# ଖରାବେଳ

ମମତା ଦାଶ



ଖରା ନିଜ ତାପରେ ନିଜେ ଜଳିବା
କିଏ ଦେଖିଛି କି ମୋ' ଛଡ଼ା?
ଯେଉଁ କୁଆମାନେ ଅମୋକ୍ଷ ଆମ୍ବଗୁଡ଼ିଏ ଭଳି
କା କା କରୁଥାନ୍ତି ଏମିତି ଖରାବେଳେ
ଜଳି ଯାଆନ୍ତି କି ସେ ଭିତରୁ ଗୋଟେ ଯୋଡ଼େ?

ଗରମ ପିଚୁ ତଳା ହେଉଥିବା ରାସ୍ତାରୁ
ଛିଟିକି ପଡୁଥାଏ ହାହାକାର
ବୁଲା କୁକୁର, ଗାଈମାନଙ୍କ ଶୋଷରୁ
ନିଗୁଡୁ ଥାଏ ହାହାକାର
ମୋ' ଛାତ ଉପର ଫୁଲ କୁଣ୍ଡରେ
ଏକୁଟିଆ ଧଳା ଗୋଲାପର
ଲୁହ ମୋ' ଛାତିର ହାହାକାରକୁ ଛୁଏଁ।
ମୁଁ ଖଟ ଉପରେ ଛଟପଟ ହୁଏ।
ସ୍ୱପ୍ନଟିଏ ମୋ ଆଖି ପତାରେ ପାଦ ରଖେ
ଓ ସଙ୍ଗେ ସଙ୍ଗେ ଜଳି ପୋଡ଼ି ଯାଏ।

ପିଲାଦିନେ ବୋଉ ସାନ ଭାଇକୁ
ଛାତିରେ ଜାକି ଧରି ଶୋଇ ଥାନ୍ତି ଖରାବେଳେ
ମୁଁ ତାଙ୍କ ପିଠିର ନାଲି ଜାଇକୁ
ଛୁଇଁବାକୁ ଚାହିଁ ବି ଛୁଇଁ ପାରେନି
କି ଗୋଟାଏ ହାହାକାର ପେଟ ଭିତରେ
ଗୋଳେଇ ଘାଣ୍ଟି ହୁଏ।


ସେଦିନୁ ଆଜି ଯାଏଁ ଗୋଟିଏ
ଲମ୍ବା ଖରାବେଳ, ଚାଲିଛି ତ ଚାଲିଛି
ଆଉ ଗୋଟିଏ ପାଖରେ ଶୀର୍ଣ୍ଣ ଜଳ ପ୍ରବାହ
ବହୁଛି ତ ବହୁଛି, କେବେ ଅଟକି ଯାଇ
ଗଢୁଛି କଇଁ କାଦୁଅ ଶିଉଳି ଦଳ।

ଆଜି ଏ ଖରାବେଳେ
ମୁଁ ଜଣଙ୍କୁ ଫୋନ ଲଗାଉଛି
ସେ ଉଠାଉ ନାହିଁ।
କାଲି ବି ଉଠାଇ ନଥିଲା
ପରଦିନ ବି।
ମୁଁ ତାକୁ କହିଥିଲି ନା ମୋର
ଏ ଖରାବେଳ ଜଞ୍ଜାଳ କଥା?
ମୋର ଏକେଲାପଣର ଛଟପଟ କଥା?
ସେ ଜାଣି ନଜାଣିଲା ଭଳି ହସି ଦେଇଥିଲା
ତା'ର ହସ ଏତେ ଦାନ୍ତୁଆ ଯେ
ମୋ ହାହାକାରକୁ
ଟିକି ଟିକି କାଟି ଦେଇଥିଲା ସେଦିନ,
ରକ୍ତ ପୋଛିବା ବେଳଠୁ ପୁଣି ଥରେ
ହାହାକାରଟେ ଗଢ଼ି ହେବା ଭିତରେ
ନିମିଷଟିଏ।
ନିମିଷଟିଏ
ଭାବିଲି ଯେ ମୁଁ ତାକୁ ଭଲପାଏ। ■

ମୋ: ୯୪୩୮୧୦୬୩୧୭

# ମାଛ

ବାଦଲ ମହାନ୍ତି



ବଡ଼ ନିରୀହ ତା' ଆଖି
ସୁନ୍ଦର ଓ ଢଳଢଳ ବି
ପାଣି ଓ ଲୁହର ରଙ୍ଗ ଏକା ବୋଲି
କେହି ଜାଣନ୍ତିନି, ସେ କାନ୍ଦେ କି ନାହିଁ ॥

ସୁଆଦିଆ ତା' ମାଂସ
ବାସ୍ ଏତିକି ଜଣାପଡ଼ିବା ପରେ
ତେଣ୍ଟା, ବନିଶୀ, ଜାଲ, ପୋହଳ
ତାକୁ ମାରିବାକୁ ବାହାରିଲା
ଜାତିକା ଜାତିକା ଅସ୍ତ୍ର।

ମୁକ୍ତ ଭାବେ ପହଁରିବାରେ ଥାଏ ତା' ମୃତ୍ୟୁ
ସେ ବୁଝେନା ଏତକ।

ପାଣି ଶୁଖେ, ପଙ୍କ ବି
ବିଚରା ଲୁଚିବ ତ ଲୁଚିବ କୋଉଠି,
ଲୋଭଠୁ ଲୁଚିବା କ'ଣ ଏତେ ସହଜ?

ବେଳେବେଳେ ମାଛ ଦେଖି
ଲାଳ ବୋହେ ମୋର
ମୋତେ ଦେଖି ଏମିତି ହଉଥିବ କି
ମୋ ପ୍ରିୟ ଶତ୍ରୁମାନଙ୍କର?

ଛଳନାର ଜାଲମାଡ଼ରୁ
ବର୍ତ୍ତି ଯାଇଥିବା ମାଛ
ପୁଣି ଥରେ କୂଳକୁ ଆସେ
ଜୀବନ ଓ ଜୀବିକା ଦାୟରେ
ତା' ନିରୀହପଣ, ତା' ଅସହାୟତା
ତା' ସରଳତା ହିଁ ତା' ମାଛଧର୍ମ।

ହେଲେ ତା' ମରିବାର ଭାଗ୍ୟ କିନ୍ତୁ
ଯେତିକି ନିର୍ମମ ସେତିକି ବି ସାଧାରଣ
ମାଛ ଜାଣେ ଏ କଥା।

ତେଣୁ ମାଛ ପହଁରେ
ମୁକ୍ତ ଓ ସ୍ୱଚ୍ଛନ୍ଦରେ
ଆହା, କି ଶାନ୍ତି, ପହଁରିବାରେ? ■

ପ୍ଲଟ ନଂ-୫୧୩, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର-୧୨
ମୋ : ୯୭୭୮୦୩୫୭୬୭



# ସରଳା ଦେବୀଙ୍କ ସାହିତ୍ୟରେ ଦେଶପ୍ରେମର ସ୍ୱର

ମିନାକ୍ଷୀ ଦ୍ୱିବେଦୀ



ଓଡ଼ିଶାର ସାରସ୍ୱତ ଜଗତରେ ସରଳା ଦେବୀ ଏକ ଅନନ୍ୟ, ଅନୁପମ ଓ ଉଜ୍ଜ୍ୱଳ ନକ୍ଷତ୍ର। ଯେଉଁ ସମୟରେ ନାରୀର ଅସ୍ତିତ୍ୱ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲା, ସେହି ସମୟରେ ସରଳା ଦେବୀ କେବଳ କଲମ ଧରି ନଥିଲେ, ସେହି କଲମକୁ ସମାଜ ସଂସ୍କାର, ନାରୀ ଜାଗରଣ ଏବଂ ଜାତୀୟଚେତନାର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିଥିଲେ। ଏକାଧାରରେ ସେ ଥିଲେ ଜଣେ ପ୍ରତିଭାସମ୍ପନ୍ନ ଲେଖିକା, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଅଗ୍ରଣୀ ନେତ୍ରୀ। ତାଙ୍କ ସାହିତ୍ୟରେ କେବଳ ଭାଷାର ମାଧୁର୍ଯ୍ୟ କିମ୍ବା କଳ୍ପନାର ବିଳାସ ନଥିଲା। ଥିଲା ସମାଜର ନିପୀଡ଼ିତ ମଣିଷ ପାଇଁ ଗଭୀର ସହାନୁଭୂତି, ଅନ୍ୟାୟ ବିରୁଦ୍ଧରେ ଦୃଢ଼ ପ୍ରତିବାଦ ଏବଂ ମାନବିକ ମୂଲ୍ୟବୋଧ ପ୍ରତି ଅଟଳ ବିଶ୍ୱାସ। ତାଙ୍କ ସମଗ୍ର ସାହିତ୍ୟ ଜୀବନ ଥିଲା ସମାଜକୁ ଜାଗ୍ରତ ଓ ସଚେତନ କରିବାର ଏକ ନିରନ୍ତର ପ୍ରୟାସ।

ସରଳା ଦେବୀ ଅଳ୍ପବୟସରୁ ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ମାସିକ ପତ୍ରିକା 'ପରିଚାରିକା'ରେ ତାଙ୍କ ରଚିତ 'ଧୈର୍ଯ୍ୟଶାଳୀ ସାମ୍ରାଜ୍ଞୀ- ଶୈବ୍ୟା', 'କଳ୍ପିତ ମୃତ୍ୟୁ', 'ପ୍ରତୀକ୍ଷା' ଆଦି ଲେଖା ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ସେହିପରି ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା ପତ୍ରିକା 'ଅଳକା'ଠାରୁ ଆରମ୍ଭ କରି 'ସହକାର', 'ନବ ଭାରତ' ଆଦି ଓଡ଼ିଶାର ପ୍ରସିଦ୍ଧ ପତ୍ରପତ୍ରିକାରେ ତାଙ୍କର ଲେଖାଗୁଡ଼ିକ ପ୍ରକାଶ ପାଇ ପାଠକମାନଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲା। 'ଭାରତୀୟ ମହିଳା ପ୍ରସଙ୍ଗ' ଓ 'ନାରୀ ଜଗତ' ହେଉଛି ତାଙ୍କର ଦୁଇଟି ଉଚ୍ଚକୋଟୀର ପ୍ରବନ୍ଧ ପୁସ୍ତକ। ଏଥିରେ ବିଭିନ୍ନ ରାଷ୍ଟ୍ରରେ ଦେଖା ଦେଇଥିବା ନାରୀ ଜାଗରଣ ସଂପର୍କରେ ଆଲୋଚନା କରାଯାଇଛି। ସେ ନାରୀକୁ କେବଳ ପୂଜାର ଦେବୀ କିମ୍ବା ପୁରୁଷର ଅଧୀନସ୍ଥ ଭାବରେ ଦେଖିବା ପ୍ରଥାର ଘୋର ବିରୋଧ କରିଥିଲେ। ତାଙ୍କ ମତରେ ନାରୀ ପ୍ରଥମେ ଜଣେ ମଣିଷ, ତେଣୁ ତାହାର ଶିକ୍ଷା, ସ୍ୱାଧୀନତା ଓ ସମ୍ମାନର ଅଧିକାର ପୁରୁଷ ସହ ସମାନ ହେବା ଉଚିତ। ସେହିପରି ତାଙ୍କର କାଳଜୟୀ ପ୍ରବନ୍ଧ ସଂକଳନ 'ନାରୀର ଦାବି' ଓଡ଼ିଆ ସାହିତ୍ୟରେ ଏକ ମାଇଲଖୁଣ୍ଟ ସ୍ୱରୂପ। ଏହି ଗ୍ରନ୍ଥରେ ସେ ନାରୀର ଅର୍ଥନୈତିକ ସ୍ୱାବଲମ୍ବନ, ଶିକ୍ଷାର ସମାନ ସୁଯୋଗ, ବିବାହରେ ସମାନ ମର୍ଯ୍ୟାଦା ଏବଂ ପିତୃ ସମ୍ପତ୍ତି ଉପରେ ଅଧିକାର ସମ୍ବନ୍ଧରେ ଅତ୍ୟନ୍ତ ପ୍ରଗତିଶୀଳ ମତ ପ୍ରକାଶ କରିଥିଲେ। ତାଙ୍କ ବିଚାରରେ ସମାଜର ଅଧା ଜନସଂଖ୍ୟା ଯଦି ଅବହେଳିତ ରୁହନ୍ତି, ତେବେ କୌଣସି ଜାତି ପ୍ରକୃତ ଅର୍ଥରେ ଉନ୍ନତି କରିପାରିବ ନାହିଁ। ସରଳା ଦେବୀଙ୍କ ଅନ୍ୟତମ ଉଲ୍ଲେଖନୀୟ ଗ୍ରନ୍ଥ 'ବିଶ୍ୱ ବିପ୍ଳବିଣୀ'। ଏହି ପୁସ୍ତକରେ ସେ ବିଶ୍ୱର ବିଭିନ୍ନ ଦେଶର ସାହସୀ, ସଂଗ୍ରାମୀ ନାରୀମାନଙ୍କ ଜୀବନ ଓ କାର୍ଯ୍ୟର ପରିଚୟ ଦେଇ ଓଡ଼ିଆ ନାରୀମାନଙ୍କ ମନରେ ଆତ୍ମବିଶ୍ୱାସ ଓ ସାହସ ସଞ୍ଚାର କରିବାକୁ ପ୍ରୟାସ କରିଥିଲେ।

ସରଳା ଦେବୀଙ୍କ ସାହିତ୍ୟିକ ଜୀବନର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ ହେଉଛି ତାଙ୍କର ଦେଶାତ୍ମବୋଧ ଏବଂ ସ୍ୱାଧୀନତା ସଂଗ୍ରାମ ପ୍ରତି ସକ୍ରିୟ ସମର୍ଥନ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। 'ଉତ୍କଳ ସାହିତ୍ୟ', 'ସହକାର' ଓ 'ନବଭାରତ' ପରି ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାଗୁଡ଼ିକ ତତ୍କାଳୀନ ଯୁବ ସମାଜକୁ ସ୍ୱଦେଶପ୍ରେମ ଓ ଆତ୍ମତ୍ୟାଗର ଆଦର୍ଶରେ ଉଦ୍‌ବୁଦ୍ଧ କରିଥିଲା। ତାଙ୍କ ରଚିତ ଐତିହାସିକ ଗ୍ରନ୍ଥ 'ବୀର ରମଣୀ' ଭାରତୀୟ ଇତିହାସର ବୀରାଙ୍ଗନାମାନଙ୍କ ଜୀବନଗାଥାକୁ ସଜୀବ ଭାବରେ ଉପସ୍ଥାପନ କରି ନାରୀ ଶକ୍ତିର ଗୌରବକୁ ପ୍ରତିଷ୍ଠା କରିଛି। ସେହିପରି ତାଙ୍କର 'ବାଲ୍ୟ ବିବାହ' ପୁସ୍ତିକା ତତ୍କାଳୀନ ସମାଜରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା। ତାଙ୍କ ଗଳ୍ପ ଓ ପ୍ରବନ୍ଧ ଗୁଡ଼ିକରେ ବାଲ୍ୟ ବିଧବାମାନଙ୍କ ଦୁଃଖ, ସମାଜର ଦ୍ୱିଚାରିତା ଏବଂ ନିପୀଡ଼ିତ ଶ୍ରେଣୀର ଜୀବନ ସଂଗ୍ରାମର ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବେ ଚିତ୍ରଣ କରାଯାଇଛି।

ସରଳା ଦେବୀ ଓଡ଼ିଆ ସମାଲୋଚନା ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଥିଲେ। ତାଙ୍କର 'ରବିନ୍ଦ୍ର ପୂଜା' ପୁସ୍ତକ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ସାହିତ୍ୟ ଓ ଦର୍ଶନ ଉପରେ ଏକ ଉଚ୍ଚକୋଟୀର ସମାଲୋଚନାମୂଳକ କୃତି। ତାଙ୍କର ଭାଷା ଥିଲା ସରଳ, ସ୍ପଷ୍ଟ, ଯୁକ୍ତିନିଷ୍ଠ ଓ ଆବେଗପୂର୍ଣ୍ଣ। ସେ ସାହିତ୍ୟକୁ ସମାଜ ପରିବର୍ତ୍ତନର ଏକ ପ୍ରଭାବଶାଳୀ ଶକ୍ତି ଭାବେ ଦେଖୁଥିଲେ। ତାଙ୍କ ରଚନା ମାଧ୍ୟମରେ ସମାଜରେ ନବଜାଗରଣ ଆଣିବାକୁ ସେ ଚେଷ୍ଟା କରିଥିଲେ।


ସରଳା ଦେବୀ ଓଡ଼ିଆ ସାହିତ୍ୟର ଏଭଳି ଏକ ବ୍ୟକ୍ତିତ୍ୱ, ଯାହାଙ୍କୁ କୌଣସି ଗୋଟିଏ ପରିଚୟରେ ସୀମିତ କରାଯାଇ ପାରିବ ନାହିଁ। ସେ ଥିଲେ ସାହିତ୍ୟିକା, ସମାଜ ସଂସ୍କାରକ, ନାରୀ ଜାଗରଣର ପଥ ପ୍ରଦର୍ଶିକା, ଜାତୀୟତାବାଦୀ ଚିନ୍ତକ ଓ ମାନବିକ ମୂଲ୍ୟବୋଧର ଦୃଢ଼ ପ୍ରବକ୍ତା। ତାଙ୍କ ଲେଖାଗୁଡ଼ିକରେ ଦେଶପ୍ରେମର ସ୍ୱର ବେଶ୍ ଶକ୍ତିଶାଳୀ ଭାବେ ଫୁଟି ଉଠିଛି। ସରଳା ଦେବୀଙ୍କ ଆଦର୍ଶ, ଚିନ୍ତାଧାରା ଓ ସାରସ୍ୱତ ସାଧନା ଆଜି ମଧ୍ୟ ପ୍ରାସଙ୍ଗିକ ଓ ପ୍ରେରଣାଦାୟକ। ■

ଗୁରୁ ଗ୍ରାମ, ହରିୟାଣା
ମୋ: ୭୯୭୮୦୮୨୮୩୪

## ପୁସ୍ତକ ଓ ପତ୍ରିକା ପରିଚୟ

### ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର- ୨୪
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୩୫୦ ଟଙ୍କା

"ପ୍ରେମ ତ ମନର, ଆତ୍ମାର ବିଶ୍ୱାସ! ସରିଗଲେ ବିଶ୍ୱାସ, ପ୍ରେମ ହାରିଯାଏ; ମରିଯାଏ। ଥିବା ଯାଏ ବିଶ୍ୱାସ ପ୍ରେମ ଜୀଇଁଥାଏ, ବଞ୍ଚିଥାଏ।" ସତରେ ପ୍ରେମକୁ ବୁଝି ହୁଏ, କିନ୍ତୁ ବୁଝାଇ ହୁଏନା। ପ୍ରେମର ନିବିଡ଼ ଅନୁଭବ ଅତି ମାର୍ମିକ ଭାବେ ପ୍ରକାଶ ପାଇଛି ପୁଷ୍ପାରାଣୀ ପଟେଲଙ୍କ 'ମୌନ ଯୋଗୀ' ଉପନ୍ୟାସରେ। କରୋନା ମହାମାରୀର ପୃଷ୍ଠଭୂମି ଉପରେ ଆଧାରିତ ଏହା ଏକ ପ୍ରେମମୂଳକ ଉପନ୍ୟାସ। ଜଣେ ବିବାହିତ ମହିଳା। କାହାର ସେ ପତ୍ନୀ। ଆଉ କାହାର ମାଆ। ସେମାନଙ୍କ ପ୍ରତି କେବେ ବି କମିନି ତା'ର ଭଲ ପାଇବା। ପରିବାର ପ୍ରତି କୌଣସି ଅବହେଳା କରିନି। ତଥାପି ତା' ହୃଦୟରେ ପୂଜା ପାଉଛି ଆଉ ଜଣେ ପୁରୁଷ। ସମାଜର ସ୍ୱୀକୃତି ବିନା କେତେ ମୂଲ୍ୟହୀନ, କେତେ ତୁଚ୍ଛ ସତରେ ପ୍ରେମ ସଂପର୍କ! ଏକଥାକୁ ପାଠକମାନେ ଉପଲବ୍ଧି କରିପାରିବେ ଏହି ଉପନ୍ୟାସରେ। ସ୍ନିଗ୍ଧା, ପୂରବୀ ପ୍ରମୁଖ ଚରିତ୍ରମାନେ କାହାଣୀକୁ ଗତିଶୀଳ କରାଇଛନ୍ତି। ପ୍ରେମ, କରୋନାକାଳର ଅନ୍ତର୍ଦ୍ୱନ୍ଦ୍ୱ, ମାନସିକ ଅସନ୍ତୁଳନତାର ନିଛକ ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି। ନିଆରା କାହାଣୀ, ସରଳ ଓ ବୋଧଗମ୍ୟ ଭାଷା, ସଫଳ ଚରିତ୍ର ଚିତ୍ରଣ ଉପନ୍ୟାସଟିକୁ ସୁଖପାଠ୍ୟ କରିଛି। ■

### ଶୂନ୍ୟଗର୍ଭା

**ଭାଗୀରଥି ବେହେରା**




ପଶ୍ଚିମା ପବ୍ଲିକେଶନ୍‌ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୧୯ ଟଙ୍କା

ସାଂପ୍ରତିକ ସମାଜରେ ପ୍ରତ୍ୟହ ଘଟୁଥିବା ନାନା ଘଟଣା, ଦୁର୍ଘଟଣାକୁ ନେଇ ତାଙ୍କ ଗଳ୍ପର ପରିଧି। ସାମାଜିକ ବାସ୍ତବତାକୁ ନେଇ ପ୍ରକାଶ ପାଇଛି ଭାଗୀରଥି ବେହେରାଙ୍କ 'ଶୂନ୍ୟଗର୍ଭା' ଗଳ୍ପ ପୁସ୍ତକ। ଏହି ପୁସ୍ତକରେ ୨୨ଟି ଗଳ୍ପ ସଂକଳିତ ହୋଇଛି। 'ଅବତାରୀ', 'ଅନ୍ୟପକ୍ଷ', 'ବନ୍ଧନୀ', 'ଛାଇ', 'ଦୃଶ୍ୟ', 'ମନମନ୍ଦିର', 'ମତ୍ସ୍ୟଗନ୍ଧା', 'ନିର୍ଜନ ଦ୍ୱୀପର ନିଃସଙ୍ଗ ନାୟିକା', 'ପାଖଲୋକ', 'ପରଜୀବୀ', 'ପ୍ରତ୍ୟାବର୍ତ୍ତନ', 'ଫଟୋଗ୍ରାଫ୍', 'ଶୂନ୍ୟଗର୍ଭା', 'ତାରାକାମ୍ୟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରେମ ଓ ଜାତିପ୍ରଥାକୁ ନେଇ 'ଅବତାରୀ' ଗପ ଆଧାରିତ। ପ୍ରେମ ଆଗରେ ଜାତି, ଅଭିଜାତ୍ୟ ସବୁ କିଛି କିଭଳି ମୂଲ୍ୟହୀନ ତାହା ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଗପରେ। ଏହି ପୁସ୍ତକର ଅନେକ ଗପରେ ମାନବୀୟ ପ୍ରେମ, ସାମାଜିକ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ସଂଘାତର ଚିତ୍ର ପ୍ରତିଫଳିତ ହୋଇଛି। ଛୋଟ ଛୋଟ ଘଟଣା, ସାମାଜିକ ପ୍ରସଙ୍ଗ, ସାଧାରଣ ଚରିତ୍ର ଭିତରେ ଗାଳ୍ପିକ ଦେଖାଇଛନ୍ତି ଜୀବନ ଓ ସମାଜର ଅନ୍ତର୍ଦ୍ୱନ୍ଦ୍ୱ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଜପକୁଦ ଜ୍ୟୋତି

**ସଂପାଦକ: ଅନନ୍ତ ଗୋପାଳ ପଣ୍ଡା**



ବୈକୁଣ୍ଠନାଥ ସ୍ମୃତି ସଂସଦ
ଜପକୁଦ, ସାଲେପୁର
କଟକ- ୭୫୪୨୦୧
ମୂଲ୍ୟ: ୧୫୦ ଟଙ୍କା

କଟକ ଜିଲ୍ଲା ଜପକୁଦସ୍ଥିତ ବୈକୁଣ୍ଠନାଥ ସ୍ମୃତି ସଂସଦର ବାର୍ଷିକ ମୁଖପତ୍ର 'ଜପକୁଦ ଜ୍ୟୋତି' ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା ଓ ସଂପାଦକ ଅନନ୍ତ ଗୋପାଳ ପଣ୍ଡାଙ୍କ ସଂପାଦନାରେ ପ୍ରକାଶିତ 'ଜପକୁଦ ଜ୍ୟୋତି'ର ଚଳିତ ସଂଖ୍ୟାଟି ଓଡ଼ିଶାର ବହୁ ବିଶିଷ୍ଟ ଲେଖକଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି। ଡକ୍ଟର ଭାସ୍କର ମିଶ୍ରଙ୍କ 'ପ୍ରେମାବତାର ମହାପୁରୁଷ ଶ୍ରୀଚୈତନ୍ୟ', ଡକ୍ଟର ଶରତ ଚନ୍ଦ୍ର ପରିଡ଼ାଙ୍କ 'ମହର୍ଷି ଭରଦ୍ୱାଜ', ତ୍ରିଦଣ୍ଡୀସ୍ୱାମୀ ସଚ୍ଚିଦାନନ୍ଦ ମହାରାଜଙ୍କ 'ସପ୍ତକଳ୍ପଜୀବୀ ମାର୍କଣ୍ଡେୟ', ଅଧ୍ୟାପିକା କମଳ କୁମାରୀ ଦାଶଙ୍କ 'ନଚିକେତା', ଡକ୍ଟର ସୁଷମା ମିଶ୍ରଙ୍କ 'ସ୍ୱାମୀ ଶ୍ରୀଚିଦାନନ୍ଦ', ପ୍ରଭାତ କୁମାର ନନ୍ଦଙ୍କ 'ସ୍ୱାମୀ ବିବେକାନନ୍ଦ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି। 'ଜପକୁଦ ଜ୍ୟୋତି'ରେ କେତେ ଜଣ ମହାପୁରୁଷ, ସନ୍ନ୍ୟାସୀଙ୍କ ଜୀବନ, ତ୍ୟାଗ ଓ ସମାଜ ପ୍ରତି ସେମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରାଯାଇଛି। ସେହିପରି କେତୋଟି ପ୍ରବନ୍ଧରେ ପୌରାଣିକ ଚରିତ୍ରଗୁଡ଼ିକର ମହନୀୟତା ସଂପର୍କରେ ବର୍ଣ୍ଣନା କରାଯାଇଛି। 'ଜପକୁଦ ଜ୍ୟୋତି'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ବେଆଇନ୍!

- ବିନା ଏନ୍‌ଓସିରେ ଦିଆଯାଇଛି ନିଯୁକ୍ତି
- ସ୍ପଷ୍ଟିକରଣ ମାଗିଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୧୧।୭ (ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍)ରେ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ୫୨ ରୁ ଅଧିକ ସେମିଷ୍ଟାରର ପରୀକ୍ଷା ଏବେଯାଏଁ ହୋଇପାରିନି। ଏହାରି ମଧ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ନିଯୁକ୍ତିକୁ ନେଇ ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଶ୍ନ ଉଠାଇବା ସହ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ସ୍ପଷ୍ଟିକରଣ ମାଗିଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ପାଇଁ ୨୦୨୪ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍ (ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍)ରେ ଫାର୍ମାକୋଲୋଜି ବିଭାଗର ପ୍ରାଧ୍ୟାପକ ଥିବା ଡ. ୱାଇ ରୋଜା ରମଣୀ ନିଯୁକ୍ତି ପାଇବାକୁ ଚୟନ ହୋଇଥିଲେ। ପରୀକ୍ଷା ନିୟନ୍ତ୍ରକ ପଦରେ ଯୋଗ ଦେବା ପୂର୍ବରୁ ସରକାରଙ୍କ ଠାରୁ ନୋ ଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। ମାତ୍ର ପରୀକ୍ଷା ନିୟନ୍ତ୍ରକ ଭାବେ ଯୋଗଦେଇଥିବା ଡ. ରମଣୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନ୍‌ଓସି ପ୍ରଦାନ କରାଯାଇନାହିଁ। ଏହାସତ୍ତ୍ୱେ ଭବାନୀପାଟଣା ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍‌ର ଅଧ୍ୟକ୍ଷ ତାଙ୍କୁ କିପରି ରିଲିଭ୍ କଲେ ଏବଂ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ ତାଙ୍କୁ ବିନା ଏନ୍‌ଓସିରେ କିପରି ନିଯୁକ୍ତି ପ୍ରଦାନ କଲେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କଠୋର ଆଭିମୁଖ୍ୟ ପୋଷଣ କରିଛି। ବିନା ଏନ୍‌ଓସିରେ ତାଙ୍କୁ କିପରି ନିଯୁକ୍ତି ଦିଆଗଲା ବୋଲି ସ୍ପଷ୍ଟିକରଣ ରଖିବାକୁ ଗତ ମେ ମାସ ୨୫ ତାରିଖରେ ନିର୍ଦ୍ଦେଶ ଦେଇଛି। ଅପରପକ୍ଷରେ ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ପରୀକ୍ଷା ନିୟନ୍ତ୍ରକଙ୍କ ଦକ୍ଷତା ଓ ନିଯୁକ୍ତି ଉପରେ ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିବା ସହ ତାଙ୍କୁ ବହିଷ୍କାର କରିବାକୁ ରଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

## ଦଳ ବିରୋଧୀ କାର୍ଯ୍ୟ

# ବିଜେଡିରୁ ନିଲମ୍ବିତ ହେଲେ କ୍ରିଷ୍ଣା ଗୋପାଳ ଓ ହିତେଶ

ଭୁବନେଶ୍ୱର,୧୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲଟି ୬ ନମ୍ବର ୱାର୍ଡର କାଉନସିଲର କ୍ରିଷ୍ଣା ଗୋପାଳ ସିତାନୀ ଏବଂ ବେଲପାହାଡ ମ୍ୟୁନିସିପାଲଟିର ହିତେଶ ଠକ୍କରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିରରେ ଖଳିଲାଗି ଏକାଦଶୀ

# ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

ପୁରୀ,୧୧।୭ (ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାଷିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ତ୍ରୟୋଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି।

## ଆଜି ରାଜପ୍ରସାଦ ବିଜେ

ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟ ଦ୍ୱାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।

## ମହାନଦୀ ଜଳ ବିବାଦ ଶୁଣାଣି

# ଓଡ଼ିଶାର ଆପୋସ ସମାଧାନ ପ୍ରସ୍ତାବରେ ଛତିଶଗଡ଼ ସହମତ

## ଲିଖିତ ଭାବେ ଜଣାଇବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୭ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶନିବାର ଆଉ ଏକ ଶୁଣାଣି ଅନୁଷ୍ଠିତ ହୋଇଛି। ଆଜିର ଶୁଣାଣିକୁ ଗତ ୮ ବର୍ଷ ମଧ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଓଡ଼ିଶାର ଆପୋଷ ମିଳାମିଶା ଜରିଆରେ ବିବାଦର ସମାଧାନର ପ୍ରସ୍ତାବରେ ଛତିଶଗଡ଼ ସହମତି ପ୍ରକାଶ କରିଛି। ଆସନ୍ତା ୨୩ ତାରିଖରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଥିବା ବେଳେ ଓଡ଼ିଶାର ପ୍ରସ୍ତାବରେ ସହମତି ଥିବା ନେଇ ଛତିଶଗଡ଼ ସରକାର ଲିଖିତ ଭାବେ ଟ୍ରିବ୍ୟୁନାଲରେ ଜଣାଇବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ତେବେ ଏଜିଙ୍କ ବୟାନକୁ ନେଇ ମାଳମାଳ ପ୍ରଶ୍ନ ଉତ୍ଥାପନ କରିଛନ୍ତି ଜଳ ବିଶେଷଜ୍ଞ। ଓଡ଼ିଶା ସରକାର ବାରମ୍ବାର ଆପୋଷ ସମାଧାନ ବିଷରେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ମାତ୍ର ରାଜ୍ୟ ବିଜେପି ସରକାର ଏଯାଏଁ ଓଡ଼ିଶାବାସୀଙ୍କୁ ବିଶ୍ୱାସକୁ ନେଲେ ନାହିଁ ଏବଂ ଆପୋସ ସମାଧାନର ବିଷୟବସ୍ତୁ ତଥା ସୂତ୍ରଟି କଣ ତାହା ସାର୍ବଜନୀନ ଭାବେ ପ୍ରକାଶ କଲେ ନାହିଁ। ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଦେଢ଼ କୋଟିଟି ଲୋକଙ୍କର ଜୀବନ, ଜୀବିକା ସହ ଜଡ଼ିତ ରହିଛି। ରାଜ୍ୟ ସରକାର କେଉଁ ସ୍ୱାର୍ଥ ପୂର୍ତ୍ତି ପାଇଁ ଆପୋଷ ସମାଧାନର ବିଷୟବସ୍ତୁକୁ ଲୁଚାଇ ରଖିଛନ୍ତି ବୋଲି ବିଶେଷଜ୍ଞ ମହଲରେ ପ୍ରଶ୍ନ କରାଯାଇଛି।

ଆଜିର ଶୁଣାଣି ପରେ ଗଣଣାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଏଜି ଶ୍ରୀ ଆଚାର୍ଯ୍ୟ କହିଲେ ଯେ ମହାନଦୀ ଜଳ ବିବାଦ ମାମାଲାରେ ଆପାତତଃ ଦୁଇରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇ ସାରିଲାଣି। ଓଡ଼ିଶା ସହ ସମାଧାନର ସୂତ୍ର ବାହାର କରି ଆପୋଷ ମିଳାମିଶା ଜରିଆରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଆଗ୍ରହୀ ବୋଲି ଆଜି ଛତିଶଗଡ଼ ପକ୍ଷରୁ ସେ ବାବଦରେ ଟ୍ରିବ୍ୟୁନାଲଙ୍କ ନିକଟରେ ସ୍ପଷ୍ଟ କରାଯାଇଛି। ଟ୍ରିବ୍ୟୁନାଲ ଏନେଇ ଛତିଶଗଡ଼ଠାରୁ ଏକ ଲିଖିତ ପ୍ରତିଶ୍ରୁତି ଚାହିଁଥିଲେ। ଆଗାମୀ ଶୁଣାଣି ପୂର୍ବରୁ ଛତିଶଗଡ଼ ପକ୍ଷରୁ ଟ୍ରିବ୍ୟୁନାଲ ନିକଟରେ ଦାଖଲ କରାଯିବ। ସେହିପରି

ମହାନଦୀ ବିବାଦର ସମାଧାନ ତଥା ଜଳ ବଣ୍ଟନର ସୂତ୍ର ବାହାର କରିବା ପାଇଁ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି)ର ମଧ୍ୟସ୍ଥତା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଛତିଶଗଡ଼ ଏଥିରେ ରାଜି ହୋଇଛି ଏବଂ ଆଗାମୀ ଶୁଣାଣି ପୂର୍ବରୁ ଛତିଶଗଡ଼ ଏନେଇ ଲିଖିତ ଆକାରରେ ଜଣାଇବ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏପରିକି ଆଜିର ଶୁଣାଣି ଗତ ୮ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅବିହିତ କରିଛନ୍ତି। ତେବେ ଶ୍ରୀ ଆଚାର୍ଯ୍ୟଙ୍କ ଉପରୋକ୍ତ ବୟାନକୁ ନେଇ ଆପତ୍ତି ଉଠାଇଛନ୍ତି ଜଳ ବିଶେଷଜ୍ଞ। ସେମାନଙ୍କ ଯୁକ୍ତି ଅନୁଯାୟୀ ଗତ ୨ ବର୍ଷ ହେଲାଣି ରାଜ୍ୟ ସରକାର ଛତିଶଗଡ଼ ସହ ଆପୋଷ ବୁଝାମଣା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଆସୁଛନ୍ତି। ଏପରିକି ଉଭୟ ରାଜ୍ୟ ମଧ୍ୟରେ ଗଠିତ ଯୁଗ୍ମ ବୈଷୟିକ କମିଟିଠାରୁ ଆରମ୍ଭ କରି ମୁଖ୍ୟ ସଚିବ ତଥା ଅନୌପଚାରିକ ଭାବେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ବିବାଦର ସମାଧାନ ନେଇ ଆଲୋଚନା କରିଛନ୍ତି ବୋଲି ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଉଛି। ମାତ୍ର ଆଜିର ଶୁଣାଣିରେ ଛତିଶଗଡ଼ ଓଡ଼ିଶା ସହ ଆପୋଷ ସମାଧାନ ପାଇଁ ରାଜି ଅଛି ବୋଲି ଟ୍ରିବ୍ୟୁନାଲଙ୍କୁ ଜଣାଇଛି। ତାହେଲେ ଏଯାବତ୍ କଣ ଛତିଶଗଡ଼ ଓଡ଼ିଶା ସରକାରଙ୍କ ସହ ଆପୋଷ ବୁଝାମଣା ପାଇଁ ପ୍ରସ୍ତୁତ ତଥା ରାଜି ନଥିଲା କି ବୋଲି ଜଳ ବିଶେଷଜ୍ଞ ପ୍ରଶ୍ନ କରିଛନ୍ତି। ସେହିପରି ବାରମ୍ବାର ଦାବି, ଆନ୍ଦୋଳନ ସତ୍ତ୍ୱେ ଆପୋଷ ବୁଝାମଣାର ସର୍ତ୍ତ, ବିଷୟବସ୍ତୁ କଣ ତାହା ରାଜ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି। ଯଦି ରାଜ୍ୟ ସରକାରଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ ତଥା ସରକାର ଓଡ଼ିଶାର ସ୍ୱାର୍ଥ ପ୍ରତି ସମ୍ବେଦନଶୀଳ ଅଛନ୍ତି, ତାହେଲେ ଓଡ଼ିଶାର ସବୁଠାରୁ ବଡ଼ ପ୍ରସଙ୍ଗକୁ ରାଜ୍ୟର ଲୋକଙ୍କୁ କାହିଁକି ଲୁଚାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସେମାନଙ୍କର ଅନ୍ୟ ଏକ ଯୁକ୍ତି ଅନୁଯାୟୀ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ଦାବି କରୁଛି। ମାତ୍ର ଛତିଶଡ଼ଗେର ମହାନଦୀରେ ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ରହିଛି। ତେଣୁ ଛତିଶଗଡ଼ ଦାବି କରୁଥିବା ୨୭ ମିଲିୟନ ଏକର ଫୁଟ ପାଣିକୁ ଓଡ଼ିଶା ସରକାର ମାନି ନେଇଛନ୍ତି କି? ଏନେଇ ରାଜ୍ୟ ବିଜେପି ସରକାର ସ୍ୱଷ୍ଟତା ଆଣିବାର ଆବଶ୍ୟକତା ରହିଛି। ତାହା ନକରି ରାଜ୍ୟ ସରକାର ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ଲୋକଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟସ୍ଥତାରେ ହରିୟାଣା ଏବଂ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଜମୁନା ଜଳ ବିବାଦର ଐତିହାସିକ ସମାଧାନ ହେଲା। ସମାନ ଭାବେ ଓଡ଼ିଶା, ଛଛତିଶଗଡ଼ ଓ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ଯଦି ରାଜ୍ୟ ବିଜେପି ସରକାର ସତରେ ବିବାଦର ସମାଧାନ ଚାହୁଁଛନ୍ତି, ତାହେଲେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରନ୍ତୁ ଏବଂ ରାଜ୍ୟବାସୀଙ୍କୁ ସେମାନଙ୍କର ହକ୍ ର ପାଣି ପହଞ୍ଚାଇଉବାର ବ୍ୟବସ୍ଥା କରନ୍ତୁ ବୋଲି ବିଶେଷଜ୍ଞମାନେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହୃଦ୍‌ରୋଗ ଇଞ୍ଜେକ୍ସନ୍...

କରିବାକୁ ପଡିବ। ତାହାକୁ ଦୋକାନର ସେହି ସ୍ଥାନରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି, ଯେଉଁଠାରେ ଗ୍ରାହକମାନେ ସହଜରେ ନୂତନ ମୂଲ୍ୟସବୁକୁ ଦେଖିପାରିବେ। ଯଦି କୌଣସି ନିର୍ମାତା କିମ୍ବା ମାର୍କେଟିଂ କମ୍ପାନୀ ଗ୍ରାହକଙ୍କଠାରୁ ସ୍ଥିର ମୂଲ୍ୟଠାରୁ ଅଧିକ ମୂଲ୍ୟ ଆଦାୟ କରନ୍ତି, ତେବେ ସେମାନଙ୍କୁ ଡିପିସିଓ ୨୦୧୩ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ୧୯୫୫ର ବ୍ୟବସ୍ଥା ଅନୁଯାୟୀ ସୁଧ ସହିତ ଅତିରିକ୍ତ ପରିମାଣ ଜମା କରିବାକୁ ପଡିବ।

## ଚାକିରି ଛାଡୁଛନ୍ତି...

ତେବେ ମାତ୍ର ସ୍ୱଳ୍ପ ଦିନ ବ୍ୟବଧାନ ମଧ୍ୟରେ ଓଡ଼ିଶା କ୍ୟାଡର୍‌ର ଦୁଇ ଆଇପିଏସ୍‌ଙ୍କ ଏଭଳି ରହସ୍ୟଜନକ ଇସ୍ତଫା ଏବେ ଚର୍ଚ୍ଚାର ମୁଖ୍ୟ କାରଣ ପାଲଟିଛି। ପ୍ରକୃତରେ ବ୍ୟକ୍ତିଗତ କାରଣ ଯୋଗୁଁ ଏମାନେ ଚାକିରି ଛାଡୁଛନ୍ତି, ନା' ଅନ୍ୟ କୌଣସି କାରଣ ଯୋଗୁଁ ଏହି ଆଇପିଏସ୍ ମାନେ ଓଡ଼ିଶାରେ ରହିବାକୁ ପସନ୍ଦ କରୁ ନାହାନ୍ତି, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## କୋର୍ଟରେ ଆରମ୍ଭ...

ନିର୍ଯ୍ୟାତିତ ହୋଇଥିବା ଅଭିଯୋଗ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଅଭିଯୋଗ ଥିବା ଅଧ୍ୟାପକଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ରାଜଧାନୀର ଛାତି ଉପରେ ଥିବା ବିଜେବି କଲେଜର ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଧ୍ୟାପକ ଶ୍ରୀ ବେହେରାଙ୍କ ବିରୋଧରେ ଗତ ସେପ୍ଟେମ୍ବରରେ ଅଭିଯୋଗ ହେବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ତଦନ୍ତ କରିଥିଲେ। ଅଧ୍ୟାପକ ଜଣକ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥ ବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ରିପୋର୍ଟରେ ଦର୍ଶାଇଥିଲେ। କେବଳ ଏତିକି ନୁହେଁ, ଛାତି ଥରାଇ ଦେବା ଭଳି ଛାତ୍ରୀଙ୍କ ଲିଖିତ ମନ୍ତବ୍ୟକୁ ସଂଲଗ୍ନ କରି ଉଚ୍ଚଶିକ୍ଷା ବିଭାଗକୁ ପଠାଇଥିଲେ। ଛାତ୍ରୀଙ୍କ ପ୍ରତି ଅଧ୍ୟାପକଙ୍କ ବ୍ୟବହାର ସଠିକ୍ ନୁହେଁ ଏବଂ ସେ ଜଣେ ନିୟମିତ ଏପରି କାର୍ଯ୍ୟ କରନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଚିଠି ଲେଖି ଚୁପ୍ ବସିଛି। ଫଳରେ ଏକାଧିକ ନିର୍ଯ୍ୟାତିତା ଛାତ୍ରୀ ଆଜି ମଧ୍ୟ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଅନୁରୂପ ଭାବେ ରମାଦେବୀ +୨ ମହିଳା କଲେଜର ପୂର୍ବତନ ଅର୍ଥନୀତି ଅଧ୍ୟାପକ ଦୀପ୍ତି ରଞ୍ଜନ ନନ୍ଦଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅବଶ୍ୟ ଏହି ସମୟରେ ଫକୀର ମୋହନ କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ସରକାର ତାଙ୍କୁ ବଦଳି କରିଛନ୍ତି। ଶିକ୍ଷାନୁଷ୍ଠାନରୁ ଆସୁଥିବା ସମସ୍ତ ନିର୍ଯ୍ୟାତନା ଅଭିଯୋଗ ଉପରେ ସରକାର ନରମ ଆଭିମୁଖ୍ୟ ପୋଷଣ ନ କରି କଠୋର ହେବା ଆବଶ୍ୟକ ବୋଲି ଅଭିଭାବକ ଓ ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି।

## ଶସ୍ତା ହେବ...

ଉଦାହରଣ ସ୍ୱରୂପ, ବର୍ତ୍ତମାନ ୩୦୦ ଟଙ୍କା ମୂଲ୍ୟର ଏକ ପ୍ଲାନ ୧୦୦ ଟଙ୍କାରେ ଉପଲବ୍ଧ ହେବ। ଏହି ପଦକ୍ଷେପ ଫିଚର ଫୋନ୍ ବ୍ୟବହାରକାରୀ, ଡାଟା ବ୍ୟବହାର କରୁ ନ ଥିବା ବୟସ୍କ ବ୍ୟକ୍ତି, କେବଳ କଲ୍ ପାଇଁ ଦ୍ୱିତୀୟ ସିମ୍ ରଖୁଥିବା ବ୍ୟକ୍ତି ଏବଂ ଘରେ ୱାଇ-ଫାଇ ସୁବିଧା ରଖିଥିବା ବ୍ୟକ୍ତିଙ୍କୁ ଲାଭ ଦେବ। ବର୍ତ୍ତମାନ ଟେଲିକମ କମ୍ପାନୀଗୁଡିକ ସୀମିତ ସମୟ ପାଇଁ ମାତ୍ର 'କେବଳ କଲ୍ ଓ ଏସଏମଏସ' ପ୍ଲାନ ଉପଲବ୍ଧ କରାଉଛନ୍ତି। ଫଳରେ ଅନେକ ଗ୍ରାହକ ବାଧ୍ୟ ହୋଇ ଡାଟା ଥିବା ଦାମୀ ରିଚାର୍ଜ ପ୍ଲାନ କିଣୁଛନ୍ତି। ହେଲେ ଟ୍ରାଇର ନୂଆ ପ୍ରସ୍ତାବ ଅନୁସାରେ, ଟେଲିକମ କମ୍ପାନୀଗୁଡିକ ଯେତେ ଦିନର ବୈଧତା ସହ ଡାଟା ପ୍ଲାନ ଦେଉଛନ୍ତି, ସେହି ସମାନ ଅବଧି ଯଥା ୭ ଦିନ, ୨୮ ଦିନ, ୫୬ ଦିନ କିମ୍ବା ୮୪ ଦିନ ପାଇଁ ସେମାନେ କେବଳ କଲ୍ ଓ ଏସ୍‌ଏମ୍‌ଏସ୍ ସୁବିଧା ଥିବା ଅଲଗା ପ୍ଲାନ୍ ଆଣିବେ।


### ପଶ୍ଚିମ ରେଳପଥ - ରତଲାମ

**ସଂଶୋଧନ**

ପଶ୍ଚିମ ରେଳପଥ, ରତଲାମ ମଣ୍ଡଳ ପକ୍ଷରୁ ଟେଣ୍ଡର ନଂ. SnT_RTM_PSSA_25_01_R ସମ୍ବନ୍ଧୀୟ ଏକ ସଂଶୋଧନ ଜାରି କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ନିବିଦା ଦାଖଲ କରିବାର ଶେଷ ତାରିଖ ଓ ସମୟ ଏବଂ ବୈଷୟିକ (Technical) ନିବିଦା ଖୋଲିବାର ତାରିଖ ଓ ସମୟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ନିବିଦା ଦାଖଲର ଶେଷ ସମୟ 27 ଜୁଲାଇ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ ବୈଷୟିକ ନିବିଦା ଖୋଲିବାର ସମୟ 27 ଜୁଲାଇ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) ନିର୍ଦ୍ଧାରିତ ଥିବାବେଳେ, ବର୍ତ୍ତମାନ ଏହାକୁ ସଂଶୋଧନ କରି 03 ଅଗଷ୍ଟ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ 03 ଅଗଷ୍ଟ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) କରାଯାଇଛି। ଟେଣ୍ଡର ନୋଟିସର ଅନ୍ୟ ସମସ୍ତ ସର୍ତ୍ତ ଓ ନିୟମ ଅପରିବର୍ତ୍ତିତ ରହିବ। ଏହି ସଂଶୋଧନ ସମ୍ବନ୍ଧୀୟ ବିସ୍ତୃତ ସୂଚନା IREPS ଇ-ଟେଣ୍ଡର ପୋର୍ଟାଲ (www.ireps.gov.in) ରେ ଉପଲବ୍ଧ ରହିଛି। 0150

### AFFIDAVIT

By virtue of an affidavit sworn before Executive Magistrate, Aska, vide Sl. No.1209 dated 08.7.2026, I, K. Ram Krishna, S/o- K. Tateya resident of Village/ Post- Debabhumi, Ps.- Aska, Dist.- Ganjam, Odisha, PIN- 761115 state that, I am the father guardian of the minor son K Om Rao. Now I have changed the name of my son from **K Om Rao** to **K. Hrusikesh**. Henceforth he will be known as **K. Hrusikesh** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar I Satvik Sahu, S/o- Sanjay Kumar Sahu resident of MIG-176, Kalinga Vihar, Patrapada, Bhubaneswar, Dist.- Khordha, PIN- 751019, Odisha state that, my father's correct and actual name is **SANJAY KUMAR SAHU** but in my 10th Certificate bearing Regd. No.- C121/20434/0085 issued by Central Board Secondary Education and in my +2 Certificate bearing Regd. No.- D223/27131/0064 issued by Central Board of Secondary Education my father's name has been wrongly mentioned as SANJAY KUMAR. That, **SANJAY KUMAR** and **SANJAY KUMAR SAHU** is same and one person.

### AFFIDAVIT

By virtue of an affidavit sworn before Notary Public, Bargarh, vide Sl. No.421 dated 08.7.2026, I, Suprava Meher, W/o- Rabindra Nath Meher residing at House No.23, Balaji City, Bargarh, Po.- Bargarh, Ps./Tah- Bargarh, Dist.- Bargarh, Odisha, Pin- 768028 declare that, my actual name is **SUPRAVA MEHER** but in my son Saswat Subhankar's CBSE Board Mark-statement-cum-certificate my name has been mentioned as SUPRABHA MEHER. That **Suprava Meher** and **Suprabha Meher** is same and one person. Henceforth my son will be known as **Saswat Subhankar**, S/o- **Rabindra Nath Meher** (Father) and **Suprava Meher** (Mother) for all purposes.

### ପଶ୍ଚିମ ରେଳବାଇ - ରତଲାମ

କ୍ରମିକ ସଂଖ୍ୟା: 1, ବିବରଣୀ, କାର୍ଯ୍ୟର ନାମ ଏବଂ ସ୍ଥାନ: ଡଃ ବି. ଆର୍. ଆମ୍ବେଦକର ନଗର ଏବଂ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନ୍‌ଗୁଡିକର ବାତାନୁକୂଳିତ (ଏସି) କୋଚ୍‌ମାନଙ୍କ ପାଇଁ BOOT ମଡେଲ୍ ଅନୁଯାୟୀ 10 ବର୍ଷ ଅବଧି ପାଇଁ ଯାନ୍ତ୍ରିକ ଲଣ୍ଡ୍ରୀ ସ୍ଥାପନା। ଏଥିରେ ପ୍ଲାଣ୍ଟ/ଉପକରଣ/ମେସିନରୀ ଏବଂ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାର ଯୋଗାଣ ଓ ସ୍ଥାପନା, ସଞ୍ଚାଳନ, ଡଃ ଆମ୍ବେଦକର ନଗର ଓ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନ୍‌ର ଏସି କୋଚ୍‌ରୁ ମଇଳା ଲିନେନ ସଂଗ୍ରହ, ଯାନ୍ତ୍ରିକ ଧୋଇବା, ଶୁଖାଇବା, ଇସ୍ତ୍ରି କରିବା, ପ୍ୟାକିଂ, ପରିବହନ ଏବଂ ଅନବୋର୍ଡ଼ ଲିନେନ ବିତରଣ ପାଇଁ ACCA କର୍ମଚାରୀଙ୍କ ମାନବଶକ୍ତି ଆଧାରିତ ନିଯୁକ୍ତି କାର୍ଯ୍ୟ ସାମିଲ ରହିଛି। 2. କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.3104.89 ଲକ୍ଷ। 3. ଅଗ୍ରିମ ରାଶି (EMD): ଟ.10,00,000/-। 4. ... 10 ବର୍ଷ ... 18.08.2026 ... 3:00 (15:00 Hrs.), ... 18.08.2026 ... 3:30 (15:30 Hrs.)। 6. ... GeM ... https://gem.gov.in ... 0149

Like us on: facebook.com/WesternRly • Follow us on: X.com/WesternRly

### ପୂର୍ବ ତଟ ରେଳପଥ

**ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀଭୁକ୍ତ କରିବା ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ଆମନ୍ତ୍ରଣ**

... CGHS, ECHS ଏବଂ ESIC ... NABL ... 'ଆଗ୍ରହର ଅଭିବ୍ୟକ୍ତି' (EOI) ... 'Application for Empanelment of Hospitals / Pathological & diagnostic centre' ... ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପୂର୍ବ ତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶାଙ୍କ କାର୍ଯ୍ୟାଳୟରେ ତା.01.08.2026ରିଖ 1500 ଘଣ୍ଟା ପୂର୍ବରୁ ଜମା ହେବା ଆବଶ୍ୟକ।

| ଅଧିସୂଚନା ତାରିଖ | ଆବେଦନ ପତ୍ର ଡାଉନଲୋଡ କରିବା ତାରିଖ | ଆବେଦନ ପତ୍ର ଜମା କରିବା ଅନ୍ତିମ ତାରିଖ | EOIs ଖୋଲାହେବା ତାରିଖ |
|---|---|---|---|
| 08.07.2026 | 08.07.2026 | 10.08.2026 | 11.08.2026 |

ଆବେଦନ ଫର୍ମ, ବିସ୍ତୃତ ବିବରଣୀ ଏବଂ ସଂଲଗ୍ନ ହୋଇଥିବା ଆବଶ୍ୟକ ଦଲିଲ ସୂଚୀ www.eastcoastrail.indianrailways.gov.inରୁ ଡାଉନଲୋଡ କରାଯାଇପାରିବ।

PR-291/R/26-27 — ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଭୁବନେଶ୍ୱର

### ODISHA HYDRO POWER CORPORATION LTD.,

4001/197/2627

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

**No. HHEP/Tech-W-126/4(Vol-I)/5318** **Date : 09.07.2026**

**TENDER CALL NOTICE NO. HHEP-56/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms / Service Contractors / Agencies for the following work as mentioned below

| Name of work | Cost of tender paper (Non-Refundable) in Rs. | EMD in Rs. |
|---|---|---|
| Job contract for operation of canteen service & caretaking of Erectors' Hostel, canteen service of Power House canteen, cafeteria of Administrative Building of HHEP, Burla. | Rs. 7080/- (Rs. 6000 /- + GST 18%) | 21000/- |

- Sale of tender paper: **13.07.2026 (10.00AM) to 27.07.2026 upto 01.00PM**
- Receipt of tender paper : **27.07.2026 upto 01.30 PM**
- Date & time of opening of tender: **27.07.2026 at 04.00PM**
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in.

OIPR-4001/4007/1/26-27/0016 — Sd/- C&P Head, HHEP, Burla

### PANCHAYAT SAMITI, MALKANGIRI

24001/282/2627

ପଞ୍ଚାୟତ ସମିତି, ମାଲକାନଗିରି

Dist: MALKANGIRI, Pin : 764048, Ph No. : 06861 – 231219, Fax : 06861 – 231219, E-mail : ori-bmalkangiri@nic.in

**TENDER CALL NOTICE NO – 02/ 2026-27**

The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D (R&B) / Water Resources / Rural Works / M.I. / C.P.W.D for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the work | Amount put to tender (in Rs) | Cost of tender paper (in Rs) | E.M.D. | Time for completion of work (in months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Pandripani | Construction of Market shed (complex) at Pandripani (Serpalli Chowk) | 10,65,273/- | 6000/- | 1% of Tender value | 04(Four) Months | "D" & "C" |
| 2 | Sikhpalli | Construction of Market complex at MV 17 chowk near SBI | 14,98,227/- | 6000/- | 1% of Tender value | 04(Four) Months | "D" & "C" |

*Note- The amount put to Tender is excluding the GST. GST applicable on works/contracts shall be paid over the bill amount at the time of payment of bill.*

1. **Cost of Tender Paper** :- Bids Must be accompanied with amount specified towards paper cost of the work as mentioned in the table (Col No. 5) above in shape of Demand Draft ( non-refundable) drawn in any Nationalized Bank/ Scheduled Bank in favour of **Block Development officer, Malkangiri.**
2. **Sale of Tender papers**:- The Tender documents can be accessed in the Govt./ Malkangiri website https://malkangiri.odisha.gov.in only from 10.07.2026 to 23.07.2026. No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. https://malkangiri.odisha.gov.in from 10.07.2026 to 23.07.2026.
3. **Date of receipt and mode of submission tender paper**: - The Tenderers have to submit the sealed tender papers in complete shape through Registered Post /Speed Post only. The last date of receipt of tender paper is 23.07.2026 (5.00 PM). The undersigned will not be responsible for postal delay if any or non receipt of the paper in time. The name of the project for which tender paper is filled should be written legibly on the cover in which all the required papers are kept and sealed.
4. **Date of Opening of Tender Paper**: The tender papers shall be opened on 24.07.2026 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the Tender Committee.

*N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.*

OIPR-24001/24532/1/26-27/0001 — Block Development Officer Malkangiri.

### Interview for Engagement of Wildlife Veterinarian for Puri Wildlife Division

8001/202/2627

Divisional Forest Officer, Puri Wildlife Division, invites Applications from the Interested Candidates for engagement of **One Wildlife Veterinarian** in Puri Wildlife Division. The scheduled date of interview shall be communicated to the shortlisted candidates through email/contact number provided in the application form. The application form along with detailed terms and conditions shall be available on the website: www.puri.odisha.gov.in / www.puri.nic.in / www.odishaforest.in From 10.07.2026 to 20.07.2026.

Candidates interested in contractual engagement as **Wildlife Veterinarian for Mobile Veterinary Unit** in Puri Wildlife Division may avail the opportunity through applying for the interview to be conducted at Divisional Forest Office, Puri Wildlife Division, Puri. Engagement for this post is purely contractual and the engagement can be terminated at any time in case of unsatisfactory performance, non-availability of funds, or any other reasons. Initial engagement will be for **06 months.**

The candidates need to send all these documents to the office of the undersigned by **e-mail/Registered Post/Speed Post/Courier** on or before **20th July, 2026.** Tentative date of interview will be communicated to the shortlisted candidates through the email/contact number provided in the Application Form.
**E-mail ID:** dfo.puriwl@odisha.gov.in
**Post/Courier Address:** O/o the Divisional Forest Officer, Puri Wildlife Division, Chakratirtha Road, Puri, Odisha – 752002.

Sd/- Divisional Forest Officer Puri (WL) Division, Puri

OIPR-8001/8140/1/26-27/0006

### AFFIDAVIT

By virtue of an affidavit sworn before The Executive Magistrate Bhubaneswar, C.F. No. 6 on dated 10/07/2026, I **ABHAYA SRICHANDAN**, S/o Chaturbhuja Pradhan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my name from **PRASANTA SRICHANDAN (Old Name)** to **ABHAYA SRICHANDAN (New Name)**. Henceforth, I shall be known as **ABHAYA SRICHANDAN** for all purposes.
Sd- **ABHAYA SRICHANDAN**

### AFFIDAVIT

I, Santosh Sulochana Debasish Barik (former name), aged about 19 years, S/o- Santosh Kumar Barik, At- Alada, Po/Ps-Khaira, Dist- Balasore-756048, Odisha, declared by this Affidavit No.830/2026 dated.11.07.2026, That now onwards I shall be Known as **S.S. DEBASIS BARIK** that for all future purposes.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 720, dated 07.07.2026, I, ARJUN PANKA, Son of- Bishukh Panka, permanent resident of Village- Badagumuda, PO - Badagumuda, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from ARJUN PANAKA to ARJUN PANKA. Henceforth, I shall be known as **ARJUN PANKA** for all purposes.
**Sd/- Arjun Panka**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1032, dated 06-07-2026, I, DEBENDRA KACHIM, S/o - Tularam Kachim, permanent resident of Village - Pakhanaguda, PO - Taragam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from PUJA SRABANI HARIJAN to SRABANI KACHIM. Henceforth, she shall be known as **SRABANI KACHIM** for all purposes.
**Sd/- Debendra Kachim**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1046, dated 06-07-2026, I, FULA BHATRA, W/o - Mukunda Bhatra, permanent resident of Village - Deodara, PO - Chatahandi, PS - Kodinga, Dist- Nabarangpur, Odisha, Pin - 764075, declare that I have changed the name of my Daughter from SASWATI BHATRA to SARASWATI BHATRA. Henceforth, she shall be known as **SARASWATI BHATRA** for all purposes.
**Sd/- Fula Bhatra**

### AFFIDAVIT

By virtue of an affidavit no- 2198, dated- 16/6/2026 sworn before Executive Magistrate, Banpur, declare that I, Pratima Sethi, aged about- 53 years, W/o- Niranjan Sethi of Address At / Po- Badahantuada, Ps- Banpur, Dist- Khurdha, Odisha, Pin-752031, declare that I have changed my name from Sukanti Sethi to Pratima Sethi. Henceforth, I Pratima Sethi & Sukanti Sethi both are one and same person. But now onwards I shall be known as **Pratima Sethi,** for all future purposes.
**Pratima Sethi**

### AFFIDAVIT FOR MINOR

By virtue of an affidavit no- 2551, dated- 8/7/2026 sworn before Executive Magistrate, Banpur, declare that I, Dillip Pradhan, aged about- 38 years, S/o- Gauranga Pradhan of Address At- Balipadar, Po- Banpur, PS- Banpur, Dist-Khordha, Odisha, Pin-752031, declare that I have changed the name of my minor son from Santanu Pradhan to Santunu Pradhan. Henceforth, he shall be known as **Santunu Pradhan** for all purposes.
**Santunu Pradhan**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 974, dated 19-06-2026, I, USHABATI BHATRA, W/o - Tulasi Bhatra, permanent resident of Village - Kusumiguda, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from BHAGBAN BHATRA to SHIVA BHATRA. Henceforth, he shall be known as **SHIVA BHATRA** for all purposes.
**Sd/- Ushabati Bhatra**

### AFFIDAVIT

I, Iswara Meher, aged about 32 years, S/o- Tejraj Meher, resident of Vill: Jamala, PO: Jamala, PS: Padampur, Dist: Bargarh, pin- 768049,Odisha declared by this affidavit No. 17, date- 10.07.2026 that now onwards I shall be known as **ISWAR MEHER** for all future purposes.

# ପେନ୍‌ସନ୍ ମାମଲାର ତ୍ୱରିତ ସମାଧାନ ପାଇଁ ସମୀକ୍ଷା

ବୌଦ୍ଧ, ୧୧।୭(ସମିସ)




ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଯେପରି ସମୟୋପଯୋଗୀ ଭାବେ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପାଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଭର୍ଚୁଆଲ୍ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫୁଲ୍ଲ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ଆକାଉଣ୍ଟ ଜେନେରାଲ୍ ଓଡ଼ିଶା ଏବଂ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍, ଓଡ଼ିଶାଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାରୁ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଡେପୁଟି କଲେକ୍ଟର (ଏଷ୍ଟାବ୍ଲିସମେଣ୍ଟ) ପରିପୂର୍ଣ୍ଣା ଦେବୀ ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଭର୍ଚୁଆଲ୍ ବୈଠକରେ ଯୋଗଦେଇ ଜିଲ୍ଲାରେ ବାକି ରହିଥିବା ପେନସନ, ଗ୍ରାଚୁଇଟି ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସମ୍ବନ୍ଧୀୟ ମାମଲାର ଅଗ୍ରଗତି ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ବୌଦ୍ଧ ଜିଲ୍ଲାରେ ୧୪ଟି ପେନସନ ମାମଲା, ୧୪ଟି ଗ୍ରାଚୁଇଟି ମାମଲା ଏବଂ ଆକାଉଣ୍ଟ ଜେନେରାଲ୍ କାର୍ଯ୍ୟାଳୟରୁ ତ୍ରୁଟି ସଂଶୋଧନ ପାଇଁ ଫେରିଥିବା ୧୩ଟି ପେନସନ ମାମଲା ବିଚାରାଧୀନ ରହିଛି। ଏହି ସମସ୍ତ ମାମଲା ମଧ୍ୟରୁ ସର୍ବାଧିକ ସଂଖ୍ୟକ ମାମଲା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଥିବା ବିଷୟ ବୈଠକରେ ଉଠିଥିଲା। ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଝୁଲି ରହିଥିବା ପେନସନ, ଗ୍ରାଚୁଇଟି ଓ ଏଜି କାର୍ଯ୍ୟାଳୟରୁ ଫେରିଥିବା ମାମଲାଗୁଡ଼ିକର ଆବଶ୍ୟକ ତ୍ରୁଟି ସଂଶୋଧନ କରି ଯଥାଶୀଘ୍ର ନିଷ୍ପତ୍ତି ନେବେ। କୌଣସି ଯୋଗ୍ୟ ଅବସରପ୍ରାପ୍ତ କର୍ମଚାରୀ ଯେପରି ତାଙ୍କର ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବିଭାଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ କୁହାଯାଇଛି। ଏହା ସହିତ ଜିଲ୍ଲା ସ୍ତରରେ ପେନସନ ଅଦାଲତ ନିୟମିତ ଆୟୋଜନ, ବିଚାରାଧୀନ ମାମଲାର ନିରନ୍ତର ସମୀକ୍ଷା ଏବଂ ସମସ୍ତ ବକେୟା ମାମଲାର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରାଯାଇଥିଲା।

# ନଦୀକୂଳବର୍ତ୍ତୀ ଅଞ୍ଚଳରେ ସତର୍କତା ପାଇଁ ନିର୍ଦ୍ଦେଶ

**ବୌଦ୍ଧ, ୧୧।୭(ସମିସ):** ହୀରାକୁଦ ଡ୍ୟାମର ୧୦ଟି ଗେଟ୍ ଖୋଲାଯାଇଥିବା ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ବୌଦ୍ଧ ସହରସ୍ଥିତ ଜଳସେଚନ ବିଭାଗର ଇନ୍ସପେକ୍ସନ ବଙ୍ଗଳା ନିକଟରେ ମହାନଦୀର ଜଳସ୍ତର ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ଜଳସେଚନ ବିଭାଗର ତଥ୍ୟ ଅନୁଯାୟୀ, ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ମହାନଦୀର ଜଳସ୍ତର ୮୨.୦୮ ମିଟର ରହିଥିବା ବେଳେ ଏହା କ୍ରମାଗତ ଭାବେ ହ୍ରାସ ପାଉଛି। ନଦୀର ଶୂନ୍ୟ ସ୍ତର ୮୧.୦୫ ମିଟର, ସତର୍କ ସ୍ତର ୮୬.୮୦ ମିଟର ଏବଂ ବିପଦ ସ୍ତର ୮୭.୮୦ ମିଟର ରହିଛି। ବର୍ତ୍ତମାନର ଜଳସ୍ତର ସତର୍କ ସ୍ତରଠାରୁ ୪.୭୨ ମିଟର ଏବଂ ବିପଦ ସ୍ତରଠାରୁ ୫.୭୨ ମିଟର ତଳେ ଥିବାରୁ ଜିଲ୍ଲାବାସୀଙ୍କ ପାଇଁ ଏହି ମୁହୂର୍ତ୍ତରେ ଚିନ୍ତାର କୌଣସି କାରଣ ନାହିଁ। ତେବେ ବର୍ଷା ଋତୁ ଓ ହୀରାକୁଦ ଡ୍ୟାମରୁ ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମହାନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକର ଲୋକମାନଙ୍କୁ ସତର୍କ ରହିବାକୁ ଆହ୍ୱାନ କରିଛନ୍ତି। ସେହିପରି ଆଭାସୀ ମାଧ୍ୟମରେ ସମସ୍ତ ବିଡିଓ ଓ ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକର ସ୍ଥିତି ଉପରେ ନିରନ୍ତର ନଜର ରଖିବା, ଗ୍ରାମବାସୀଙ୍କୁ ସତର୍କ କରିବା, ତଳିଆ ଅଞ୍ଚଳରେ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବା ଏବଂ କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ତୁରନ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ, ଜଳସେଚନ ବିଭାଗ ଏବଂ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ସମ୍ପୂର୍ଣ୍ଣ ସଜାଗ ରହି ମହାନଦୀର ଜଳସ୍ତର ଉପରେ ୨୪ ଘଣ୍ଟିଆ ସତର୍କ ନଜର ରଖି ପରିସ୍ଥିତିର ନିରନ୍ତର ସମୀକ୍ଷା କରୁଛନ୍ତି। ଜଳସ୍ତରରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲେ ଜନସାଧାରଣଙ୍କୁ ତୁରନ୍ତ ସୂଚିତ କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନଦୀନାଳ ବ୍ୟବହାର ସମୟରେ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

**ବୌଦ୍ଧ, ୧୧।୭ (ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଚରିଆପାଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଆଜି ଏକ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଚରିଆପାଲି ଗ୍ରାମର ଶୈଳେନ୍ଦ୍ର ମଲ୍ଲିକ କାଠ ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ହଠାତ୍ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ବାର୍‌ହାଟି ତାଙ୍କର ଉଭୟ ଗୋଡକୁ କାମୁଡି ଦେବା ସହ ଗୁରୁତର ଆଘାତ କରିଥିଲା। ତେବେ ସେ କୌଣସି ପ୍ରକାରେ ବାର୍‌ହା କବଳରୁ ଖସି ଆସିବାରେ ସଫଳ ହୋଇଥିଲେ। ଘଟଣା ପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସନ୍ଧ୍ୟା ସମୟରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି।



# ଭିବିଜୀ-ରାମ୍-ଜୀ ପାଇଁ ବୈଠକ

**ବୌଦ୍ଧ, ୧୧।୭(ସମିସ):** ବିକଶିତ ଓଡ଼ିଶା–୨୦୩୬ ଓ ବିକଶିତ ଭାରତ– ୨୦୪୭ର ଲକ୍ଷ୍ୟ ପୂରଣ ଦିଗରେ ବିକଶିତ ଭାରତ–ଗ୍ରାମ ରୋଜଗାର ଓ ଆଜୀବିକା ମିଶନ ଗ୍ରାମୀଣ ଯୋଜନାକୁ ପ୍ରଭାବଶାଳୀ ଭାବେ ରୂପାୟନ କରିବା ପାଇଁ ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ଆନ୍ତ ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ବିଡ଼ିଓ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ବିଭାଗର ଯନ୍ତ୍ରୀ ଉପସ୍ଥିତ ରହି ଯୋଜନାର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ।




# ନାଗରିକ କମିଟିର ଗଣଧାରଣା



**ବୌଦ୍ଧ, ୧୧।୭(ସମିସ):** ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ନାଗରିକ କମିଟି ବୌଦ୍ଧ ପକ୍ଷରୁ ୪ଦଫା ଦାବି ନେଇ ଗଣଧାରଣା ଦିଆଯିବା ସହ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ନୂତନ କୋଠାରେ ଡାକ୍ତରଖାନା କାର୍ଯ୍ୟ ଆରମ୍ଭ କରିବା, ଜିଲ୍ଲାରେ ଖାଲିଥିବା ସମସ୍ତ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କରିବା, ଜିଲ୍ଲା ସଂଗ୍ରହାଳୟକୁ ସରକାର ହାତକୁ ନେବା, ପାତାଳି ଶ୍ରୀକ୍ଷେତ୍ର ନାଏକପଡ଼ା ଗୁମ୍ଫାକୁ ପ୍ରସ୍ତାବିତ ୧୮ କୋଟି ଟଙ୍କା ଅନୁମୋଦନ ଦାବିରେ ଆଜି ସକାଳ ୧୦ ଘଣ୍ଟା ସମୟରୁ ଏହି ଗଣ ଧାରଣା ଦିଆଯାଇଥିଲା। ଏହାପରେ ନାଗରିକ କମିଟି ତରଫରୁ ଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରି ସମସ୍ୟା ସମ୍ପର୍କରେ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲେ। ଏହି ଗଣଧାରଣା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ହୋଇଥିବାବେଳେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ।

# ବୌଦ୍ଧରେ ସ୍ୱଚ୍ଛତା ପକ୍ଷ ପାଳନ

**ବୌଦ୍ଧ, ୧୧।୭(ସମିସ):** ବୌଦ୍ଧସହରସ୍ଥିତ ଜାନକୀ-ଭିକାରୀ ଉଚ୍ଚ ବିଦ୍ୟାଳୟ (ମାଉଲସିଙ୍ଗା) ପରିସରରେ ଇଣ୍ଡେନ ଡିଭିଜନାଲ ଅଫିସ, ସମ୍ବଲପୁର ତରଫରୁ ସଚ୍ଛତା ପକ୍ଷ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର ସଭାପତିତ କରିଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଫେସର ଡମ୍ବୁରୁଧର ଭୋଇ, କମଳାକାନ୍ତ ଦଳବେହେରା, ଅଧିବକ୍ତା ଚିତ୍ତରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୮୦ଜଣ ଛାତ୍ରଛାତ୍ରୀ, ୨୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ମହିଳା, ଶିକ୍ଷ. ଶିକ୍ଷୟିତ୍ରୀଙ୍କ ଗହଣରେ ଏକ ଗ୍ୟାସ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଶ୍ରୀଜିତ୍ ଖଡିରତ୍ନ, ଟ୍ୱିଙ୍କିଲ ମେହେର, ଦୁର୍ଯ୍ୟୋଧନ ମେହେର, ଚିତ୍ରାଙ୍କନ ପ୍ରତିଯୋଗିତାରେ ଲୋକନାଥ ବେହେରା, ଦୀପକ ମେହେର, ଆୟୁଷ ମେହେର ପ୍ରମୁଖ କୃତକାର୍ଯ୍ୟ ହୋଇଥିଲେ।

# ବୁଦ୍ଧିଜୀବୀ ସମ୍ମିଳନୀ

**ବୌଦ୍ଧ, ୧୧।୭(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପଠାରେ କଣ୍ଟାମାଳ ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଜିଲ୍ଲା ଉପସଭାପତି ସୁଶାନ୍ତ ବାଘଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ରାଜ୍ୟ ବୟନିକାର ପୂର୍ବ ସଭାପତି ଶେଷ ମେହେର, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜୋନ୍ ୪ର ଜିଲ୍ଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ଜୋନ ୨ର ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପିନାକଧର ରଣା ଧନ୍ୟବାଦ ଦେଇଥିଲେ। ଗୋପୀନାଥ କହଁର, ଶୁଭ୍ରାଂଶୁ ଡାଙ୍ଗ, ଶ୍ରୀକାନ୍ତ ଭୋଇ, ଶରତ କର୍ଣ୍ଣ, ଯୀଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ସନାତନ ସଂସ୍କୃତି ଜାଗରଣ ସଭା

**ବୌଦ୍ଧ, ୧୧।୭(ସମିସ):** ସ୍ଥାନୀୟ ଟାଉନ ହଲ୍‌ରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ସନାତନ ସଂସ୍କୃତି ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣ ମେଣ୍ଡିଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ସନ୍ତୋଷ ବଳ, ଉପଦେଷ୍ଟା ପ୍ରଦ୍ୟୁମ୍ନ ଦାଶ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ଲକ୍ଷ୍ମୀଧର ସାହୁ, ବିକାଶ ମହାକୁଳ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ପୂର୍ବରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଲା, ଦଣ୍ଡ ନୃତ୍ୟ, ସଂକୀର୍ତ୍ତନ, କୃଷ୍ଣ ଗୁରୁ ଆଦି କଳାକାରମାନେ ବୌଦ୍ଧ ଗାନ୍ଧି ଛକ ନିକଟରୁ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଟାଉନ୍‌ହଲ ପର୍ଯ୍ୟନ୍ତ ଆସିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବୌଦ୍ଧ ଜିଲ୍ଲାର ବିଭିନ୍ନ କଳାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାରଙ୍କୁ ବିଭିନ୍ନ ଉପାଧିରେ ଭୂଷିତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସମ୍ପାଦକ ବାଂଛାନିଧି ପ୍ରଧାନ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ଡୁଙ୍ଗୁରିପାଲି, ୧୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଫଟାମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଏବଂ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ କୁଅଁରଙ୍କ ଅଧ୍ୟକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇଥିବା ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ପ୍ରଗତି, ସାମଗ୍ରିକ ବିକାଶ, ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ଏବଂ ନିୟମିତ ପାଠପଢ଼ା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଉପସ୍ଥିତ ଅଭିଭାବକ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଅଭିଭାବକ ସମ୍ମିଳନୀ ପରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରିବେଶର ସୁରକ୍ଷା ଏବଂ ସବୁଜିମା ସୃଷ୍ଟି କରିବା ସଂକଳ୍ପ ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



# ପ୍ରିୟଦର୍ଶନୀ ଇନ୍ଦିରା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




**ଜୁନାଗଡ଼, ୧୧।୭(ସମିସ):** ଓଡ଼ିଶା ସରକାରଙ୍କ ଶକ୍ତିଶ୍ରୀ ଏମ୍ପାୱରମେଣ୍ଟ ସେଲ୍‌ଫ ପକ୍ଷରୁ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସଚେତନତା ଓ ଆତ୍ମରକ୍ଷା କୌଶଳ ବିକାଶ ଉଦ୍ଦେଶ୍ୟରେ ଜୁନାଗଡ଼ ସ୍ଥିତ ପ୍ରିୟଦର୍ଶନି ଇନ୍ଦିରା ମହାବିଦ୍ୟାଳୟରେ ଆୟୋଜିତ ସ୍ୱଂରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ମହାବିଦ୍ୟାଳୟର ୪୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅମିତା ମେହେର ଥିବାବେଳେ ଅଭିଜ୍ଞ ପ୍ରଶିକ୍ଷକ ଜଳିପରା ଭୋଇ ଓ ଶିବାନୀ ଭାଟି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନସମୟରେ ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷା ଅତ୍ୟନ୍ତ ଜରୁରୀ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରିୟବ୍ରତ ବାଣୁଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ଅମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ଜାତୀୟ ମତ୍ସ୍ୟଚାଷୀ ଦିବସ

ବୌଦ୍ଧ, ୧୧।୭(ସମିସ)




ବୌଦ୍ଧ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆଜି ଆର୍. ଏମ୍.ସି. ସମ୍ମିଳନୀ କକ୍ଷଠାରେ ଜାତୀୟ ମତ୍ସ୍ୟାଷୀ ଦିବସ ପାଳିତ ହୋଇଯାଇଛି। ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ଆଧୁନିକ ମତ୍ସ୍ୟଚାଷ, ସରକାରୀ ସହାୟତା ଏବଂ ରୋଜଗାର ସୃଷ୍ଟି ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏଥିରେ ଜିଲ୍ଲାର ପ୍ରାୟ ୫୦ ଜଣ ମତ୍ସ୍ୟଚାଷୀ ଓ ମହିଳା ଏସଏଚଜି ସଦସ୍ୟା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିସା ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଯୋଗଦେଇ ମତ୍ସ୍ୟଚାଷ ଆଜି କେବଳ ଏକ ପାରମ୍ପରିକ ଜୀବିକା ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାର ଏକ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ଆଧୁନିକ ବୈଜ୍ଞାନିକ ପଦ୍ଧତି ଓ ସରକାରୀ ଯୋଜନାର ଠିକ୍ ସଦୁପଯୋଗ ମାଧ୍ୟମରେ ଚାଷୀ ଅଧିକ ଆୟ କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ. ତପନ ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଇତିଶ୍ରୀ ସେଠୀ ଯୋଗଦେଇ ମତ୍ସ୍ୟଚାଷ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁଯୋଗ ନେଇ ଆର୍ଥିକ ଉନ୍ନତି ଦିଗରେ ଆଗେଇବାକୁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସମନ୍ୱିତ କୃଷିକୁ ଆପଣେଇ ମତ୍ସ୍ୟଚାଷୀ ଆର୍ଥିକ ସମୃଦ୍ଧ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ସଫଳ ମତ୍ସ୍ୟଚାଷୀ ମାରୁତି ନନ୍ଦନ ତ୍ରିପାଠୀ, ସୁବିଜ୍ଞାନ ରଞ୍ଜନ ପ୍ରଧାନ, ଖଗେଶ୍ୱର ରଣା, ମହତାବ କହଁର ଏବଂ ମା' ତାରିଣୀ ଏସଏଚଜି ଗ୍ରୁପକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବିଭିନ୍ନ ମତ୍ସ୍ୟ ଚାଷ ଯୋଜନାରେ ମନୋନୀତ ହିତାଧିକାରୀ ରଞ୍ଜିତା ସାହୁଙ୍କୁ ୬୦ ହଜାର, ଅଶୋକ ବେହେରାଙ୍କୁ ୧, ୧୯, ୦୦୦ ଏବଂ ରଜନୀ ମଲ୍ଲିକଙ୍କୁ୧, ୮୯, ୦୦୦ ଟଙ୍କା ସବ୍‌ସିଡି ସହାୟତା ପ୍ରଦାନ କରାଯାଇଥିଲା। ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ଅଧିକାରୀମାନେ ଚାଷୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ମତ୍ସ୍ୟ ଉନ୍ନୟନ ଯୋଜନା, ବାୟୋଫ୍ଲକ୍ ମତ୍ସ୍ୟଚାଷ, ପୋଖରୀ ପରିଚାଳନା, ଉନ୍ନତ ମାଛ ବିହନ ବ୍ୟବହାର, ସମନ୍ୱିତ କୃଷି ଓ ଆର୍ଥିକ ସହାୟତା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନ କରାଇଥିଲେ। ଏଥିସହ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ଚିନ୍ମୟୀ ଶୁଭସ୍ମିତା ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀ ଅଂଶୁମାନ ପଣ୍ଡା, ଲିପ୍ସା ଦାଶ, ରାକେଶ ସ୍ୱାଇଁ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ; ୨ ଗୁରୁତର



ଭେଡେନ, ୧୧।୭ (ସମିସ): ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଗର୍ଭଣା ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ମୃତ ମହିଳା ଅଯୋଧ୍ୟା ବଡ଼େଇ (୫୦) ଓ ଆହତମାନେ ହେଲେ ପ୍ରଜ୍ଞା ବଡ଼େଇ (୨୦) ଏବଂ ସୀମା ବଡ଼େଇ (୨୦)। ଅଯୋଧ୍ୟା ସକାଳ ୮ଟାରେ ନିଜ ବାରିପଟକୁ ଯାଉଥିବା ବେଳେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଚାର୍ଜ ହୋଇଥିବାରୁ ଏହା ସଂସ୍ପର୍ଶରେ ଆସିଯାଇଥିଲେ। ସେହି ସମୟରେ ପ୍ରଜ୍ଞା ଓ ସୀମା ଗାଧୋଇସାରି ଆସୁଥିବାବେଳେ ମହିଳା ଜଣଙ୍କୁ ଉଦ୍ଧାର କରିବା ସମୟରେ ସେମାନେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ସଂଗେ ସଂଗେ ଗ୍ରାମବାସୀ ଲାଇନ୍ କାଟି ତିନି ଜଣଙ୍କୁ ଉଦ୍ଧାର କରି ଆହତ ୨ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ ନେଇଥିବା ବେଳେ ଗୁରୁତର ଅଯୋଧ୍ୟାଙ୍କୁ ବୁର୍ଲା ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲାରେ ବ୍ୟବଚ୍ଛେଦ ହୋଇ ଦିନ ୨ଟାରେ ଗାଁରେ ମୃତଦେହ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଦାବିରେ ରାସ୍ତାରୋକ ପାଇଁ ଯାଇଥିବା ବେଳେ ବିଦ୍ୟୁତ ବିଭାଗ ଓ ପୁଲିସ ଆସି ଲୋକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ଆହତ ଦୁଇ ଯୁବତୀଙ୍କୁ ଚିକିତ୍ସା ପାଇଁ ୫ ହଜାର ଓ ମୃତ ମହିଳାଙ୍କ କାର୍ଯ୍ୟ ପାଇଁ ୨୦ ହଜାର ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ୪ ଲକ୍ଷ ଟଙ୍କାର ସହାୟତା ଦେବା ଓ ଗ୍ରାମର ସମସ୍ତ ବିଦ୍ୟୁତ ଖୁଣ୍ଟକୁ ଯାଞ୍ଚ କରାଯିବା ପ୍ରତିଶ୍ରୁତି ଦେଲାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୧୨ ବର୍ଷ ହେଲା ସ୍କୁଲରେ ରହୁଛନ୍ତି ଅସହାୟ ପରିବାର

ଝାରବନ୍ଧ, ୧୧।୭ (ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଅମଠି ଗ୍ରାମ ପଞ୍ଚାୟତର ଧନେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ୧୨ ବର୍ଷ ଧରି ଏକ ଅସହାୟ ପରିବାର ବସବାସ କରୁଥିବା ଘଟଣା ସାମ୍ନାକୁ ଆସିଛି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଶୀଘ୍ର ଏକ ସ୍ଥାୟୀ ଆବାସ ଗୃହ ଯୋଗାଇ ଦେବାକୁ ବିଦ୍ୟାଳୟର ଶିଶୁ ସାମ୍ବାଦିକା ଉପମା ସାହୁ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଦ୍ୟାଳୟର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ



କରାଯାଉଥିବା ବେଳେ ଏହି ବିଷୟଟି ସାମ୍ନାକୁ ଆସିଥିଲା। ପିଲାମାନେ ପାଠପଢ଼ା କରୁଥିବା ସମୟରେ ବିଦ୍ୟାଳୟ ପରିସର ମଧ୍ୟରେ ଏକ ପରିବାରର ବସବାସ କରିବା ବିଦ୍ୟାଳୟର ସୁରକ୍ଷା ଦୃଷ୍ଟିରୁ ଉଚିତ ନୁହେଁ ବୋଲି ଶିଶୁ ସାମ୍ବାଦିକା ଉପମା ସାହୁ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଅସହାୟ ପରିବାରକୁ ଯଥାଶୀଘ୍ର ଘର ପ୍ରଦାନ

**ଘର ଯୋଗାଇ ଦେବାକୁ ଅନୁରୋଧ କଲେ କୁନି ସାମ୍ବାଦିକ**

କରାଗଲେ ସେମାନଙ୍କର ଜୀବନଯାପନ ସହଜ ହେବା ସହ ବିଦ୍ୟାଳୟ ପରିସର ମଧ୍ୟ ସୁରକ୍ଷିତ ହୋଇପାରିବ।

ଏ ସମ୍ପର୍କରେ ବିଦ୍ୟାଳୟର ଅଭିଭାବକମାନେ ସିଆରସିସି ଦିବସ କୁମାର ସାହୁଙ୍କୁ ଅବଗତ କରାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଥିଲେ। ପରେ ସିଆରସିସି ଦିବସ କୁମାର ସାହୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୁମାର କଲେତଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଏହି ବିଷୟରେ ଝାରବନ୍ଧ ବିଡିଓ ଏବଂ ଅମଠି ସରପଞ୍ଚଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

ସ୍ଥାନୀୟ ଲୋକମାନେ ଓ ଅଭିଭାବକମାନେ ମଧ୍ୟ ଅସହାୟ ପରିବାରକୁ ଏକ ସ୍ଥାୟୀ ଆବାସ ଗୃହ ପ୍ରଦାନ କରିବା ସହ ବିଦ୍ୟାଳୟ ପରିସରକୁ ସୁରକ୍ଷିତ ଓ ଶିକ୍ଷା ଉପଯୋଗୀ ପରିବେଶରେ ପରିଣତ କରିବା ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।

● ସମ୍ମିଳିତ ରଥଟଣା କାର୍ଯ୍ୟକ୍ରମ ପାଇଁ ସର୍ଭେ

## ବୀର ସୁରେନ୍ଦ୍ର ସାଏ ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରଥଟଣା

ବରଗଡ଼, ୧୧।୭ (ସମିସ): ଏବର୍ଷ ରଥଯାତ୍ରା ଅବସରରେ ବରଗଡ଼ ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଗୁଡ଼ିକ ପ୍ରଥମ ଥର ପାଇଁ ଏକତ୍ରିତ ହୋଇ ଆସନ୍ତା ୧୬ରେ ବୀର ସୁରେନ୍ଦ୍ର ସାଏ ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ଭବ୍ୟ ସମ୍ମିଳିତ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବରଗଡ଼ ପ୍ରଶାସନିକ ଅଧିକାରୀଙ୍କ ଏକ ସର୍ଭେ ଅନୁଷ୍ଠିତ ହୋଇଥିଲା।



ଗତକାଲି ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ରଥଯାତ୍ରା ସମନ୍ୱୟ ସମିତି ସଭାପତି ସୁରେଶ୍ୱର ଶତପଥୀ, ପିଡବ୍ଲୁଡି ଏସ୍‌ଡିଓ ସଞ୍ଜୟ ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଚାଲି ଚାଲି ତର୍ଜମା କରିଥିଲେ। ଆଜି ସାମ୍ବାଦିକ ଭବନଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ରଥଯାତ୍ରା ସମନ୍ୱୟ ସମିତିର ସଭାପତି ସୁରେଶ୍ୱର ଶତପଥୀଙ୍କ ସମେତ ସମିତିର ସଦସ୍ୟ ପ୍ରଭାଦିତ୍ୟ ମିଶ୍ର, ସୁରେଶ କୁମାର ଗନ୍ତାୟତ, ଗୋପାଳ ଦାଶ ଏବଂ କେଦାର ମିଶ୍ର ଉପସ୍ଥିତ ରହି ସମ୍ମିଳିତ ରଥଯାତ୍ରାର କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଜନସହଭାଗିତା ସମ୍ପର୍କରେ ସୂଚନା ପ୍ରଦାନ ସହ ଏହି ଐତିହାସିକ ରଥଯାତ୍ରାରେ ବରଗଡ଼ବାସୀଙ୍କ ସହଯୋଗ କାମନା ସହ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ସେହିପରି ସହରର ବିଭିନ୍ନ ବ୍ୟବସାୟୀ ସଂଘ, ସାମାଜିକ ସଂଗଠନ ଏବଂ ଦୋକାନୀ ଭାଇଭଉଣୀ ମାନଙ୍କୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାନୀୟ ଜଳ ଓ ପ୍ରସାଦ ବଣ୍ଟନ, ଦୋକାନ ଓ ପ୍ରତିଷ୍ଠାନଗୁଡ଼ିକୁ ଆଲୋକ ମାଳାରେ ସଜାଇବା ସହିତ ରଥଟଣା ମାର୍ଗରେ ଥିବା ଘର ଓ ଦୋକାନ ସମ୍ମୁଖରେ ରଙ୍ଗୋଲି ପ୍ରସ୍ତୁତ କରି ଏହି ମହାପର୍ବକୁ ଅଧିକ ଆକର୍ଷଣୀୟ କରିବାକୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ଅପରାହ୍ନ ୪ଟାରେ ବରଗଡ଼ ସହରର ବିଭିନ୍ନ ସ୍ଥାନରୁ ଆସୁଥିବା ସମସ୍ତ ରଥ ବୀର ସୁରେନ୍ଦ୍ର ସାଏ ଛକରେ ସମାଗମ ହେବେ। ଅପରାହ୍ନ ୪.୩୦ରେ ସେଠାରୁ ଭବ୍ୟ ସମ୍ମିଳିତ ରଥଟଣାର ଶୁଭାରମ୍ଭ ହୋଇ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯିବ। ଏହାପରେ ଅପରାହ୍ନ ୫ଟା ୩୦ରୁ ଗାନ୍ଧୀ ଛକଠାରେ ଶିବାନନ୍ଦ ଭଜନ ଗ୍ରୁପ୍ ପକ୍ଷରୁ ଭଜନ ସନ୍ଧ୍ୟାର ଆୟୋଜନ କରାଯିବ।

## ଉପଜିଲ୍ଲାପାଳଙ୍କ କକ୍ଷରେ ରଥଯାତ୍ରା ପ୍ରସ୍ତୁତି

ପଦ୍ମପୁର, ୧୧।୭ (ସମିସ): ପଦ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ଆଲୋଚନା କରାଯାଇଥିଲା। ରଜାପଡ଼ା ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ, ମେହେର ପଡ଼ା ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ, ଶାନ୍ତିନଗର ମାଉସୀ ମା' ମନ୍ଦିର ପୂଜା କମିଟି ସଦସ୍ୟ ଓ ସାହୁପଡ଼ା ମାଉସୀ ମା' ମନ୍ଦିର କମିଟି ସଦସ୍ୟଙ୍କ ସହିତ ପଦ୍ମପୁର ପୁଲିସ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ବିଜ୍ଞାପିତ ଅଞ୍ଚଳ ପରିଷଦ ବିଭାଗ, ତହସିଲଦାର, କନିଷ୍ଠ ଯନ୍ତ୍ରୀ ଜଳ ବିଭାଗ ବୈଠକରେ ଉପସ୍ଥିତ ରହି ମତାମତ ରଖିଥିଲେ। ଥାନା ଛକରୁ ବସ୍ତି ରୋଡ଼ର ସାଙ୍ଘାତିକ ଅବସ୍ଥା ଜାଣି ଉଦ୍‌ବେଗ ପ୍ରକାଶ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା କାମ ସାରିବା ସହ ସଫେଇ ଓ ବ୍ଲିଚିଂ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଶାନ୍ତିନଗର, ସାହୁପଡ଼ା ଏବଂ ପ୍ରତ୍ୟେକ ରାସ୍ତାର ଲାଇଟ ସଜାଡ଼ିବା ସହିତ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ପର୍ଯ୍ୟାପ୍ତ ପରିମାଣରେ ଆଲୋକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ରାସ୍ତା କଡ଼ରେ ଥିବା କୁଚିଆ ମଦ ଦୋକାନ ଓ ମାଂସ କଟାଳି ଦୋକାନୀଙ୍କୁ ରଥ ଯାତ୍ରାରୁ ବାହୁଡା ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବାକୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ। ରାଜାଘର ପଡ଼ିଆରେ ଦଶମୀ ଦିନ ପ୍ରବଳ ଜନସମାଗମ ହେତୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ପିଏଚ୍‌ଡି ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ରଥଯାତ୍ରା ଓ ବାହୁଡା ଯାତ୍ରା ଦିନ ମାନଙ୍କରେ ଟ୍ରାଫିକ ପରିଚାଳନା ସହ ଶୃଙ୍ଖଳା ରକ୍ଷା ପାଇଁ



ପୁଲିସ ବିଭାଗକୁ ଦାୟିତ୍ୱ ଅର୍ପଣ କରିବା ସହିତ ଏହି ୨ ଦିନ ରାସ୍ତା କଡ଼ରେ ଗାଡି ମଟର ପାର୍କିଂ ନ କରିବାକୁ ନିର୍ଦ୍ଦେଶ ଜାରି କରାଯିବ। ଆଜିର ବୈଠକରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର କେହି ଜଣେ ବି ଉପସ୍ଥିତ ନ ଥିବାରୁ ଉପଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। ଶେଷରେ ଭବାନୀ ଶଙ୍କର ମହନ୍ତ (ଓଏଏସ) ଅତିରିକ୍ତ ଜିଲ୍ଲାପାଳ ଏଡିଏମ କାର୍ଯ୍ୟାଳୟ, ପଦ୍ମପୁର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ହାଇସ୍କୁଲରେ ଅଭିଭାବକ ବୈଠକ

ପାଇକମାଳ, ୧୧।୭ (ସମିସ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ରାଧେଶ୍ୟାମ ମେହେର ଯୋଗଦେଇଥିବା ବେଳେ ଚକାମନ ସୁନା,



ସିଆରସିସି ରଞ୍ଜନ ବାଗ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ବିନୋଦ କୁମାର କାଳିଆ ଓ କୁସୁମ ରାଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଠକରେ ପ୍ରାୟ ୧୧୦ ଜଣ ଅଭିଭାବକ ଓ ଅଭିଭାବିକା ଯୋଗଦେଇଥିବା ବେଳେ ରଜତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ ପରିଚାଳନା କମିଟି ଗଠନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ କମିଟିକୁ ଭଙ୍ଗ କରି ନୂତନ ସ୍କୁଲ ପରିଚାଳନା କମିଟି ଗଠନ କରାଯାଇଥିଲା। ନବଗଠିତ କମିଟିରେ ଶ୍ରୀକାନ୍ତ ରାଉତ, ଲାଲବାଇ ଚୌଧୁରୀ, ଯୋଗେନ୍ଦ୍ର ଭୋଇ, ଶର୍ମା ତାଣ୍ଡି, ସନ୍ତୋଷିନୀ ଡନସନା, ପଦ୍ମନ ପ୍ରଧାନ, ଆନନ୍ଦ ପ୍ରଧାନ, ରବିଶଙ୍କର ସାହୁ, ଦୂତିଆ ସୁନା, ସସ୍ମିତା ପଟେଲ, ଅଞ୍ଜନା ବରିହା, ସାରା ବାରିକ, ମଞ୍ଜୁ ସାହୁ ଓ ରେବତୀ ଭୋଇଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଦାମ ପାଣ୍ଡେ, ଯଶୋବନ୍ତ ସାହା, ଛବିଳ ସେଠ, ସ୍ୱାଧୀନ ବେହେରା, ଲଳିତ କୁମାର ବିଶ୍ୱାଳ, ଅମିତ କୁମାର ସାହୁ ଓ ଦୟାନିଧି ସାହୁ ସହଯୋଗ କରିଥିଲେ।

## ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀରେ ଦଳୀୟ କନ୍ଦଳକୁ ନେଇ ଚର୍ଚ୍ଚା

ବରଗଡ଼, ୧୧।୭ (ସମିସ): ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଏଠାରେ ଦଳରେ ଥିବା କନ୍ଦଳ ପଦାରେ ପଡ଼ିଛି। କେନ୍ଦ୍ରର ସରକାରଙ୍କ ସଫଳତା ଓ ଉପଲବ୍ଧି ସମ୍ପର୍କରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ପ୍ରତ୍ୟକ୍ଷ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଲିପସିତ ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶିରିଷ ବଲ୍ଲଭ ମିଶ୍ର, ସୁରେଶ୍ୱର ଶତପଥୀ ଏବଂ ବିଶିଷ୍ଟ ସମାଜସେବୀ ଡାକ୍ତର ପ୍ୟାରିଲାଲ ତ୍ରିପାଠୀ ମଞ୍ଚାସୀନ ଥିଲେ। ସ୍କୁଲ ଛାତ୍ରୀମାନଙ୍କ ସ୍ୱାଗତ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ସରକାରଙ୍କ ବିକାଶର ଚିତ୍ର ଉପସ୍ଥିତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ସମ୍ମୁଖରେ ରଖାଯାଉଥିବା ବେଳେ ଅନ୍ୟପଟେ ଦଳର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ମଧ୍ୟ ପଦାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଜେପି ଜିଲ୍ଲା ସଭାପତି ଅରୁପାନନ୍ଦ ସାହୁଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ଗୋବର୍ଦ୍ଧନ ଭୋଏଙ୍କ ଭଳି ପ୍ରମୁଖ ଚେହେରା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲେ। ଏହି ହେଭିୱେଟ ନେତା ଓ ବିଧାୟକମାନଙ୍କ ଅନୁପସ୍ଥିତି ସମ୍ମିଳନୀକୁ ଆସିଥିବା ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା କିଛି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମର୍ଥକ ମଧ୍ୟ ପ୍ରକାଶ କରିଥିଲେ ଯେ, ସେମାନେ ଅଜାଣତରେ ବା ପ୍ରକୃତ ସ୍ଥିତି ନବୁଝି ଏହି କାର୍ଯ୍ୟକ୍ରମକୁ ଚାଲିଆସିଛନ୍ତି। ଏହି ବଡ଼ ଧରଣର ଅନୁପସ୍ଥିତି ଆଗାମୀ ଦିନରେ ବରଗଡ଼ ବିଜେପି ରାଜନୀତିରେ କେଉଁ ମୋଡ଼ ନେଉଛି ଦେଖିବାକୁ ବାକି ରହିଲା।

## ଗୋପାଳପୁରରେ ବନ ମହୋତ୍ସବ

ଭଟଲି, ୧୧।୭ (ସମିସ): ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ସ୍ଥିତ ଆଶ୍ରମ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉତ୍ସବ ଭୁଏଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ଜୁନିଅର୍ ରେଡକ୍ରସ କାଉନସେଲର ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଭଟଲି ବନପାଳ କଂଗ୍ରେସ ସୁନା, ସମ୍ମାନିତ ଅତିଥିରୂପେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ ଯୋଗ ଦେଇଥିଲେ। ଗତ ବାର୍ଷିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଫଳ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜୀବ ସାହୁ, ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ, ପଞ୍ଚମୀ ନାଏକ, ମମତା ସାହୁ, ମାନସୀ ଷଣ୍ଢ, ସାବିତ୍ରୀ ସା, ଜୟନ୍ତୀ ମୁନା, ସାବିତ୍ରୀ ଭୁଏ, ସବିତା ବାଗ ଓ ସାବିତ୍ରୀ ବାଡା ସହଯୋଗ କରିଥିଲେ। ଶିକ୍ଷକ ଅଷ୍ଟମନ୍ୟୁ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ଦିଲ୍ଲୀପ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଇକୋ କ୍ଲବର ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପିଏମ୍‌ଶ୍ରୀ ମୁରୁମକେଲ୍ ସରକାରୀ ହାଇସ୍କୁଲରେ ବନ ମହୋତ୍ସବ



ଭଟଲି, ୧୧।୭ (ସମିସ): ପିଏମ୍‌ଶ୍ରୀ ମୁରୁମକେଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅମ୍ଳଜାନ ଆସ୍ତରଣ ଆନ୍ଦୋଳନ ପରିପ୍ରେକ୍ଷୀରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଇକୋ କ୍ଲବ୍ ଭାରପ୍ରାପ୍ତ ଶିକ୍ଷକ ରୋହିତ ପାଣିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସ୍କୁଲ ପରିସରରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ସଚେତନ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଗଜପତି ଡ଼ନସନା, ପ୍ରେମାନନ୍ଦ ଭୋଇ, ସୁଧୀର କୁମାର ଦାସ, ଚନ୍ଦ୍ରମଣି ସାହୁ, ନିବାସ ପ୍ରଧାନ, ମନୋଜ କୁମାର ଜାଲ, ନୋଦୀତ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର, ସୁରଞ୍ଜନ ସାହୁ, ଜୀବର୍ଦ୍ଧନ ମେହେର, ପ୍ରଭାସିନୀ ସରାଫ, ହିମାଚଳ ପ୍ରଧାନ, ସଙ୍ଗୀତା ବଗାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରାଜସ୍ୱ କ୍ୱାର୍ଟର୍ସ ନିର୍ମାଣ ପାଇଁ ପ୍ରଶାସନର ବିଚିତ୍ର ମାନସିକତା**

# ବଳି ପଡ଼ିବନି ମହିଳା ସମିତିର ଐତିହ୍ୟ କୋଠା

ବରଗଡ଼, ୧୧।୭ (ସମିସ)





ସ୍ଥାନୀୟ ଗାନ୍ଧୀ ପାର୍କ ସଂଲଗ୍ନ ରେଭିନ୍ୟୁ କଲୋନୀରେ ନୂତନ କ୍ୱାର୍ଟର୍ସ ନିର୍ମାଣ ପାଇଁ ବରଗଡ଼ ମହିଳା ସମିତିର ପୁରୁଣା କୋଠାକୁ ମଧ୍ୟ ପ୍ରଶାସନ ଅକ୍ତିଆର କରିବା ଭଳି ବିଚିତ୍ର ମାନସିକତା ଦେଖିବାକୁ ମିଳିଛି। ଏଥିପ୍ରତି ସମିତି ପକ୍ଷରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀକୁ ନିମନ୍ତ୍ରିତ ହୋଇ ଯାଇଥିବା ମହିଳା ସମିତିର ଏକ ପ୍ରତିନିଧି ଦଳ ଏ ନେଇ ଲିଖିତ ଭାବେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କଠାରେ ଅଭିଯୋଗ କରି ସାମୂହିକ କଲ୍ୟାଣ ଉଦ୍ଦେଶ୍ୟରେ ବରଗଡ଼ ମହିଳା ସମିତିର ନାମରେ ଜମିର ପଞ୍ଜୀକରଣ ଏବଂ ପୁରୁଣା କୋଠାର ସୁରକ୍ଷା ପାଇଁ ଅନୁରୋଧ ଜଣାଇଥିଲେ।

ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ ପ୍ରଶାସନର ଏଭଳି ମସୁଧାରେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସାଙ୍ଗକୁ ମହିଳା ସମିତିର ଐତିହ ସମ୍ପନ୍ନ ପୁରୁଣା କୋଠାକୁ ସରକାରୀ କ୍ୱାର୍ଟର୍ସ ନିର୍ମାଣ ପାଇଁ କଦାପି ବଳି ପଡ଼ିବାକୁ ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଏଥିପାଇଁ ନିଶ୍ଚିନ୍ତ ରହିବାର ଆଶ୍ୱାସନା ଦେଇଥିଲେ। ଏହା ସାଙ୍ଗକୁ ଦୀର୍ଘ ୪୦ ବର୍ଷ ଧରି ଅଞ୍ଚଳର ମହିଳାମାନଙ୍କର ସାମାଜିକ, ଆର୍ଥିକ ସଶକ୍ତିକରଣ, ଦକ୍ଷତା ବିକାଶ ଏବଂ ସାମୁହିକ କଲ୍ୟାଣ ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଆସୁଥିବା ବରଗଡ଼ ମହିଳା ସମିତି ନାମରେ ଉକ୍ତ ଜମି ପଞ୍ଜୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସମିତି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ସମ୍ପ୍ରତି ପ୍ରସ୍ତାବିତ ନୂତନ ରାଜସ୍ୱ କଲୋନୀ ପାଇଁ ସମିତିର ପଛପଟ ପାଚେରୀକୁ ଭାଙ୍ଗି ଜୋର୍ ଜବରଦସ୍ତି ପିଡବ୍ଲୁଡି ଦ୍ୱାରା ଦଖଲ କରାଯାଇଛି। ଏପରିକି ଏ ସମ୍ପର୍କରେ ସମିତିକୁ ଜଣାଇବାର ସର୍ବନିମ୍ନ ସୌଜନ୍ୟତା ମଧ୍ୟ ରକ୍ଷା କରାଯାଇନଥିଲା। ଏବେ ପୁରୁଣା କୋଠା ଉପରେ ପ୍ରଶାସନର ନଜର ରହିଛି। ଯାହା ପାଇଁ ଆମେ ଚିନ୍ତିତ ବୋଲି ସମିତି ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ସେଥିରେ କୁହାଯାଇଛି, ବରଗଡ଼ ମହିଳା ସମିତି ପଶ୍ଚିମ ଓଡ଼ିଶାର ସର୍ବପୁରାତନ ମହିଳା ସଂଗଠନ ମଧ୍ୟରୁ ଅନ୍ୟତମ। ଏହା ୧୯୮୭ ମସିହାରେ ବରଗଡ଼ ଜିଲ୍ଲାର ଗର୍ବ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ଏହାର ସମସ୍ତ ପ୍ରତିଷ୍ଠାତା ସଦସ୍ୟ ବରଗଡ଼ର ପ୍ରସିଦ୍ଧ ସାମାଜିକ ଭାବରେ ସକ୍ରିୟ ପରିବାରର। ତତ୍କାଳୀନ ଏସଡିଓ ଏବଂ ତହସିଲଦାର ଏହି ପ୍ଲଟକୁ ସାମାଜିକ ସ୍ୱୀକୃତି ସହିତ ମହିଳା ସମିତିକୁ ପ୍ରଦାନ କରିଥିଲେ। ପ୍ରଥମ କୋଠା ନିର୍ମାଣ ପାଇଁ ବରଗଡ଼ ପୌରପାଳିକା କିଛି ପାଣ୍ଠି ପ୍ରଦାନ କରିଥିଲେ ଏବଂ ବାକି ଅର୍ଥ ଜନସାଧାରଣଙ୍କ ଦାନ ଦ୍ୱାରା ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟାପ୍ତ ପାଣ୍ଠି ନ ଥିବାରୁ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ସମେତ ସମସ୍ତ ଶୁଭେଚ୍ଛୁ ଏବଂ ପ୍ରତିଷ୍ଠାତା ସଦସ୍ୟ ସମୟ ଏବଂ ଶ୍ରମ ଦେଇଥିଲେ। ତେଣୁ ଏହି କୋଠା ବରଗଡ଼ର ଏକ ଐତିହାସିକ ସୃଷ୍ଟି ଏବଂ ଏହାକୁ ଯେକୌଣସି ମୂଲ୍ୟରେ ସଂରକ୍ଷଣ କରାଯିବା ଉଚିତ ବୋଲି ସମିତି ପକ୍ଷରୁ କୁହାଯାଇଥିଲା। ତେଣୁ ସମିତିର ପୁରୁଣା କୋଠାର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇ ଜିଲ୍ଲା କଲେକ୍ଟର ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ବରଗଡ଼ ମହିଳା ସମିତିର ସଭାନେତ୍ରୀ ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି, ବରିଷ୍ଠ ସଦସ୍ୟା ମମତା ମିଶ୍ର, ଅଞ୍ଜନା ଦାସ, ସୁଧାଂଶୁବାଳା ଦାଶ, ଭାଗ୍ୟଲକ୍ଷ୍ମୀ ଦୋରା, ଲକ୍ଷ୍ମୀପ୍ରୀୟା ପାଣିଗ୍ରାହୀ, ଡ ସୁଜାତା ପଣ୍ଡା ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

● ଦର୍ବେକେଲା ବ୍ୟାରେଜରେ ଜଳ ସଂରକ୍ଷଣର ଅଭାବ

## ନାଗେନଧରାରେ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ନିର୍ଦ୍ଦେଶ



ପଦ୍ମପୁର, ୧୧।୭ (ସମିସ): ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଦର୍ବେକେଲା ଗ୍ରାମରେ ନିର୍ମିତ ବ୍ୟାରେଜ ଏବଂ ନାଗେନଧରା ଗ୍ରାମର ବାସ୍ତବ ସ୍ଥିତି ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ। ଦରବେକେଲା ବ୍ୟାରେଜରେ ଜଳ ସଂରକ୍ଷଣ ପାଇଁ କୌଣସି ସୁଦୃଢ଼ ବ୍ୟବସ୍ଥା ହୋଇନଥିବାରୁ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଜଳସେଚନର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହା ବ୍ୟତୀତ ନାଗେନଧରା ଠାରେ ଏକ ନୂତନ ଚେକ୍ ଡ୍ୟାମ୍ ନିର୍ମାଣର ଆବଶ୍ୟକତା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଏକ ପ୍ରକଳ୍ପ ନିର୍ମାଣ ହେଲେ ଆଖପାଖର ଅନେକ ଗ୍ରାମବାସୀ ଏବଂ ଚାଷୀଭାଇ ଦୀର୍ଘଦିନର ଜଳ ସମସ୍ୟାରୁ ସ୍ଥାୟୀ ମୁକ୍ତି ପାଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ତୁରନ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ଏବଂ ତ୍ରୁଟି ସଂଶୋଧନ ସହ ଜଳ ସଂରକ୍ଷଣ ଏବଂ ନୂତନ ଚେକ୍ ଡ୍ୟାମ୍ ନିର୍ମାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ, ସାଂସଦ ପ୍ରତିନିଧି ପ୍ରୀତମ ମେହେର, ବିଜେପି ଯୁବନେତା ପ୍ରିତେଶ ବହିଦାର, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ଉପଜିଲ୍ଲାପାଳ ହେମସାଗର ଭୋଇ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ।

## ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ

# କଳାହାଣ୍ଡିରେ ସୁଧୁରୁନାହିଁ ସ୍ୱାସ୍ଥ୍ୟ ବ୍ୟବସ୍ଥା

**ଭବାନୀପାଟଣା, ୧୧।୭ (ସମିସ)**

କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟ ସୁରକ୍ଷା କହିଲେ ରୋଗ ନିରାକରଣ, ଉପଚାର ଓ ଚିହ୍ନଟ ତଥା ଲୋକମାନଙ୍କର ସାମାଜିକ ଏବଂ ମାନସିକ ମନୋବଳ ବୃଦ୍ଧି କରିବା ଦିଗରେ ପ୍ରଚଳିତ ପରିଚାଳନା ବ୍ୟବସ୍ଥାକୁ ବୁଝାଉଛି। ତେବେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ପରିଚାଳନା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ ହିଁ ସ୍ୱାସ୍ଥ୍ୟସେବା ଭୁଶୁଡ଼ିବାର କାରଣ ସାଜିଛି। ଲଗାତାରଭାବେ କଳାହାଣ୍ଡି ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା ଅବହେଳା ନେଇ ବାରମ୍ବାର ଅଭିଯୋଗ ଆସୁଛି। କେତେବେଳେ ରୋଗୀ ବେଡ୍‌ଟିଏ ପାଇବା ପାଇଁ ସକ୍ଷମ ହେଉନି ତ ଆଉ କେତେ ବେଳେ ହସ୍ପିଟାଲ ବାରଣ୍ଡା ଉପରେ ବସାଇ ଅକ୍ସିଜେନ ଲଗାଯାଇଥିବାର ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଛି। ଏବଂ ରୋଗୀର ମୃତ୍ୟୁ ଘଟୁଛି। ସେତିକି ନୁହେଁ ରକ୍ତ ଅଭାବରୁ ୩ବର୍ଷର ଶିଶୁ ଜୀବନ ହାରୁଛି। ବିଶେଷ କରି ଗର୍ଭବତୀ ମହିଳାଙ୍କୁ ଶଯ୍ୟା ଖଣ୍ଡେ ପାଇଁ ଯେଉଁ ଦୟନୀୟ ସ୍ଥିତି ଉପୁଜିଛି ତାହା ସ୍ୱଚକ୍ଷୁରେ ଦେଖୁଥିବା ଜଣେ ଅନୁଭବି ହିଁ ବୁଝିପାରିବ। ସବୁଠାରୁ ଅଧିକ ମର୍ମାହତ କରିଛି ଗତ ୯ ତାରିଖ ଦିନ ତ୍ରୁଟିପୂର୍ଣ୍ଣ ଆମ୍ବୁଲାନ୍ସରେ ଜଣେ ନାବାଳିକାର ଜୀବନ ଚାଲିଯିବା। ଅନ୍ୟପକ୍ଷରେ ଧର୍ମଗଡ଼ ଉପଖଣ୍ଡର ରକ୍ତଭଣ୍ଡାର ଦୀର୍ଘଦିନ ଧରି ବନ୍ଦ



ରହିବା ଓ ରକ୍ତ ନମିଳିବା କାରଣରୁ ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ତେବେ ଗତ ୮ତାରିଖ ଦିନ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ବିପର୍ଯ୍ୟୟ ସ୍ୱାସ୍ଥ୍ୟସେବା ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷ ଏବଂ ସଦର ବିଧାୟକ ବିଗିଡି ଯାଇଥିବା ଚିକିତ୍ସା ନୀତିକୁନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉପରେ ବର୍ଷିଥିଲେ। କିନ୍ତୁ କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଜିଲ୍ଲା ଚିକିତ୍ସା ଅଧିକାରୀ। ଏଠାରେ ସୂଚନାଯୋଗ୍ୟ ଯେ ସହିଦ ରେଣ୍ଡୋମାଝୀ ମେଡିକାଲରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୬୦୬ଜଣ ଥିବାବେଳେ ଜିଲ୍ଲାରେ ଅଛନ୍ତି ମାତ୍ର ୨୦୪ ଏବଂ ଖାଲି ପଡ଼ିଛି ୩୯୨ଡାକ୍ତର ପଦ। ନର୍ସ ଅଫିସର ୩୫୬ରୁ ଖାଲି ରହିଛି ୧୧୭ ପଦ। ଲେବ୍ରୋଟାରୀ ଟେକ୍ନିସିଆନ ୧୦୫ମଧ୍ୟରୁ ଖାଲି ଅଛି ୬୯ଟି ପଦ। ସେହିପରି ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦ ଗୁଡ଼ିକ ପ୍ରାୟ ୫୦ପ୍ରତିଶତ ଖାଲିଥିବା ଜଣାଯାଇଛି। ଗତବର୍ଷ ଜିଲ୍ଲାରେ ବିଭିନ୍ନ କାରଣରୁ ୭୫୦ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଏଠାରେ ଥିବା ୪ମହଲା ଏମ୍‌ସିଏଚ୍ କୋଠାରେ ଲିଫ୍ଟ କାମ କରୁନି। ଶୌଚାଳୟ ଅଛି କିନ୍ତୁ ଯିବା ସ୍ଥିତିରେ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ଆରମ୍ଭକରି ଅଧିକାଂଶ ଷ୍ଟାଫ୍ ମାନେ କେବଳ ରାଜ୍ୟ ତଥା ଜାତୀୟସ୍ୱାସ୍ଥ୍ୟ ସମ୍ବନ୍ଧୀୟ

### ୬୦୬ ଜଣ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୨୧୪ଜଣ

କାର୍ଯ୍ୟକ୍ରମ ଏବଂ ମିଟିଂରେ ବ୍ୟସ୍ତ। ସେପଟେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ହୁଗୁଳିଯାଉଛି। ସବୁଠାରୁ ସ୍ପର୍ଶକାତର ବିଷୟ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ୧୪୫ ଡାକ୍ତର ରହିବାସ୍ଥଳେ ଅଛନ୍ତି କେବଳ ୨୬ଜଣ। ଜିଲ୍ଲା ହେଡକ୍ୱାଟର ହସ୍ପିଟାଲକୁ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ଗୁରୁତର ରୋଗୀ ଆସିଥାନ୍ତି। ସେତିକି ନୁହେଁ ପଡ଼ୋଶୀ ରାଜ୍ୟ ଛତିଗଡ଼, ବଲାଙ୍ଗିର, ରାୟଗଡ଼ା ଜିଲ୍ଲାରୁ ରୋଗୀ ଚିକିତ୍ସା ଲାଗି ପ୍ରାଣବିକଳରେ ଆସୁଥିବା ଲକ୍ଷ୍ୟ କରାଯାଇଛି। ଦୈନିକ ଆଉଟ୍‌ଡୋରକୁ ଚିକିତ୍ସା ପାଇଁ ୧୪/୧୫ଶହ ରୋଗୀ ଆସୁଥିବା ରେଣ୍ଡମାଝୀ ମେଡିକାଲ ରିପୋର୍ଟ କହୁଛି। ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ପର୍ଯ୍ୟାପ୍ତ ଡାକ୍ତର ନାହାନ୍ତି। ଅନ୍ୟପଟେ କିଛି ଡାକ୍ତର କଳାହାଣ୍ଡିରେ ୧୦/୧୫ବର୍ଷରୁ ଅଧିକ ସମୟ କାଳ କାଟି ନିଜ ଆସ୍ଥାନ ଜମାଇ ସାରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ନଜର ବିଲକୁଲ ପଡୁନାହିଁ। ସବୁଠାରୁ ବଡ଼ କଥା ହେଲା ଯେ ସ୍ୱାସ୍ଥ୍ୟ ସେବାରେ ହେୟଜ୍ଞାନ ଭାବକୁ ଠଉରେଇ ଅଧିକାଂଶ ରୋଗୀ ବାଧହୋଇ ଘରୋଇ ହସ୍‌ପିଟାଲକୁ ଦୌଡ଼ୁଛନ୍ତି। ପ୍ରାୟତଃ ପ୍ରସୂତୀ ହେଉ କି ଅନ୍ୟ ସିଜର୍ଁ କେସ ଗୁଡ଼ିକୁ ବାହାରକୁ ଯିବାକୁ ପଡୁଛି। ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍‌ପିଟାଲ ଥାଇ ଘରୋଇ ନର୍ସିହୋମ ଉପରେ ଭରସା କରିବା ଦୁର୍ଭାଗ୍ୟଜନକ ବୋଲି ଚର୍ଚ୍ଚା ହେଉଛି। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ନିଶ୍ଚିତ କରିବା ସହ ପରିଚାଳନାରେ ସୁଧାର ଆଣି ପ୍ରତିଦିନ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଧାନବିହନ ଓ ସାର ବିକ୍ରୟ କେନ୍ଦ୍ରରେ କୃଷି ବିଭାଗର ଚଢ଼ଉ

# ୪ଜଣଙ୍କ ଲାଇସେନ୍ସ ରଦ୍ଦ; ଦୁଇ ସସ୍‌ପେଣ୍ଡ

**ନୂଆପଡ଼ା/ ସିନାପାଲି, ୧୧।୭(ସମିସ):** ସିନାପାଲି କୃଷି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୪୦ଟି ଧାନ ବିହନ ସମେତ ସାର ବିକ୍ରୟ କେନ୍ଦ୍ରରେ ଚଢଉ କରି ୪ଟି କେନ୍ଦ୍ରର ଲାଇସେନ୍ସ ରଦ୍ଦ କରିବା ସହ ୨ ଜଣଙ୍କୁ ସସ୍‌ପେଣ୍ଡ କରିଥିବା ବେଳେ ଏକାଧିକ କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ସିନାପାଲି ବ୍ଲକ କୃଷି ଅଧିକାରୀ ଶୁଧାଂଶୁ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ପ୍ରାପ୍ତଖବର ଅନୁସାରେ ଗତକିଛି ଦିନ ହେଲା ସିନାପାଲି ବ୍ଲକ କୃଷି ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ସେହି ଚଢଉରେ ୪୦ଟି ଧାନବିହନ ସମେତ ସାର ବିକ୍ରୟ କେନ୍ଦ୍ରକୁ ଚଢ଼ଉ କରାଯାଇ ଥିଲା। ଏଥିରେ ସିନାପାଲି ବ୍ଲକ ଅଧୀନ କୁସୁମଯୋର ଗ୍ରାମର ଆଲୋକ ନାଏକ ଓ ସରତ ନାଏକ, ଝାରବନ୍ଧ ଗ୍ରାମର ଜ୍ଞାନ ନାଏକ, ହାତିବନ୍ଧା ଗ୍ରାମର କ୍ଷିରୋଦ ମେହେରଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବାବେଳେ ସାଗୁନଭାଡି ଗ୍ରାମର ସାଇଲ ମେହେର, ସିନାପାଲିର ଚନ୍ଦ୍ର ମେହେରଙ୍କୁ ସସ୍‌ପେଣ୍ଡ କରାଯାଇଛି। ପଲସାପଡ଼ାର ବିଜୟ ପାଢ଼ୀ, ନିଳଜିର ଦିନେଶ ଅଗ୍ରୱାଲ, ଖପ୍ରିମାଳର ଗଜେନ୍ଦ୍ର ନିଆଲ, ଗୋଡାଲର ଶଙ୍କର ହରିଜନ, ସିନାପାଲିର ରୁପେଶ ମେହେର ସମେତ ଏକାଧିକ ବିହନ ଓ ସାର ବିକ୍ରୟ କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିହନ ଓ ସାର ବିକ୍ରୟରେ ଅନିୟମିତତା ହେଉଥିବା ବେଳେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁଁ ଉକ୍ତ ନୋଟିସ ଜାରି କରାଯାଇଛି। ଏହି ଚଢ଼ଉରେ ଏଏଓ ତପସ୍ୱିନି ମାଝୀ, ବିଏଫଟି ଧାକଡ଼ଙ୍କ ସହ ବିଭାଗୀୟ ଅଧିକାରୀ କର୍ମଚାରୀ ସାମିଲ ଥିଲେ। ଏନେଇ ସ୍ଥାନୀୟ କୃଷି ବିଭାଗ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଉଦ୍ୟାନ କୃଷିରେ ଆୟବୃଦ୍ଧି ଓ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

**ନୂଆପଡ଼ା/ ସିନାପାଲି, ୧୧।୭ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ



ଅନୁଷ୍ଠିତ ହୋଇଛି। ବୈଠକ ଆରମ୍ଭରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗର ବିଭିନ୍ନ ଯୋଜନାର ପ୍ରଗତି ଏବଂ ଲକ୍ଷ୍ୟ ହାସଲ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ।

ସମୀକ୍ଷା ବୈଠକରେ ଜିଲ୍ଲାପାଳ କହିଥିଲେ ଯେ, ଉଦ୍ୟାନ କୃଷି କୃଷକଙ୍କ ଆୟବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ। ତେଣୁ ବିଭାଗର ସମସ୍ତ ଯୋଜନାର ପ୍ରଭାବଶାଳୀ ରୂପାୟନ ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳର ସୁବିନିଯୋଗ ପାଇଁ ଡ୍ରିପ୍ ଓ ସ୍ପ୍ରିଙ୍କଲର ଭଳି ମାଇକ୍ରୋ ଇରିଗେସନ୍ ବ୍ୟବସ୍ଥାର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେବା ସହ ଫଳ, ପନିପରିବା, ମସଲା ଫସଲ ଏବଂ ତୈଳ ପାମ୍ ଚାଷକୁ ପ୍ରୋତ୍ସାହନ ଦେଇ କୃଷକଙ୍କ ଆୟ ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ସୂଚନା ଦିଆଯାଇଥିଲା ଯେ, 'ପର୍ ଡ୍ରପ୍ ମୋର୍ କ୍ରପ୍' ଯୋଜନାରେ ଜିଲ୍ଲାରେ ୨୦୦ ହେକ୍ଟର ଡ୍ରିପ୍ ସେଚନ ଲକ୍ଷ୍ୟ ବିପରୀତ ୮୬.୮୦ ହେକ୍ଟର ଏବଂ ୭୦୦ ହେକ୍ଟର ସ୍ପ୍ରିଙ୍କଲର ସେଚନ ଲକ୍ଷ୍ୟ ବିପରୀତ ୨୧୨.୩୦ ହେକ୍ଟରରେ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ଜାତୀୟ ଭୋଜ୍ୟ ତୈଳ ପାମ୍ ମିଶନ ଅଧୀନରେ ୧୫୦ ହେକ୍ଟରରେ ନୂତନ ତୈଳ ପାମ୍ ଚାଷର ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩.୭୬ ହେକ୍ଟରରେ ଚାଷ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

ଏହି ଅବସରରେ ଉଦ୍ୟାନ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଖଡ଼ିଆଳ ବ୍ଲକର ମହେଶ କୁମାର ସୁନା, ବୋଡେନ ବ୍ଲକର ଗିରିଧାରୀ ରଣା, କୋମନା ବ୍ଲକର ରିକେଶ କୁମାର ପ୍ରଧାନ, ନୂଆପଡ଼ା ବ୍ଲକର ଲାଲାରାମ ସାହୁ ଓ ସିନାପାଲି ବ୍ଲକର ବିଶ୍ରାମ ହେର୍ଣ୍ଣାଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ବୈଠକରେ କୋମନା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର, କୋମନା ଉଦ୍ୟାନ କୃଷି ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ, ନୂଆପଡ଼ା ଉଦ୍ୟାନ କୃଷି ଅଧିକାରୀ ଗୋବର୍ଦ୍ଧନ ପାଢ଼ୀ, ଖଡ଼ିଆଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ଉଦ୍ୟାନ କୃଷି ଅଧିକାରୀ ଉପସ୍ଥିତ ଥିଲେ।

## ଯୋଗାଣ ସହାୟକଙ୍କୁ ନିୟମିତ କରିବାକୁ ଦାବି

# ସମୂହ ଛୁଟିରେ ଗଲେ ଯୋଗାଣ ସହାୟକ

**ନୂଆପଡ଼ା/ ସିନାପାଲି, ୧୧।୭(ସମିସ):** ନୂଆପଡ଼ା ଜିଲ୍ଲାର ଯୋଗାଣ ସହାୟକମାନେ ଆଜିଠାରୁ ସାମୂହିକ ଛୁଟିରେ ଯାଇଛନ୍ତି। ୨୦୧୨ ଏପ୍ରିଲ ୨୧ରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚିଠି ସଂଖ୍ୟା ୭୦୪୦ରେ ରାଜ୍ୟର ସମସ୍ତ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ବର୍ଷ ରାଜ୍ୟର ସବୁ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତ ହୋଇଥିଲେ। ସେହି ଦିନଠାରୁ ଯୋଗାଣ ସହାୟକମାନେ ସ୍ୱଳ୍ପ ବେତନରେ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିବା ସହ ସେବା ଯୋଗାଇ ଆସୁଛନ୍ତି। ସ୍ୱଳ୍ପ ବେତନରେ ଯୋଗାଣ ସହାୟକମାନେ ୧୪ ବର୍ଷ ଧରି ସେବା ଦେଇଆସୁଛନ୍ତି। ଗତ ଜୁଲାଇ ୬ରେ ଜିଲ୍ଲା ଯୋଗାଣ ସହାୟକ ସଂଘ ସଭାପତି ନରେନ୍ଦ୍ର ବାଗ ଓ ସମ୍ପାଦକ ପୀତାମ୍ବର ଶଗରିଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲ୍ଲାପାଳ ଓ ସିଏସଓଙ୍କୁ ଦାବିପତ୍ର ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ଫଳରେ ଆଜିଠାରୁ ଓଡ଼ିଶା



ରାଜ୍ୟ ଯୋଗାଣ ସହାୟକ ସଂଘର ଆହ୍ୱାନକ୍ରମେ ଜିଲ୍ଲାର ଯୋଗାଣ ସହାୟକମାନେ ସାମୂହିକ ଛୁଟିରେ ଯାଇଛନ୍ତି। ଜୁଲାଇ ୧୩ ସୁଦ୍ଧା ଯୋଗାଣ ସହାୟକଙ୍କ ଦାବି ପୂରଣ ନହେଲେ ୧୪ରୁ ଭୁବନେଶ୍ୱର ଲୋୟର ପିଏମଜିରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଫଳରେ ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏଣୁ ତୁରନ୍ତ ଯୋଗାଣ ସହାୟକଙ୍କୁ ନିୟମିତ କରିବା ସହ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି କରିବାକୁ ସଂଘ ସଭାପତି ଶ୍ରୀ ବାଗ, ସମ୍ପାଦକ ଶଗରିଆ, ଉପସଭାପତି ବଂଶୀଧର ରାଉତ, ସହସମ୍ପାଦକ ପ୍ରେମ ବିଶ୍ୱାଲ, କୋଷାଧ୍ୟକ୍ଷ ଉଦେରାମ ଗଡଡ଼, ନୂଆପଡ଼ା ବ୍ଲକ ସଭାପତି ରତନଲାଲ ସହିସ, ଉପଦେଷ୍ଟା ସଂକୀର୍ତ୍ତନ ବାରିକ, ହୃଦାନନ୍ଦ ମାଝୀ, ନେପାଳ ରଣା, ଖଡ଼ିଆଳରୁ ମହେଶ୍ୱର ବିଭାର, ଜଗମୋହନ ପାତ୍ର, ସଦନ ପଟେଲ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ଯୋଗାଣ ସହାୟକ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ଫରଙ୍ଗ-କୁମ୍ଭାରୀ ରାସ୍ତା

**ଗୋଲାମୁଣ୍ଡା, ୧୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟେମରି ପଞ୍ଚାୟତ ଅଧୀନ ଫରଙ୍ଗ-କୁମ୍ଭାରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଆର୍.ଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଏବେ ଏହା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ଡିଜେଏମ୍ କୋର୍ଟ ଓ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟକୁ ସଂଯୋଗ କରୁଥିବାରୁ ଦୈନିକ ହଜାର ହଜାର ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଛି। ବିଶେଷ କରି ଛାତ୍ରଛାତ୍ରୀ ଓ ଗର୍ଭବତୀ ମହିଳାମାନେ



ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବାରୁ ଅଳ୍ପ ଦିନ ମଧ୍ୟରେ ଏହା ଖରାପ ହୋଇଯାଇଛି। ଏନେଇ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଉଚ୍ଚସ୍ତରୀୟ ତଦନ୍ତ କରି ରାସ୍ତା ମରାମତି ନକଲେ ଜନଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ହୃଷିକେଶ ସ୍ୱାଇଁଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଉଠାଇ ନଥିଲେ।

# ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ

**ଧର୍ମଗଡ଼, ୧୧।୭ (ସମିସ):** ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ରକ୍ତଭଣ୍ଡାର ପୁନଃ କାର୍ଯ୍ୟକ୍ଷମ ହୋଇଛି।



ଉପଯୁକ୍ତ ଭିତ୍ତିଭୂମି ନଥିବା ଦର୍ଶାଇ ବ୍ଲଡ଼ ବ୍ୟାଙ୍କର ଲାଇସେନ୍ସ ନବୀକରଣ ହୋଇ ନ ପାରିବାରୁ ରକ୍ତ ସଂଗ୍ରହ ବନ୍ଦ ହୋଇ ଯାଇଥିଲା। ରାଜ୍ୟ ଭେଷଜ ନିୟନ୍ତ୍ରଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ରକ୍ତ ଭଣ୍ଡାର ଓଡ଼ିଶା ବ୍ଲଡ ସେଣ୍ଟର" କୁ ନୂତନ ଭାବେ ରକ୍ତ ସଂଗ୍ରହ, ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବିତରଣ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଲାଇସେନ୍ସ ପ୍ରାପ୍ତ ରକ୍ତ ଭଣ୍ଡାର ଲାଇସେନ୍ସ ନବୀକରଣ ନହେବା ଯୋଗୁଁ ବନ୍ଦ ହୋଇ ଯାଇଥିବା ବେଳେ ପୁନଃ ଆବେଦନ କରାଯାଇଥିଲା। ହେଲେ ରକ୍ତ ଭଣ୍ଡାର ବନ୍ଦ ଯୋଗୁଁ ଜନ ଅସନ୍ତୋଷ ଦେଖା ଦେଇଥିଲା। ଜନସାଧାରଣଙ୍କ ବିରୋଧ ଓ ରକ୍ତ ଭଣ୍ଡାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁଣିଥରେ ନୂତନ ଲାଇସେନ୍ସ ପାଇଁ ଆବେଦନ କରାଯିବା ପରେ ଗତ ଜୁନ୍ ୨୨ ତାରିଖରେ ଏକ ନୀରିକ୍ଷକ ଦଳ ଆସି ରକ୍ତ ଭଣ୍ଡାରର ଭିତ୍ତିଭୂମି, ଯନ୍ତ୍ରପାତି, ଜନଶକ୍ତି, ରକ୍ତ ସଂରକ୍ଷଣ ବ୍ୟବସ୍ଥା, ଗୁଣବତ୍ତା ନିୟନ୍ତ୍ରଣ, ଅଗ୍ନି ନିରାପତ୍ତା ଓ ଅନ୍ୟାନ୍ୟ ଆବଶ୍ୟକ ମାନଦଣ୍ଡର ଯାଞ୍ଚ କରିଥଲେ। ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏନେଇ ବ୍ୟକ୍ତିଗତ ଭାବେ ଭୁବନେଶ୍ୱର ଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟି ତୁରନ୍ତ ଲାଇସେନ୍ସ ପ୍ରଦାନ ପାଇଁ ଅନୁରୋଧ କରିଥିଲେ।

# ଦଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଓଜନ ଉତ୍ସବ

**ଗୋଲାମୁଣ୍ଡା, ୧୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମନ୍ୱିତ ଶିଶୁ ଓ ମହିଳା ବିକାଶ ପ୍ରକଳ୍ପର ମାନଝରୀ ସେକ୍ଟର ଅଧୀନ ଦଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଶନିବାର ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ରର ୦ ରୁ ୬ ବର୍ଷ ବୟସର ଶିଶୁ ମାନଙ୍କୁ ଓଜନ ଓ ଉଚ୍ଚତା ମାପ କରାଯାଇ ଅଭିବୃଦ୍ଧି ଚାର୍ଟ ମାଧ୍ୟମରେ ସେମାନଙ୍କ ଶାରୀରିକ ବିକାଶ ସ୍ଥିତି ନିରୀକ୍ଷଣ କରାଯାଇଥିଲା। ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପପୁଷ୍ଟି ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଅଭିଭାବକଙ୍କୁ ପୁଷ୍ଟିକର ଖାଦ୍ୟ ଓ ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥାଏ। ପରିଦର୍ଶିକା କୁମାରୀ ରତ୍ନ ମଞ୍ଜରୀ ଶ୍ରିଛୁଆ, ଆଶା ଦିଦି ବିଦ୍ୟୁଲତା ମାଝୀ, ଯାଞ୍ଚ କମିଟି ସଦସ୍ୟ, ମାତୃ କମିଟି ଏବଂ ଅଭିଭାବକମାନେ ଉପସ୍ଥିତ ରହି ଶିଶୁଙ୍କ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିବା ସହ ସହଯୋଗ କରିଥିଲେ। ଗୋଲାପି ବାଗ ଓ ସହାୟିକା ସେବନୀ ମାଝୀ ପରିଚାଳନା କରିଥିଲେ।

# ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ସମ୍ବର୍ଦ୍ଧିତ

**ଧର୍ମଗଡ଼, ୧୧।୭(ସମିସ):** ବିଶ୍ୱ ଜନସଂଖ୍ୟା ଦିବସ ପରିପ୍ରେକ୍ଷୀରେ ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଧର୍ମଗଡ଼ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ରାଜ୍ୟ ସରକାର ପକ୍ଷରୁ କ୍ରମାଗତ ଦ୍ୱାଦଶ ଥର ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର କୃଷି ଭବନ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡକ୍ଟର ଡି ବୃନ୍ଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଦମ୍ପତିଙ୍କୁ ପ୍ରେରଣା ପାଇଁ ଧର୍ମଗଡ଼ ପ୍ରସବଡ଼ୋର କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଦିବ୍ୟଲତା ଦୀପଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଧର୍ମଗଡ଼ ଚିକିତ୍ସାଳୟର ଆଶାକର୍ମୀ ଦ୍ରୌପଦୀ ନାଏକ ରାଜ୍ୟରେ ପ୍ରଥମ ଓ ଆଶା କର୍ମୀ ସାବିତ୍ରୀ ବାଗ ଦ୍ୱିତୀୟ ସ୍ଥାନ ଗ୍ରହଣ କରି ସମ୍ମାନିତ ହୋଇଛନ୍ତି। ଡାକ୍ତର ସଦାନନ୍ଦ ପାଣିଗ୍ରାହି ଏବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ ମେଡିକାଲ୍ ଅଧିକାରୀ ଭାବରେ ଅବସ୍ଥାପିତ ଅଛନ୍ତି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୧୧।୭ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ପରିସରରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କ ଅଧ୍ୟକ୍ଷତାରେ ଶାନ୍ତିଶୃଙ୍ଖଳା ସହିତ ରଥଯାତ୍ରା ସମାପନ କରିବାକୁ ଏକ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ପ୍ରଶାସନ ପକ୍ଷରୁ ତହସିଲଦାର ଶ୍ରୀ ମେହେର, ଲାଞ୍ଜିଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ହରିହର ସାଂସ୍କୃତିକ ସେବା ସମିତି କର୍ମକର୍ତ୍ତା ଓ ପୁଲିସ ବିଭାଗ ପକ୍ଷରୁ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଶ୍ରୀଗୁଣ୍ଡିଚାଯାତ୍ରା ଓ ୨୪ରେ ହେବାକୁ ଥିବା ବାହୁଡ଼ା ଯାତ୍ରାକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ପାଇଁ ଲାଞ୍ଜିଗଡ଼ ପୁଲିସ ପକ୍ଷରୁ ଫୋର୍ସ ମୁତୟନ, ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସହିତ ଲାଞ୍ଜିଗଡ଼ ଯୁବକ ସଂଘ ତଥା ଲାଞ୍ଜିଗଡ଼ ଓ ଆଖପାଖ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ୨ ଶହ ସ୍ୱେଚ୍ଛାସେବୀ ବିଭିନ୍ନ ସେବାକାର୍ଯ୍ୟ ପାଇଁ ନିୟୋଜିତ ହେବେବୋଲି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗାଡ଼ି ପାର୍କିଂ ବ୍ୟବସ୍ଥା, ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଉଠା ଦୋକାନୀଙ୍କୁ ସ୍ଥାନାନ୍ତର ଓ ଯାତ୍ରା ଦିନ ମଦ ଦୋକାନ ବନ୍ଦ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଲାଞ୍ଜିଗଡ଼ ତହସିଲଦାର ଶ୍ରୀ ମେହେର, କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ଦୀପ କୁମାର ମାଝୀ, ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲ, ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ସଦସ୍ୟ ଶ୍ରୀମୁଖ ଅଗସ୍ତି, ଏଏସଆଇ ବଳଭଦ୍ର ଗଡଡ଼, ଏଏସ୍‌ଆଇ ସ୍ୱର୍ଣ୍ଣଲତା ଗମାଙ୍ଗୋ, ଏଏସଆଇ ମୋହନ ପରଜା, ସାମ୍ବାଦିକ ଏମ ଚନ୍ଦ୍ରଶେଖର, ସାମ୍ବାଦିକ କ୍ଷମାନିଧି ମହାଖୁଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୁକୁଡ଼ା ଲଢ଼େଇ ଉପରେ ପୁଲିସର ଚଢ଼ଉ; ୧୦ କୋର୍ଟ ଚାଲାଣ

**ଖଡ଼ିଆଳ, ୧୧।୭(ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ବାଦୀ ପଞ୍ଚାୟତ ସରକାରୀ କାର୍ଯ୍ୟାଳୟଠାରେ କୁକୁଡ଼ା ଲଢ଼େଇ ଖେଳ ଚାଲିଥିବା ଖବର ପାଇ ଖଡ଼ିଆଳ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଘଟଣାସ୍ଥଳରୁ ୧୦ ଜଣଙ୍କୁ ଅଟକରଖି ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଛି। ଏହା ୧୩ କୁକୁଡ଼ା ପୁଲିସ ସୂତ୍ରରୁ ପ୍ରକାଶ ଯେ ଶନିବାର ଅପରାହ୍ଣରେ ଜୁଆ ଉଦ୍ଦେଶ୍ୟରେ ଦିଗାମ୍ବର କୁହଁର (୫୫) ଗ୍ରାମ କୁକୁଡ଼ା ହାଟ, ଥାନା କଣ୍ଟାବାଞ୍ଜି, ଜିଲ୍ଲା ବଲାଙ୍ଗିର ଆସି ଦୀର୍ଘଦିନ ଧରି ଜୁଆ ଉଦ୍ଦେଶ୍ୟରେ କୁକୁଡ଼ା ଲଢେଇ ଖେଳ ଚାଲୁ ରଖିଥିଲେ। ପୁଲିସ ପକ୍ଷରୁ ଏସ୍‌ଆଇ ବବିତା ମହାଭୋଇ ଓ ଅନ୍ୟ କର୍ମଚାରୀ ହଠାତ ବାଦୀ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରି କୁକୁଡ଼ା ଲଢେଇ ଜୁଆ ଖେଳରେ ସମ୍ପୃକ୍ତ ଥିବା ଦଶ ଜଣ ବ୍ୟକ୍ତି, ୨୧ଟି ବାଇକ୍, ୪୨୯୦ ଟଙ୍କା ଓ ୯ଟି ମୋବାଇଲ ଜବତ କରିଥିବାବେଳେ ଦଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଦିଗାମ୍ବର କୁହଁର (୫୫) ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଞ୍ଚଳର ହୋଇଥିବାବେଳେ ଅନ୍ୟ ୯ଜଣ ନୂଆପଡ଼ା ଖଡ଼ିଆଳ ଥାନା ଅଧୀନ ପଦ୍ମ ଚରଣ ପୋଡ଼ (୨୮), ନୃସିଂହ ପଟେଲ (୨୦), ରିତିକ ନାଏକ (୧୯), ଧନମତ ବନଛୋର (୨୪),



ସତ୍ୟନାରାୟଣ ନାଏକ (୫୦), ଚମ୍ପେଶ୍ୱର ପଟେଲ (୪୫), ପକ୍ଷୀରାଜ ପଟେଲ (୩୦), ଓ ଶିଶୁ ପୋଡ (୪୮)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି। ଘଟଣାର ତଦନ୍ତ କରୁଛନ୍ତି ଅରବିନ୍ଦ ମେହେର। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିୟମିତ ଭାବେ କୁକୁଡ଼ା ଲଢେଇ ଜୁଆ ଖେଳ ଚାଲୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ କାର୍ଯ୍ୟାଳୟ ପରିସରରେ ଏଭଳି କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଭୁଲ ବାର୍ତ୍ତା ଯାଉଛି ଏବଂ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ମଧ୍ୟ ପ୍ରଶ୍ନ ଉଠୁଛି। ବାଦୀ ପଞ୍ଚାୟତବାସୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଏବଂ ପ୍ରଶାସନଙ୍କୁ ଏହି ଘଟଣାର ତଦନ୍ତ ପରସରକୁ ଆଣି ଆବଶ୍ୟକ ପଦକ୍ଷେପ ନେବାସହ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ଜୁଆ ମୁକ୍ତ କରିବାକୁ ଦାବି କରିଛନ୍ତି।





# ରଥଯାତ୍ରାରେ 'ଗଣ୍ଡ ଭୈରବ'

ବାବୁ ଭାଇ ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲରେ ଆଜି (ଜୁଲାଇ ୧୨) ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଆଉ ଏକ ରୋମାଣ୍ଟିକ୍ ଗୀତ 'ମରାମତି' । ଗୀତଟି ଦେବାଶିଷ ଏବଂ ଶିବାନୀ ସଙ୍ଗୀତାଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନନ୍ୟା ଶ୍ରୀତମ ନନ୍ଦ । 'ଆର୍. ଆର୍. ଇଭେଣ୍ଟ' ଏବଂ 'ସିନେ ପ୍ରଡକ୍ସନ' ନିବେଦିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନେତା ଦେବାଶିଷ ଏବଂ ଶିବାନୀଙ୍କୁ ଦେଖିବାକୁ ମିଳିବ । ଅବଶ୍ୟ ଏଥିରେ ଦେବାଶିଷଙ୍କୁ ଦର୍ଶକେ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂଆ ଲୁକ୍‌ରେ ଦେଖିବାକୁ ପାଇବେ । ସିନେମାଟି ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ । ଭକ୍ତି, ସଂସ୍କୃତି, ପ୍ରେମ, ତ୍ୟାଗ, ହାସ୍ୟ, କ୍ରୋଧ, ପ୍ରତିଶୋଧ, ଆକ୍ସନ ଏବଂ ସର୍ବୋପରି ଏକ ସୁନ୍ଦର କାହାଣୀ ଏହି ସିନେମାରେ ରହିଛି । କେବଳ ସେତିକି ନୁହେଁ, ଏଥିରେ ଖୁବ୍ ସୁନ୍ଦର ଗୀତ ମଧ୍ୟ ରହିଛି । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାରେ ପୃଥ୍ୱୀରାଜ, ଅସିତ, ପୁଷ୍ପା ପଣ୍ଡା, ସୋମା ଭୌମିକ, କେକେ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ତେବେ ସିନେମାଟି ରଥଯାତ୍ରା (ଜୁଲାଇ ୧୬) ଅବସରରେ ପ୍ରେକ୍ଷାଳୟକୁ ଆସିବ ।



# 'ଜଗା ତୁ ଥାଉ ଥାଉ' ରିଲିଜ୍

ପବିତ୍ର ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କରିଛି ସୁନ୍ଦର ଓଡ଼ିଆ ଭଜନ 'ଜଗା ତୁ ଥାଉ ଥାଉ' । ଭକ୍ତର ଭାବ-ଅଭାବ, ଅଳି-ଗାଳିକୁ ନେଇ ଶବ୍ଦ-ସ୍ୱରରେ ଗୁନ୍ଥା ଏହି ସୁନ୍ଦର ଗୀତଟିକୁ ରଚନା କରିଛନ୍ତି ଯୁବ ଗୀତିକାର ରାମକୃଷ୍ଣ ବାରିକ । ନିଜର ଯାଦୁଗରୀ ସ୍ୱରରେ ପୁଣି ଥରେ ଜଗନ୍ନାଥପ୍ରେମୀଙ୍କ ମନ ଜିଣିଛନ୍ତି ଅଭିଜିତ ମିଶ୍ର । ଏଥିରେ ସେ କଣ୍ଠଦାନ ସହ ସଂଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳିଛନ୍ତି । ଅଭିଜିତ ମିଶ୍ର ୟୁଟ୍ୟୁବ ଚ୍ୟାନେଲରେ ଗୀତଟି ରିଲିଜ୍ ହୋଇଥିବା ବେଳେ ୨୦୨୪ ମସିହାରେ ରିଲିଜ ହୋଇଥିବା ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଏହା ହେଉଛି ସିକ୍ୱେଲ୍ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମୁକ୍ତିଲାଭ କରିଥିବା 'ଜଗା ତୁ ଯାଦୁଗର'କୁ ମିଳିଛି ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ-୨୦୨୪ । ଜାତୀୟ ସମ୍ମାନ ମିଳିବା ପରେ ଏହି ଗୀତକୁ ଆପଣେଇ ନେଇଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ । ଏବେ 'ଜଗା ତୁ ଥାଉ ଥାଉ' ଶ୍ରୋତାଙ୍କ ହୃଦୟ ଜିଣୁଛି । କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଏବଂ ଗୀତିକାର ରାମକୃଷ୍ଣ ବାରିକ 'ଜଗା ତୁ ଯାଦୁଗର' ପାଇଁ ବେଶ୍ ପ୍ରଶଂସା ଓ ପରିଚିତି ଲାଭ କରିଥିବା ବେଳେ ଉଭୟଙ୍କ ଯୋଡ଼ିକୁ ପସନ୍ଦ କରିଛନ୍ତି ଜଗନ୍ନାଥପ୍ରେମୀ ।



# 'ଜୀ ସାର୍ଥକ ସଂସାର ଉତ୍ସବ' ଆରମ୍ଭ

ଜୀ ସାର୍ଥକରେ ସମ୍ପୂର୍ଣ୍ଣ ନୂଆ ତଥା ନିଆରା ରିଆଲିଟି ଶୋ' 'ଜୀ ସାର୍ଥକ ସଂସାର ଉତ୍ସବ' ଗତ ଶନିବାର (ଜୁଲାଇ ୧୧)ରୁ ଆରମ୍ଭ ହୋଇଯାଇଛି । ଏଥିରେ ଜୀ ସାର୍ଥକର ୪ଟି ଲୋକପ୍ରିୟ ମେଗା ଧାରାବାହିକର କଳାକାରମାନଙ୍କ ସଂସାରକୁ ନେଇ ବିଭିନ୍ନ ମଜାଦାର ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ସଂସାର ମଧ୍ୟରୁ ବଛାଯିବ ୧ ନମ୍ବର ସଂସାର । ଯିଏ କି ଆସନ୍ତା ଜୀ ସାର୍ଥକ ସଂସାର ଆୱାର୍ଡର ମେଗା ବିଜେତା ହେବେ । ଏଥିରେ ଅଂଶଗ୍ରହଣ କରିଥିବା ୪ଟି ଲୋକପ୍ରିୟ ଧାରାବାହିକର ସଂସାର ହେଲା, 'ସାଥି ସାତ ଜନ୍ମର', 'ସୁନାଝିଅ', 'କିଛି ସତ କିଛି ମିଛ' ଓ 'ତୁ ଖରା ମୁଁ ଛାଇ' । ଏହି ନୂଆ ସ୍ୱାଦର ଶୋ'ରେ ବିଚାରକ ଅଛନ୍ତି ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ ଓ ଅଭିନେତ୍ରୀ ଅନିଷା ମହାକୁଡ଼ । ସେହିପରି ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ସୁଜିତ କୁମାର ଏବଂ ଜ୍ୟୋତି ରଞ୍ଜନ । କେବଳ ଏତିକି ନୁହେଁ, ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବା ପାଇଁ ପ୍ରତି ଏପିସୋଡ୍‌ରେ କମେଡିର ତଡ଼କା ଲଗାଇବେ ଓଡିଆ ଫିଲ୍ମର ଲୋକପ୍ରିୟ ହାସ୍ୟ ଅଭିନେତା ଭକ୍ତି ଓ ସୋସିଆଲ୍ ମିଡିଆ ଷ୍ଟାର୍ କ୍ରୀଷ୍ଣା । ତେବେ ନାଚ, ଗୀତ, କମେଡି ଏବଂ ସେଲିବ୍ରିଟିଙ୍କୁ ନେଇ ଏହା ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ୟାକେଜ୍ । ଏହା ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ ମିନିଟ୍‌ରେ ଜୀ ସାର୍ଥକରେ ପ୍ରସାରିତ ହେବ ।

# ପ୍ରେକ୍ଷାଳୟରେ 'ଲାଇନ୍ ବାଲା'

ଆମ ଦୈନନ୍ଦିନ ଜୀବନରେ ପ୍ରତି ମୁହୂର୍ତ୍ତରେ ଆବଶ୍ୟକ ପଡୁଥିବା ଜଣେ ଲାଇନ୍ ବାଲାର ଜୀବନକୁ ନେଇ ନିର୍ମିତ ହୋଇଛି 'ଲାଇନ୍ ବାଲା' ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବା ପରେ ବେଶ୍ ଲୋକାଦୃତ ହୋଇଛି । ସତ୍ୟ ତଥା ମୌଳିକ କାହାଣୀକୁ ଖୁବ ସୁନ୍ଦର ଭାବେ ଏହି ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି । 'ଶ୍ରୀହରି ମୋସନ ପିକ୍ଚର୍ସ' ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର କାହାଣୀ ରଚନା ଏବଂ ପ୍ରଯୋଜନା କରିଛନ୍ତି ଇଂ ସୁଶାନ୍ତ କୁମାର ମହାନ୍ତି । ଚିତ୍ରନାଟ୍ୟ, ସଂଳାପ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ପ୍ରଥମଥର ପାଇଁ ନାୟକ ସମ୍ବିତ ଆଚାର୍ଯ୍ୟ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ସେହିପରି ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, କୁନାଲ ପଟ୍ଟନାୟକ, ସୁମନ ମହାରଣାଙ୍କ ସମେତ ଅନେକ କଳାକାର ଅଭିନୟ କରିଛନ୍ତି । ପ୍ରଚାର ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଅଛନ୍ତି । ବୈଦ୍ୟନାଥ ଦାଶ ଏବଂ ବିଭୂତି ଗଡ଼ନାୟକ ମିଳିତ ଭାବେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି ।



ପରଦା ପଛର କାହାଣୀ

# ନିର୍ଦ୍ଦେଶକଙ୍କ ଲିଖିତ ଗୀତ ହିଟ୍



୧୯୭୪ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ହବସ' । ଏଥିରେ ଅଭିନେତ୍ରୀ ରେଖା ଏକ ସ୍ୱତନ୍ତ୍ର ଚରିତ୍ରରେ ଅଭିନୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିଲ୍ ଧବନ, ନୀତୁ ସିଂ, ବିନ୍ଦୁ, ବିନୋଦ ମେହରା ପ୍ରମୁଖ କଳାକାର ଅଭିନୟ କରିଥିଲେ । ପ୍ରସିଦ୍ଧ ନିର୍ଦ୍ଦେଶକ ସାବନ କୁମାର ଟାକ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ । ତେବେ ଫିଲ୍ମ ଗୀତ ରଚନାକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଫିଲ୍ମରେ ଗୋଟିଏ ଗୀତକୁ ଲେଖିବା ପାଇଁ ନିର୍ଦ୍ଦେଶକଙ୍କୁ ବହୁତ ହଟହଟା ହେବାକୁ ପଡ଼ିଥିଲା । ଗୀତିକାର ଗୀତ ଲେଖିବା ପାଇଁ ଅଧିକ ଟଙ୍କା ଦାବି କରିଥିଲେ । ତେଣୁ ନିର୍ଦ୍ଦେଶକ ମୁହଁ ତଳକୁ କରି ଘରକୁ ଚାଲି ଆସିଥିଲେ । ଏହାପରେ ନିର୍ଦ୍ଦେଶକ ନିଜେ 'ତେରି ଗଲିୟୋଁ ମେଁ ନା ରଖେଙ୍ଗେ କଦମ୍' ଭଳି ହୃଦୟସ୍ପର୍ଶୀ ଗୀତ ରଚନା କରିଥିଲେ । କାରଣ 'ହବସ' ଫିଲ୍ମ ତିଆରି ସମୟରେ ସାବନ କୁମାର ହବସଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା । ଏହା ପୂର୍ବରୁ ତାଙ୍କର 'ଗୌମତୀ କି ପ୍ୟାର୍' ଫିଲ୍ମ ଫ୍ଲପ୍ ହୋଇଥିଲା । ତେଣୁ 'ହବସ' ଫିଲ୍ମ ନିର୍ମାଣ ସମୟରେ, ଫିଲ୍ମର ଗୁଣବତ୍ତା ସହ କୌଣସି ସାଲିସ କରିବାକୁ ଚାହୁଁ ନ ଥିଲେ । ତେଣୁ କମ୍ ବଜେଟ୍‌ରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିଲେ । ସେ ଗୀତ ଲେଖିବା ପାଇଁ ପ୍ରସିଦ୍ଧ ଗୀତିକାର ମଜ୍‌ରୁହ ସୁଲତାନପୁରୀଙ୍କ ପାଖରେ ପହଞ୍ଚିଥିଲେ । ଦୁହିଁଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ଚାଲିଥିଲା । ଗୀତିକାର ଗୀତ ରଚନା ପାଇଁ ୨୫ ହଜାର ଟଙ୍କା ନେବେ ବୋଲି ସିଧାସଳଖ କହିଥିଲେ । ତେବେ ନିର୍ଦ୍ଦେଶକ ବଜେଟ୍ କମ୍ ଥିବାରୁ ତାଙ୍କୁ ମାତ୍ର ଗୋଟିଏ ଗୀତ ଲେଖିବାକୁ କହିଥିଲେ । ତେଣୁ ଟଙ୍କା ଟିକେ କମ୍ କରିବା ପାଇଁ ତାଙ୍କୁ ନିବେଦନ କରିଥିଲେ । ଗୋଟିଏ ହେଉ ବା ଚାରୋଟି ଗୀତ ହେଉ ଗୋଟିଏ ଟଙ୍କା ମଧ୍ୟ କମ୍ କରିବେନି ବୋଲି ସିଧାସଳଖ ମନା କରିଥିଲେ । ତେଣୁ ଗୀତିକାରଙ୍କ କଥାରେ ସାବନ କୁମାର ଭାଙ୍ଗି ପଡ଼ି ମନଦୁଃଖରେ ଘରକୁ ଫେରିଥିଲେ । ସେ ଘରୁ ଫେରିବାବେଳେ ତାଙ୍କ ମନକୁ ଏକ ଧାଡ଼ି ଆସିଥିଲା । 'ଅବ୍ ଇନ୍‌କି ଗଲିୟୋଁ ମେଁ କଦମ୍ ନେହିଁ ରଖୁଙ୍ଗା' -ଏହା ହିଁ ଏହି ଫିଲ୍ମର ମୁଖ୍ୟ ଲାଇନ୍ ଥିଲା । ସେ ମ୍ୟୁଜିକ୍ କମ୍ପୋଜର ଉଷା ଖାନଙ୍କ ସହ ଗୀତ ପ୍ରସ୍ତୁତ କରିଥିଲେ । ଏହି ଗୀତଟି ହିଟ୍ ମଧ୍ୟ ହୋଇଥିଲା ।

ସାକ୍ଷାତକାର

# 'ସିନେମାରେ ଅଭିନୟ କରିବା ମୋର ଲକ୍ଷ୍ୟ'

**ଜୟଦେବ ରାଉଳ, ଅଭିନେତା**



ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ ଜଣେ ଅଭିନେତା ହେବେ ବୋଲି । ସ୍ୱପ୍ନ ପୂରା କରିବାକୁ ସେ ଟିକ୍‌ଟକ୍‌ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରୟାସ ହିଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ଦେଲା । ବର୍ତ୍ତମାନ ଆଲବମ୍ ଜଗତର ସେ ଜଣେ ଜଣାଶୁଣା ନାୟକ । ମୟୂରଭଞ୍ଜ ଜିଲ୍ଲା ବାରିପଦାର ଜୟଦେବ ରାଉଳ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ 'ପରଦେଶୀୟା ରାଜା', 'ଟାଙ୍ଗୁମାଡ଼' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ନିକଟରେ ତାଙ୍କ ଅଭିନୀତ 'କନ୍ଧମାଳ ହଳଦୀ' ମ୍ୟୁଜିକ୍ ଭିଡ଼ିଓ ରିଲିଜ୍ ହୋଇଛି । ଅଭିନୟ ଜଗତକୁ ଆସିବା ପାଇଁ ଜୟଦେବଙ୍କୁ ନାନା ସଂଘର୍ଷ କରିବାକୁ ପଡ଼ିଛି । ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣିବା ତାଙ୍କରି ମୁହଁରୁ ।

**କଳା ଦୁନିଆକୁ କାହିଁକି ବାଛିଲେ ?**

- ଅଭିନେତା ହେବାକୁ ଛୋଟ ବେଳୁ ଇଚ୍ଛା ଥିଲା । ସ୍କୁଲ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କରିଲି । ଟିକ୍‌ଟକ୍‌ରେ ମୋର ଅନେକ ପ୍ରଶଂସକ ଥିଲେ । ସୌଭାଗ୍ୟବଶତଃ ଟିକ୍‌ଟକ୍ ଜରିଆରୁ ହିଁ ମ୍ୟୁଜିକ୍ ଆଲବମ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଲା । 'ଝରି ଯାଏ ଲୁହ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । 'ପରଦେଶୀୟା ରାଜା', 'ଟାଙ୍ଗୁମାଡ଼', 'ଝିପି ଝିପି ମେଘ', 'ବାବୁ ସୁନା ଜାନ୍', 'ତାକୁ ଭୁଲିଯାରେ ହୃଦୟ' ଆଦି ମ୍ୟୁଜିକ୍ ଭିଡିଓ ସବୁଠୁ ଅଧିକ ଲୋକପ୍ରିୟତା ଦେଇଛି ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ପ୍ରଥମେ ୪ ଟି ୫ଟି ମ୍ୟୁଜିକ୍ ଭିଡିଓ କରିବା ପରେ ମୋତେ ପାରିଶ୍ରମିକ ମିଳି ନ ଥିଲା । ଯେହେତୁ ଅଭିନୟ ଜଗତରେ କାମ କରିବା ମୋର ଇଚ୍ଛା ଥିଲା, ତେଣୁ ପାରିଶ୍ରମିକକୁ ନେଇ କେବେ ମନ ଊଣା କରି ନାହିଁ ।

**ମ୍ୟୁଜିକ୍ ଭିଡିଓ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

- ନୂଆ ନୂଆ କାମ ଆରମ୍ଭ କରିଥିଲି ଟିକେ ନର୍ଭସ୍ ଲାଗୁଥିଲା । ହେଲେ ଏବେ କାମ କରିବାକୁ ମଜା ଲାଗୁଛି । ପ୍ରଥମେ ଗୀତ ଶୁଣେ । ଏହା ମୋର ହୃଦୟକୁ ଛୁଇଁଲା ପରେ ଅଭିନୟ କରିବାକୁ ସହଜ ହୁଏ । ସେହିପରି ଯେଉଁ ଗୀତ ବୁଝିବାକୁ ମୋତେ କଷ୍ଟ ଲାଗେ ତାହାକୁ ବାରମ୍ବାର ଅଭ୍ୟାସ କରିବାକୁ ପଡ଼ିଥାଏ ।

**କାମ କରିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଥିଲା?**

- ପ୍ରଥମେ କିଛିଟା ମ୍ୟୁଜିକ୍ ଭିଡିଓ କରିବା ପରେ ମୁଁ ଭୁବନେଶ୍ୱରକୁ ଚାଲିଆସିଲି । ଭାବିଥିଲି ମ୍ୟୁଜିକ୍ ଡିରେକ୍ଟରଙ୍କ ଦ୍ୱାରା ଅନେକ ଗୁଡ଼ିଏ ପ୍ରୋଜେକ୍ଟରେ କାମ କରିପାରିବି । ଭୁବନେଶ୍ୱର ଆସିବା ପରେ ବର୍ଷରେ ମୋତେ ମାତ୍ର ଗୋଟିଏ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ମିଳିଥିଲା । ଏଥିରୁ ୨୦୦୦ ଟଙ୍କା ପାରିଶ୍ରମିକ ମିଳିଥିଲା । ମୋ ମା' ଜଣେ ସରକାରୀ କର୍ମଚାରୀ । ବାପା ବି ଚାକିରିଆ । କେହି ବି ଚାହୁଁନଥିଲେ ମୁଁ ଏ ଲାଇନ୍‌କୁ ଆସେ । ସେଥିପାଇଁ ମୁଁ ସେମାନଙ୍କ ସହ କିଛି ସେୟାର୍ କରିପାରିନଥିଲି । ବହୁତ କଷ୍ଟ କରିବାକୁ ପଡ଼ିଥିଲା । ସେହି ସମୟ ମୋ' ଜୀବନର ସବୁଠୁ ଦୁଃଖଦ ମୁହୂର୍ତ୍ତ ।

**ସୁଟିଂ ସେଟ୍‌ରୁ ଆପଣଙ୍କୁ ଜୀବନ ସାଥି ମିଳିଥିଲା?**

- ଅଭିନୟ ଜଗତରେ କାମ କରିବାର ୩ରୁ ୪ବର୍ଷ ପରେ ବରଗଡ଼ରେ କୁକିଜଙ୍କ ସହିତ 'କୁଞ୍ଚ ମରା ଶାଢ଼ି' ମ୍ୟୁଜିକ୍ ଭିଡିଓ ସୁଟ୍ ଚାଲିଥିଲା । ସେହି ସୁଟିଂସେଟ୍‌ରୁ ଆମ ଭିତରେ ବନ୍ଧୁତ୍ୱ, ପ୍ରେମ ଆଉ ତା'ପରେ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲୁ ।

**ଫିଟ୍ ରହିବାକୁ କ'ଣ କରନ୍ତି?**


- ପ୍ରତିଦିନ ବ୍ୟାୟାମ କରିବା ସହିତ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ ।

**ୟୁଟ୍ୟୁବ୍‌ରେ ମଧ୍ୟ ଆପଣଙ୍କ ଭିଡିଓ ଆସୁଛି, ଏହାର ଉଦ୍ଦେଶ୍ୟ କ'ଣ?**

- ଆମେ ଦୁଇଜଣ କଳା ଲାଇନ୍‌ରେ ଅଛୁ । ପ୍ରତ୍ୟେକଙ୍କ ପାଇଁ କାମ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଭଲ ଭାବେ ଜାଣିଛୁ । ପରସ୍ପରକୁ ଆମେ ସହଯୋଗ କରୁ । ସେହିପରି ଆମ ବିବାହର କିଛି ଦିନ ପରେ ଆମେ ବିନା ଯୋଜନାରେ ଗୋଟିଏ ଛୋଟ ବ୍ଲଗ୍ ଅପଲୋଡ୍ କରିଥିଲୁ । ସେତେବେଳେ ବ୍ଲଗ୍‌ଟିକୁ ମିଲିୟନ୍ ଲୋକ ଦେଖିଲେ । ତେଣୁ ଦର୍ଶକଙ୍କ ସହିତ ଯୋଡ଼ି ରହିବାକୁ ଆମେ ବିଭିନ୍ନ ପ୍ରକାର ଭିଡିଓ ବନାଇ ଚାଲିଲୁ । ତେବେ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରି ଦର୍ଶକଙ୍କ ସହ ଯୋଡ଼ି ରହିବା ଆମର ମୂଳ ଉଦ୍ଦେଶ୍ୟ ।


**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

- ପିଲାଦିନରୁ ସିନେମାରେ ଅଭିନୟ କରିବାର ସ୍ୱପ୍ନ ଓ ଲକ୍ଷ୍ୟ ରହିଛି । ସେଥିପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି ।






# ଫାଇନାଲ ଲାଗି ଫ୍ରାନ୍ସ-ସ୍ପେନ୍ ଲଢ଼େଇ



**ଲସ୍ ଏଞ୍ଜେଲ୍ସ,୧୧।୭ (ଏଜେନ୍ସି):** ବେଲଜିୟମକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଆନ୍ ରୁଇଜ୍ ଓ ମିକେଲ ମେରିନୋ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କ୍ୱାର୍ଟରଫାଇନାଲରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିବା ବେଲଜିୟମ୍ ପକ୍ଷରୁ ଫରୱାର୍ଡ ଖେଳାଳି ଚାର୍ଲସ ଡି କାଟଲେୟାର ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଆର୍ଲିଂଟନରେ ଜୁଲାଇ ୧୪ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସ୍ପେନ୍ ସହ ଗତଥରର ରନର୍ସ ଅପ୍ ଫ୍ରାନ୍ସର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଫ୍ରାନ୍ସ ୨-୦ ଗୋଲରେ ମରୋକ୍କୋକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଟିକଟ ହାସଲ ଲାଗି ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ୨୦୧୦ ବିଜେତା ସ୍ପେନ୍ ମଧ୍ୟରେ ଜୋରଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି।

ସୋଫି ଷ୍ଟାଡିୟମ୍‌ରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ଉଭୟ ଦଳ ଅତ୍ୟଧିକ ସତର୍କ ହୋଇ ଖେଳିଥିଲେ। ଖେଳର ୨୯ତମ ମିନିଟ୍‌ରେ ଡେଭିଡ୍ ଓଲମୋଙ୍କ ସଟ୍‌କୁ ବେଲଜିୟମ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଅଟକାଇ ଦେଇଥିଲେ। କିନ୍ତୁ ବଲ୍ ତାଙ୍କ ହାତରେ ବାଜି ରିବାଉଣ୍ଡ ହେଉଥିଲାବେଳେ ସେଠାରେ ଥିବା ସ୍ପେନ୍ ମିଡ୍‌ଫିଲ୍ଡର ଫାବିଆନ୍ ରୁଇଜ୍ ପୋଷ୍ଟକୁ ବଲ ପଠାଇ ପ୍ରଥମ ଗୋଲ ଦେଇଥିଲେ। ଖେଳର ୪୦ତମ ମିନିଟ୍‌ରେ ତିମୋଥି କାଷ୍ଟାଗେନ୍‌ଙ୍କଠାରୁ କ୍ରସ୍ ପାସ୍ ପାଇ ଚାର୍ଲସ ଡି କାଟେଲେୟାର ହେଡର ଜରିଆରେ ଗୋଲ୍‌ଟି ଶୁଝାଇଦେଇଥିଲେ। ପ୍ରଥମାର୍ଦ୍ଧ ଏବଂ ଖେଳର ୮୬ତମ ମିନିଟ୍‌ରେ ଉଭୟ ଦଳ ଖେଳାଳି ବଦଳ କରି ମଧ୍ୟ ଗୋଲ ସ୍କୋର କରିପାରି ନ ଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଡାନି ଓଲମୋଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ମିକେଲ ମେରିନୋ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରି ଖେଳର ମୋଡ଼ ବଦଳାଇ ଦେଇଥିଲେ। ପର୍ତ୍ତୁଗାଲ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ମେରିନୋ ବିଜୟସୂଚକ ଗୋଲ ବଦଳ ଖେଳାଳିଭାବେ ଆସି ସ୍କୋର କରିଥିଲେ। ଖେଳର ଶେଷ ହ୍ୱିସିଲ ବାଜିବା ପର୍ଯ୍ୟନ୍ତ ସ୍ପେନ୍ ୨-୧ରେ ଅଗ୍ରଣୀ ବଜାୟ ରଖିବା ସହ ମୁକାବିଲାକୁ ଜିତି ତୃତୀୟଥର ଲାଗି ସେମିଫାଇନାଲରେ ପ୍ରବେଶ କରିଥିଲା।

## ସୁପର ସବ୍ ମେରିନୋ

**ଲସ୍ ଏଞ୍ଜେଲ୍ସ, ୧୧।୭ (ଏଜେନ୍ସି):** ବେଲଜିୟମ୍ ବିପକ୍ଷ ଏହି ମୁକାବିଲାରେ ମିକେଲ ମେରିନୋ ୮୭ମିନିଟ୍‌ରେ ଗୋଲ ସ୍କୋର କରି ସ୍ପେନ୍‌କୁ ବିଜୟୀ କରାଇଥିଲେ। ସେ ୮୫ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିଲେ। ଏହି ମୁକାବିଲାରେ ସେ ମାତ୍ର ୫ ମିନିଟ୍ ଖେଳି ଏହି ସଫଳତା ପାଇଥିଲେ। ସେହିପରି ପର୍ତ୍ତୁଗାଲ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଖେଳ ଯେତେବେଳେ ଅତିରିକ୍ତ ସମୟକୁ ଯିବ ବୋଲି ଜଣାପଡୁଥିଲା ଠିକ୍ ସେତିକିବେଳେ ବଦଳ ଖେଳାଳିଭାବେ ଆସିଥିବା ମେରିନୋ ଷ୍ଟପେଜ୍ ଟାଇମ୍ ବା ୯୧ ତମ ମିନିଟ୍‌ରେ ଗୋଲ ଦେଇ ସ୍ପେନ୍‌କୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ଏହି ୩୦ ବର୍ଷୀୟ ମିଡ୍‌ଫିଲ୍ଡର ବାର୍ସିଲୋନା ଲାଗି କ୍ଲବ୍ ଫୁଟବଲ ଖେଳୁଛନ୍ତି।

## ସୁପରଷ୍ଟାର ମାନେଙ୍କ ଅବସର

**ଡାକାର,୧୧।୭ (ଏଜେନ୍ସି):** ପ୍ରି-କ୍ୱାର୍ଟରରେ ବେଲଜିୟମ ନିକଟରୁ ୩-୨ ଗୋଲରେ ହାରିଯିବା ପରେ ସେନେଗାଲ ଦଳର ସୁପରଷ୍ଟାର ସାଦିଓ ମାନେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ଦୀର୍ଘ ୧୪ ବର୍ଷ ଧରି ସେନେଗାଲ ପକ୍ଷରୁ ସେ ୧୩୨ଟି ମ୍ୟାଚ୍ ଖେଳି ରେକର୍ଡ ୩୪ଟି ଗୋଲ ସ୍କୋର କରିଛନ୍ତି। ସେ ଏବେ ଦେଶର ଟପ୍ ଗୋଲ ସ୍କୋରର ରହିଛନ୍ତି। ମାନେଙ୍କ ନେତୃତ୍ୱରେ ସେନେଗାଲ ୨୦୨୧ରେ ପ୍ରଥମଥର ଆଫ୍ରିକୀୟ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ଅନ୍ତର୍ଜାତୀୟ ଫୁଟବଲ ଖେଳରୁ ଅବସର ନେଇଥିଲେ ମଧ୍ୟ ସେ କ୍ଲବ୍ ଫୁଟବଲ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ଏବେ ସେ ସାଉଦି ଆରବର ପ୍ରୋ-ଲିଗ୍‌ରେ ଅଲ-ନାସର ପକ୍ଷରୁ ଖେଳୁଛନ୍ତି।




## ହଲାଣ୍ଡଙ୍କ ଜର୍ସିରେ ବ୍ରାଉଟ୍ କାହିଁକି ଲେଖାଯାଇଛି

**ନ୍ୟୁୟର୍କ,୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ନରୱେର ଫରୱାର୍ଡ ଖେଳାଳି ଏର୍ଲିଙ୍ଗ୍ ବ୍ରାଉଟ ହଲାଣ୍ଡଙ୍କର ଲୋକପ୍ରିୟତା ଢ଼େର ବୃଦ୍ଧି ପାଇଛି। ସେ ପାଞ୍ଚଟି ମ୍ୟାଚ୍‌ରୁ ୭ଟି ଗୋଲ ଦେଇସାରିଛନ୍ତି। ହଲାଣ୍ଡଙ୍କ ଲୋକପ୍ରିୟତା ଇନ୍‌ଷ୍ଟାଗ୍ରାମ୍‌ରେ ୪୦ ମିଲିଅନରୁ ବୃଦ୍ଧି ପାଇ ୬୦ ମିଲିଅନ୍‌ରେ ପହଞ୍ଚିଛି। ସେ ମାଞ୍ଚେଷ୍ଟର ସିଟି ପକ୍ଷରୁ କ୍ଲବ୍ ଫୁଟବଲ ଖେଳୁଛନ୍ତି। ସେଠାରେ ତାଙ୍କ ଜର୍ସିରେ କେବଳ ହଲାଣ୍ଡ ଲେଖାଯାଇଛି। କିନ୍ତୁ ସେ ଦେଶ ପକ୍ଷରୁ ଖେଳୁଥିଲାବେଳେ ଜର୍ସିରେ ବ୍ରାଉଟ ହଲାଣ୍ଡ (braut haaland) ଲେଖିଥାନ୍ତି। ଏହାର କାରଣ ହେଲା ମା'ଙ୍କୁ ସମ୍ମାନ ଦେବା। ତାଙ୍କ ମା'ଙ୍କ ନାମ ହେଉଛି ଗ୍ରାଇ ମାରିଟା ବ୍ରାଉଟ। ମା'ଙ୍କ ଶେଷ ନାମକୁ ନରୱେରେ ଅନେକ ଖେଳାଳି ସମ୍ମାନ ଦେବା ସକାଶେ ଜର୍ସିରେ ଲେଖିଥାନ୍ତି। ଏଣୁ ହଲାଣ୍ଡଙ୍କ ନା ପୂର୍ବରୁ ମା'ଙ୍କ ଶେଷନାମ ବ୍ରାଉଟ ରହିଛି। ହଲାଣ୍ଡଙ୍କ ପିତା ଆଲଫ୍-ଆଙ୍ଗ୍ ମଧ୍ୟ ନରୱେ ପକ୍ଷରୁ ଫୁଟବଲ ଖେଳୁଥିଲେ। ସେ ୧୯୯୪ ବିଶ୍ୱକପ୍‌ରେ ନରୱେର ପ୍ରତିନିଧିତ୍ୱ କରିଥିଲେ।



## ଫୁଟବଲର୍ ଆଡାମ୍ସଙ୍କ ଅକାଳ ବିୟୋଗ



**କେପଟାଉନ, ୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ ମଧ୍ୟରେ ଏକ ବଡ଼ ଦୁଃଖଦ ଖବର ଆସିଛି। ଦକ୍ଷିଣ ଆଫ୍ରିକା ଫୁଟବଲ୍ ଦଳର ଏହି ମିଡଫିଲ୍ଡର ଜାଏଡେନ୍ ଆଦାମ୍ସଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୨୫ ବର୍ଷ ବୟସ ହୋଇଥିଲା। ଚଳିତ ବିଶ୍ୱକପରେ ଅଂଶଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ ସେ ସଦସ୍ୟ ରହିଥିଲେ। ଦକ୍ଷିଣ ଆଫ୍ରିକୀୟ ଫୁଟବଲ୍ ତା'ର ଜଣେ ଉଜ୍ଜ୍ୱଳ ଯୁବ ପ୍ରତିଭାଙ୍କୁ ହରାଇଛି ବୋଲି ଦେଶର କ୍ରୀଡା ମନ୍ତ୍ରୀ ଗେଟନ୍ ମ୍ୟାକେଞ୍ଜି କହିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନି। ପୋଲିସ କହିଛି ଯେ ଶନିବାର ସକାଳେ କେନ୍ଦ୍ରୀୟ କେପ୍ ଟାଉନର ଏକ ଘରେ ଆଦାମ୍ସଙ୍କ ମୃତଦେହ ମିଳିଥିଲା। ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଚେକିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ରୁପ୍-ଏ ମ୍ୟାଚ୍ ପୂର୍ବରୁ ଆଦାମ୍ସଙ୍କ ଜେଜେମା'ଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା।

## ୭୪୯ ମିନିଟ୍ ପରେ ଗୋଲ୍ ବରଣକଲେ ସାଇମନ୍

**ଲସ୍‌ଏଞ୍ଜେଲ୍ସ,୧୧।୭ (ଏଜେନ୍ସି):** ସ୍ପେନ୍‌ର ଗୋଲରକ୍ଷକ ଉନାଇ ସାଇମନ୍ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସମୟ ଗୋଲ ବରଣ ନ କରିବାର ରେକର୍ଡ କରିଛନ୍ତି। ୨୦୨୨ରୁ ୨୦୨୬ ବିଶ୍ୱକପ୍ ଯାଏ ୭୪୯ ମିନିଟ୍‌କାଳ ଖେଳରେ ସାଇମନ୍ ଗୋଟିଏ ହେଲେ ଗୋଲ ବରଣ କରିନାହାନ୍ତି। ଏଠାରେ ଗତକାଲି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ୫୪ତମ ମିନିଟରେ ବେଲଜିୟମର ଚାର୍ଲସ ଡି କେଟଲାୟର ହେଡର ଜରିଆରେ ଗୋଲ ଦେବା ପରେ ସାଇମନ୍ ପ୍ରଥମ ଗୋଲବରଣ କରିଥିଲେ। ଏହି କ୍ରମରେ ସେ ଇଟାଲୀର ଗୋଲରକ୍ଷକ ୱାଲଟର ଜେଙ୍ଗାଙ୍କ ବିଶ୍ୱକପ୍ ରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୦ ବିଶ୍ୱକପ୍‌ରେ ଜେଙ୍ଗା ୫୧୭ ମିନିଟ୍ ଖେଳ ପର୍ଯ୍ୟନ୍ତ ଗୋଲ ବରଣ କରି ନ ଥିଲେ। ୨୦୨୨ ବିଶ୍ୱକପ୍‌ରେ ଜାପାନଠାରୁ ୨-୧ ଗୋଲରେ ହାରିବାରେ ସାଇମନ୍ ଶେଷଥର ଗୋଲ ବରଣ କରିଥିଲେ। ତାଙ୍କ ଚମତ୍କାର ଗୋଲରକ୍ଷଣ ବଳରେ ସ୍ପେନ୍ ଏବେ ସେମିଫାଇନାଲରେ ଫ୍ରାନ୍ସ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମୁକାବିଲାଟି ମଙ୍ଗଳବାର ରାତିରେ ଖେଳାଯିବ।



## ଜାତୀୟ ଜୁନିଅର ରଗ୍‌ବୀ: ଓଡ଼ିଶାକୁ କାଂସ୍ୟ

**ଭୁବନେଶ୍ୱର, ୧୧।୭ (ସମିସ):** ହାଇଦରାବାଦ୍‌ରେ ଶେଷ ହୋଇଥିବା ଜାତୀୟ ଜୁନିଅର ରଗ୍‌ବୀରେ ଓଡ଼ିଶା କାଂସ୍ୟ ପଦକ ହାସଲ କରିଛି। ତୃତୀୟ ସ୍ଥାନ ଲାଗି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୩୩-୦ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଓଡ଼ିଶାକୁ ୧୨-୭ରେ ହରାଇଥିବା ବିହାର ଫାଇନାଲରେ ମହାରାଷ୍ଟ୍ରକୁ ୩୬-୫ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଓଡ଼ିଶାର ଖେଳାଳିମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ବିକ୍ରି ହେବ ଫାଇନାଲ୍ ପଡ଼ିଆର ଘାସ

## ପ୍ରତି ଖଣ୍ଡର ମୂଲ୍ୟ ପ୍ରାୟ ୪୩ ହଜାର ଟଙ୍କା

**ନିଉ ଜର୍ସି,୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍‌ର ସ୍ମୃତିକୁ ସାଉଁଟି ରଖିବା ପାଇଁ ଫୁଟବଲ୍‌ପ୍ରେମୀଙ୍କୁ ଏକ ଅଭିନବ ସୁଯୋଗ ମିଳିବାକୁ ଯାଉଛି। ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଏଥିପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିବାକୁ ଯାଉଛି। ନ୍ୟୁ ଜର୍ସି ଷ୍ଟାଡିୟମରେ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ର ପଡ଼ିଆରୁ ଘାସର ଏକ ଛୋଟ ଛୋଟ ଖଣ୍ଡକୁ ସ୍ମାରକୀ ଭାବେ ବିକ୍ରି କରିବାକୁ ଫିଫା ଘୋଷଣା କରିଛି। ଏହି ପ୍ରକୃତ ଘାସ ଖଣ୍ଡର ସାଇଜ ୧୭.୫ ଗୁଣା ୧୭.୫ ରହିଛି। ତେବେ ଏହି ସଂଖ୍ୟା ଇଞ୍ଚ, ସେଣ୍ଟିମିଟର କିମ୍ବା ମିଲିମିଟର ତାହା ସ୍ପଷ୍ଟ କରାଯାଇନାହିଁ। ଫିଫାର ଅନଲାଇନ୍ ଷ୍ଟୋର୍‌ରେ ଏହି ଘାସ ଖଣ୍ଡ ଉପଲବ୍ଧ ହେବ। ଯାହାର ପ୍ରତି ଖଣ୍ଡର ମୂଲ୍ୟ ୪୫୦ ଡଲାର (ପ୍ରାୟ ୪୩ ହଜାର ଟଙ୍କା) ରଖାଯାଇଛି। ଆସନ୍ତା ଜୁଲାଇ ୧୯ରେ ହେବାକୁ ଥିବା ଫାଇନାଲ୍ ପରେ ଏହି ସ୍ମାରକୀଗୁଡ଼ିକୁ ଗ୍ରାହକମାନଙ୍କ ପାଖକୁ ପଠାଯିବ। ପ୍ରତି ଖଣ୍ଡ ଘାସକୁ ଏକ ପ୍ରିମିୟମ୍ କାଚ ବାକ୍ସ ଭିତରେ ସୁରକ୍ଷିତ ଭାବେ ରଖାଯିବ। ଏଥିସହିତ ଏକ ସ୍ମାରକୀ ଡିଭାଇସ୍ ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ପାଇଁ ଏହି ସ୍ମାରକୀର ବିତରଣ କେବଳ ଆମେରିକା ଏବଂ ୟୁରୋପର ଠିକଣା ମଧ୍ୟରେ ସୀମିତ ରହିବ।

## ବିଦେଶ ମାଟିରେ ଅନିମେଶ ଦ୍ରୁତତମ ଭାରତୀୟ



**ଭୁବନେଶ୍ୱର, ୧୧।୭ (ସମିସ):** ଅନିମେଶ କୁଜୁର ବିଦେଶ ମାଟିରେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ଜର୍ମାନୀରେ ଅନୁଷ୍ଠିତ ଫାଷ୍ଟ ଆର୍ମ ଫାଷ୍ଟ ଲେଗ୍ ମିଟ୍'ରେ ଅନିମେଶ ପୁରୁଷ ୧୦୦ ମିଟର ରେସକୁ ୧୦.୧୪ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଫଳରେ ବିଦେଶ ମାଟିରେ ସେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ସେହିଭଳି ଏହା ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ମଧ୍ୟ ହୋଇଛି। ପୂର୍ବରୁ ୧୦୦ ମିଟରରେ ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୫ ସେକେଣ୍ଡ ରହିଥିଲା। ଅନିମେଶ ଏବେ ଓଭରଅଲ୍ ଦେଶର ଦ୍ୱିତୀୟ ଦ୍ରୁତତମ ଧାବକ। ଗତ ମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡରେସନ କପ୍‌ରେ ୧୦.୦୯ ସେକେଣ୍ଡରେ ରେସ ଫିନିଶ କରି ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ୨୦୦ ମିଟରରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

**ପୁରୁଷ ୧୦୦ ମିଟରରେ ଭାରତର ଶ୍ରେଷ୍ଠ-୫ ଟାଇମିଂ**

| ଧାବକ | ଟାଇମିଂ (ସେକେଣ୍ଡ) |
|---|---|
| ଗୁରିନ୍ଦରବୀର ସିଂହ | ୧୦.୦୯ |
| ଅନିମେଶ କୁଜୁର | ୧୦.୧୪ |
| ଅନିମେଶ କୁଜୁର | ୧୦.୧୫ |
| ଗୁରିନ୍ଦରବୀର ସିଂହ | ୧୦.୧୭ |
| ଅନିମେଶ କୁଜୁର | ୧୦.୧୮ |

## ୱିମ୍ବଲଡନ: ନୋସ୍କୋଭାଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ୍




**ଲଣ୍ଡନ, ୧୧।୭ (ଏଜେନ୍ସି):** ଚେକ୍ ରିପବ୍ଲିକର ଲିଣ୍ଡା ନୋସ୍କୋଭା ଏଠାରେ ଚାଲିଥିବା ୱିମ୍ବଲଡନର ୧୩୯ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ୯ମ ସିଡ୍ ନୋସ୍କୋଭା ୬-୨, ୭-୫, ୬-୩ ସେଟ୍‌ରେ ନିଜ ଦେଶର କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ନୋସ୍କୋଭାଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ହୋଇଛି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ଦେଢ଼ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ଚାମ୍ପିଅନ ନୋସ୍କୋଭାଙ୍କୁ ୪.୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୪୫.୮ କୋଟି) ପୁରସ୍କାର ଜିତିଛନ୍ତି। ଓପନ୍ ଏରା ଇତିହାସରେ ୨୭ତମ ଖେଳାଳି ଭାବେ ନୋସ୍କୋଭା ୱିମ୍ବଲଡନ ଟାଇଟଲ୍ ହାସଲ କରିଛନ୍ତି। ସେଥିମଧ୍ୟରୁ ମାର୍ଟିନା ନାଭ୍ରାତିଲୋଭା ସର୍ବାଧିକ ୯ଥର ଚାମ୍ପିଅନ ହୋଇଛନ୍ତି। ସେହିଭଳି ପୁରୁଷ ବିଭାଗ ଏକକ ଫାଇନାଲରେ ପ୍ରଥମ ଦୁଇ ସିଡ୍ ନଂ-୧ ଇଟାଲୀର ଜାନିକ୍ ସିନ୍ନର ଓ ନଂ-୨ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡର ହ୍ୟାରୀ ହେଲିଓଭାରା ଓ ବ୍ରିଟେନ୍‌ର ହେନରୀ ପାଟ୍ଟନ ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଛନ୍ତି।

## ଘାତକ ବୋଲିଂ ସହ କ୍ରାନ୍ତିଙ୍କୁ ୫ ୱିକେଟ

**ଲଣ୍ଡନ,୧୧।୭ (ଏଜେନ୍ସି):** ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡଙ୍କ ଘାତକ ବୋଲିଂ ବଳରେ ଐତିହାସିକ ଲର୍ଡ୍ସ ଷ୍ଟାଡିୟମ୍‌ରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୧୧୫ ରନ୍‌ର ବୃହତ୍ ଅଗ୍ରଣୀ ନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତର ୨୮୫ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳରେ ଇଂଲଣ୍ଡ ୧୭୦ ରନ୍ କରିଥିଲା। କ୍ରାନ୍ତି ଗୌଡ଼ ୩୭ ରନ୍ ଦେଇ ସର୍ବାଧିକ ୫ ୱିକେଟ ନେଇଥିଲା। ଇଂଲଣ୍ଡ ପକ୍ଷରୁ ଆମି ଜୋନ୍ସ ସର୍ବାଧିକ ୫୨ ଓ ଅଧିନାୟିକା ନାତାଲି ସିଭର-ବ୍ରଣ୍ଟ୍ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ଶନିବାର ଷ୍ଟମ୍ପ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ ହରାଇ ୧୫୪ ରନ୍ ସଂଗ୍ରହ କରିନେଇଛି। ସ୍ମୃତି ମନ୍ଧାନା ୬୯ ଓ ଯଷ୍ଟିକା ଭାଟିଆ ୩୯ ରନ୍ କରି ଖେଳୁଛନ୍ତି। ଭାରତ ମୋଟ ଉପରେ ୨୬୯ ରନ୍‌ରେ ଅଗ୍ରଣୀ ରହିଛି।

**ଭାରତ ପ୍ରଥମ ଇନିଂସ ଅଗ୍ରଣୀ**



## ପଞ୍ଚମ ଟି-୨୦: ପରାଜୟ ଭାରତର ପିଛା ଛାଡୁନି


# ଇଂଲଣ୍ଡ ୪-୦ରେ ସିରିଜ ବିଜୟୀ



| | |
|---|---|
| ଜୋଶ ବଟଲର | |
| ରନ୍ | ୧୩୧ |
| ବଲ୍ | ୬୪ |
| ଚୌକା | ୧୨ |
| ଛକା | ୦୮ |

**ସାଉଥାମ୍ପଟନ, ୧୧।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଶନିବାର ଖେଳାଯାଇଥିବା ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୫୬ ରନରେ ଜିତିନେଇଛି। ଏଥିସହ ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱାଧୀନ ଘରୋଇ ଇଂଲଣ୍ଡ ୪-୦ରେ ସିରିଜ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ମ୍ୟାଚ ବର୍ଷା ଲାଗି ବାତିଲ ହୋଇଥିଲା। ପରବର୍ତ୍ତୀ ୪ଟି ମ୍ୟାଚରେ ଭାରତୀୟ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇ ସିରିଜ ହାରିଛି। ଏହି ସିରିଜ ପୂର୍ବରୁ ଆୟର୍ଲାଣ୍ଡ ନିକଟରୁ ମଧ୍ୟ ଭାରତ ୨-୦ରେ ସିରିଜ ହାରିଥିଲା। ଫଳରେ ଚଳିତ ୟୁକେ ଗସ୍ତରେ ଭାରତ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୭ ଟି-୨୦ରୁ ଛଅଟି ପରାଜୟବରଣ କରିଛି। ଏବେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ ଜୁଲାଇ ୧୪ରୁ ଏଜବାଷ୍ଟନରେ ଆରମ୍ଭ ହେବ।

ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ଜୋଶ ବଟଲରଙ୍କ ଶତକ ବଳରେ ୩ ୱିକେଟରେ ୨୫୭ ରନର ବିଶାଳ ସ୍କୋର କରିଥିଲା। ବଟଲର ସର୍ବାଧିକ ୧୩୧ ରନ କରିଥିଲେ। କ୍ୟାରିୟରର ଏହି ଦ୍ୱିତୀୟ ଟି-୨୦ ଶତକରେ ସେ ୬୪ ବଲର ସାମ୍ନା କରି ୧୨ଟି ଚୌକା ଓ ୮ଟି ଛକା ମାରିଥିଲେ। ସେହିଭଳି ଅଧିନାୟକ ହ୍ୟାରୀ ବ୍ରୁକ ୪୫ଟି ବଲରେ ୯୫ ରନ (୮ଟି ଛକା ଓ ୪ଟି ଚୌକା)ର ଅପରାଜିତ ପାଳି ଖେଳିଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୧୦୨ ବଲରୁ ୨୩୩ ରନ ସଂଗ୍ରହ କରିଥିଲେ। ଟି-୨୦ କ୍ରିକେଟ୍‌ରେ ଯେକୌଣସି ୱିକେଟରେ ଏହା ଇଂଲଣ୍ଡ ପାଇଁ ସର୍ବବୃହତ ଭାଗୀଦାରି ହୋଇଛି। ଭାରତୀୟ ବୋଲରଙ୍କ ମଧ୍ୟରେ ଶିବମ ଦୁବେ ଗୋଟିଏ ଓଭରରେ ୨୨ ରନ ଦେଇ ସର୍ବାଧିକ ଦୁଇଟି ୱିକେଟ୍ ନେଇଥିଲେ। ଜବାବରେ ଇଶାନ କିଶାନ (୫୬ ରନ) ଓ ତିଲକ ବର୍ମା (୫୩ ରନ)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ୮ ୱିକେଟରେ ୨୦୧ ରନ କରିବାକୁ ସମର୍ଥ ହୋଇଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ସ୍ଥାନରେ ସ୍ଥାନ ପାଇଥିବା ସଞ୍ଜୁ ସାମସନ ୨୭ ରନ କରିଥିଲେ। ସାମ କରନଙ୍କୁ ୩ ଓ ଆଦିଲ ରଶିଦଙ୍କୁ ୨ଟି ୱିକେଟ୍ ମିଳିଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS